୬ ▶ ଟେଷ୍ଟ କ୍ରିକେଟରେ ସବୁଠାରୁ ସଫଳ ବାମହାତୀ ବୋଲର ହେଲେ ମିଚେଲ ଷ୍ଟାର୍କ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୯୫ • ୧୪ ଅଗଷ୍ଟ ୨୦୨୬ ଶୁକ୍ରବାର • ଭୁବନେଶ୍ୱର • Vol -33 • Issue-195 • 14th August 2026, Friday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଶେଷ ହେଲା ମୌସୁମୀ ଅଧିବେଶନ

# ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୧୩।୮

ତୁମୂଳ ହଟ୍ଟଗୋଳ ଓ ପ୍ରତିବାଦ ମଧ୍ୟରେ ଗୁରୁବାର ସଂସଦର ଉଭୟ ଗୃହ ଲୋକସଭା ଓ ରାଜ୍ୟସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି। ଏହା ସହିତ ସଂସଦର ମୌସୁମୀ ଅଧିବେଶନ ଶେଷ ହୋଇଛି।

ମୌସୁମୀ ଅଧିବେଶନର ଶେଷ ଦିନରେ ଲୋକସଭାରେ ବିରୋଧୀ ଦଳର ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୁରୁବାର ସକାଳେ ଗୃହର କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ନାରାବାଜି କରିଥିଲେ। ସାଧାରଣତଃ ଗୃହର କାର୍ଯ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥାଏ, କିନ୍ତୁ ଗୁରୁବାର ସକାଳ ପ୍ରାୟ ୧୧ଟା ୦୫ ମିନିଟରେ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।



ଅଧିବେଶନର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ସଂସଦରେ ଉପସ୍ଥିତ ଥିଲେ। ଜୁଲାଇ ୨୦ ତାରିଖ ପରେ ପ୍ରଥମ ଥର ପାଇଁ ଅମିତ ଶାହ ଗୃହରେ ଦେଖାଯାଇଥିଲେ।

ଅନ୍ୟପକ୍ଷରେ, ମୌସୁମୀ ଅଧିବେଶନର ଶେଷ ଦିନରେ ରାଜ୍ୟସଭାରେ 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଧେୟକ, ୨୦୨୬' ପାରିତ (ପୃଷ୍ଠା ୭ରେ)

## ଗୃହରେ ପ୍ରତିଧ୍ୱନିତ ହେଲା 'ବନ୍ଦେ ମାତରମ'

ନୂଆଦିଲ୍ଲୀ, ୧୩।୮

ମୌସୁମୀ ଅଧିବେଶନର ଶେଷ ଦିନରେ ଲୋକ ସଭାର କାର୍ଯ୍ୟକାଳ 'ବନ୍ଦେ ମାତରମ' ଗାନ ସହିତ ଆରମ୍ଭ ହୋଇଥିଲା। ଏମିତି ଘଟଣା ସଂସଦରେ ପ୍ରଥମ ଥର ପାଇଁ ପରିଲକ୍ଷିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଂସଦର ଅନ୍ୟ ସମସ୍ତ ସଦସ୍ୟ ସେହି ସମୟରେ ଗୃହରେ ଉପସ୍ଥିତ ଥିଲେ। ତଥାପି, ମୌସୁମୀ ଅଧିବେଶନ ବାଧାପ୍ରାପ୍ତ ହୋଇଥିଲା। ଅଗଷ୍ଟ ୧୩, ୨୦୨୬ ରେ ଅଧିବେଶନ (ପୃଷ୍ଠା ୭ରେ)

## ଶକ୍ତି ବିଭାଗର ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ୨୦୩୦ ସୁଦ୍ଧା ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୩।୮
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି । ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍ ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିଶନ୍ ଲାଇନ୍ ମଧ୍ୟ ବିଛାଯାଇଛି । ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟବାସୀଙ୍କ ପାଇଁ ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ତଥା ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ୭୬୫ କେଭି ଗ୍ରୀଡ୍‌ର ଏକ ରିଙ୍ଗ ସିଷ୍ଟମ୍ ସ୍ଥାପନ କରାଯାଉଛି ବୋଲି ବୈଠକରୁ ଜଣାଯାଇଛି।



ଏହି ସିଷ୍ଟମ ପାଇଁ ଅନୁଗୋଳ ଓ ସୁନ୍ଦରଗଡ଼ରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ଼ ନିକଟସ୍ଥ ବେଡଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍ ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି ।

ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍ ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି । ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି। ସେହିଭଳି, ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତାମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ (ପୃଷ୍ଠା ୭ରେ)

## ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୩।୮
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନରେ ସାମିଲ ହୋଇ ନିଜ ବାସଭବନରେ ତ୍ରିରଙ୍ଗା ଉଡାଇଛନ୍ତି,। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହାର ଫଟୋ ପୋଷ୍ଟ କରି ଜନ ସାଧାରଣଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

## ଆଜିର ମୁଖ୍ୟ ଖବର

- ନଡ୍ଡା ୧୬ ଅଗଷ୍ଟରେ ବଙ୍ଗାଳରେ ଆରମ୍ଭ କରିବେ ଆୟୁଷ୍ମାନ ଭାରତ ସେବା।
- ଝାଡଖଣ୍ଡର ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ ବିରୋଧରେ ବିଜେପି ସାଂସଦମାନଙ୍କ ସଂସଦ ପରିସରରେ ପ୍ରଦର୍ଶନ।
- ସ୍ୱାଧୀନତା ଦିବସରେ ସକାଳ ୪ଟାରୁ ଦିଲ୍ଲୀରେ ମେଟ୍ରୋ ସେବା ଆରମ୍ଭ ହେବ: ଡିଏମ୍ଆରସି।
- ରାଜସ୍ଥାନ, ତେଲେଙ୍ଗାନାକୁ ମିଳିଲା କୃଷି ଯୋଜନା ପାଇଁ ୬୦୫.୭୧ କୋଟି ଟଙ୍କା।
- କେନିଆ ସଂସଦୀୟ ପ୍ରତିନିଧିମଣ୍ଡଳ ସହ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ସାକ୍ଷାତ।
- ଆରଜି କର ମାମଲାରେ ପୂର୍ବତନ ତୃଣମୂଳ ବିଧାୟକ ନିର୍ମଳ ଘୋଷ ଓଡ଼ିଶାରୁ ଗିରଫ।
- ନେପାଳର ରୋଲପା ଜିଲ୍ଲାରେ ଭୂସ୍ଖଳନ: ତିନି ଜଣଙ୍କର ମୃତ୍ୟୁ, ନଅ ଜଣ ନିଖୋଜ।
- ନେପାଳରେ ପ୍ରବଳ ବର୍ଷା ଯୋଗୁଁ ମଧ୍ୟ-ପାହାଡ଼ ରାଜପଥ ଅବରୋଧ, ହଜାର ହଜାର ଯାତ୍ରୀ ଫସି ରହିଥିବା ସୂଚନା।

# ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୧୩।୮
ନ୍ୟୁଜ୍ ବ୍ୟୁରୋ

ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି। ତିନି ସପ୍ତାହ ଭିତରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।



ଜନସ୍ୱାର୍ଥ ଆବେଦନରେ ଉଲ୍ଲେଖ କରାଯାଇଛି ଯେ ନିକଟ ଅତୀତରେ ରାଜ୍ୟର ମୟୂରଭଞ୍ଜ, କୋରାପୁଟ ଓ ଗଜପତି ଜିଲ୍ଲାରେ ସରକାରୀ ସ୍କୁଲରେ ପାଚେରୀ, କଂକ୍ରିଟ ଫଳକ ପଡ଼ି ଏକାଧିକ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। କିନ୍ତୁ ବାରମ୍ବାର ଏପରି ଦୁଃଖଦ ଘଟଣା ଘଟିବା ପରିପ୍ରେକ୍ଷୀରେ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ମାର୍ଗଦର୍ଶିକା ପ୍ରସ୍ତୁତ ପାଇଁ ଏକ ଟାସ୍କଫୋର୍ସ କିମ୍ବା ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯିବା ଉଚିତ। ସ୍କୁଲରେ ଛାତ୍ରଛାତ୍ରୀଙ୍କ ସହିତ ଘଟୁଥିବା ଏପରି ଅଘଟଣର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ କ୍ଷତିଗ୍ରସ୍ତ ଅଭିଭାବକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।

ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଚଳିତ ଅଗଷ୍ଟ ମାସରେ ରାଜ୍ୟର ସ୍କୁଲ ଗୁଡିକରେ ସୁରକ୍ଷା (ପୃଷ୍ଠା ୭ରେ)

# ଇରାନ ଜାଣିଥିଲା ତୁର୍କୀରେ ଟ୍ରମ୍ପଙ୍କ ରହଣୀର ଠିକଣା

ୱାଶିଂଟନ, ୧୩।୮

ତୁର୍କୀର ଅଙ୍କାରାରେ ଗତ ମାସରେ ନାଟୋ ଶିଖର ସମ୍ମିଳନୀରେ ଯୋଗଦେବା ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କେଉଁଠାରେ ରହୁଥିଲେ, ତାହା ଇରାନ୍‌ର ଗୁଇନ୍ଦା ଅଧିକାରୀମାନେ ଜାଣିଥିଲେ ବୋଲି ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି। ଆମେରିକୀୟ ଗୁଇନ୍ଦା ସୂଚନା ଅନୁସାରେ, ଇରାନୀୟ ଅପରେଟିଭ୍‌ମାନେ କେବଳ ଟ୍ରମ୍ପଙ୍କ ରହଣୀସ୍ଥଳ ନୁହେଁ, ସେ ଭବନର କେଉଁ ମହଲାରେ ରହୁଥିଲେ, ସେ ସମ୍ପର୍କରେ ମଧ୍ୟ ତଥ୍ୟ ହାସଲ କରିଥିଲେ।

ଏହି ଗୁଇନ୍ଦା ସୂଚନାକୁ ଗୁରୁତର ସୁରକ୍ଷା ବିପଦ ଭାବେ ନେଇଥିଲା ଆମେରିକା। ଫଳରେ ଜୁଲାଇ ୮ରେ ଅଙ୍କାରାରୁ ଟ୍ରମ୍ପଙ୍କ ପ୍ରସ୍ଥାନ ପୂର୍ବରୁ ତାଙ୍କୁ ଗୋପନରେ ଅନ୍ୟ ଏକ ବିମାନରେ ନେବାକୁ ନିଷ୍ପତ୍ତି ହୋଇଥିଲା। ସୁରକ୍ଷା ଅଧିକାରୀମାନଙ୍କ ଆଶଙ୍କା ଥିଲା ଯେ ତାଙ୍କ ଉପରେ ଆକ୍ରମଣ ହୋଇପାରେ। ଏହା ପରେ ଟ୍ରମ୍ପଙ୍କୁ ଏକ ଛୋଟ ସି-୩୨ଏ ବିମାନରେ ଗୋପନରେ ସ୍ଥାନାନ୍ତର କରାଯାଇଥିଲା। ଯୋଜନା ଅନୁସାରେ, ଟ୍ରମ୍ପ୍ ପ୍ରଥମେ ସାଧାରଣ ଭାବେ ଏୟାର୍ ଫୋର୍ସ ୱାନ୍‌ରେ ଚଢ଼ିଥିଲେ। ତାଙ୍କୁ ସେହି ବିମାନରେ ଆମେରିକା ଫେରିବାକୁ ଥିବା ଭଳି ଦେଖାଯାଇଥିଲା। (ପୃଷ୍ଠା ୭ରେ)

## ସୁପ୍ରିମ୍‌କୋର୍ଟରେ ଓଡ଼ିଶା ଡିଜିପି ନିଯୁକ୍ତି ମାମଲା : ୧୮ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୩।୮

ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ଦେଖାଦେଇଥିବା ବିବାଦୀୟ ମାମଲାର ୧୮ ଅଗଷ୍ଟରେ ପରବର୍ତ୍ତୀ ଶୁଣାଣି ହେବ। ଏନେଇ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଆସନ୍ତା ୧୮ ଅଗଷ୍ଟ ପର୍ଯ୍ୟନ୍ତ ଡିଜିପି ଚୟନ ନେଇ ୟୁନିଅନ୍ ପବ୍ଲିକ୍ ସର୍ଭିସ କମିଶନ କୌଣସି ନିଷ୍ପତ୍ତି ନେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ୧୮ ଅଗଷ୍ଟରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୧୬ ତାରିଖରେ ବର୍ତ୍ତମାନର ଡିଜି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ରାଜ୍ୟରେ ପରବର୍ତ୍ତୀ ଡିଜି ପଦବୀରେ କାହାକୁ ଅବସ୍ଥାପିତ କରାଯିବ ସେନେଇ ବିଚାରବିମର୍ଷ ଜାରି ରହିଛି।

## ଏୟାର ଇଣ୍ଡିଆକୁ ସରକାରଙ୍କ କଡ଼ା ଚେତାବନୀ

ନୂଆଦିଲ୍ଲୀ, ୧୩।୮

ଏୟାର ଇଣ୍ଡିଆ ବିମାନର ପରିଚାଳନାଗତ ତ୍ରୁଟି ଓ କ୍ରମାଗତ ସୁରକ୍ଷା ସମସ୍ୟାକୁ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅତ୍ୟନ୍ତ ଗମ୍ଭୀର ଆଭିମୁଖ୍ୟ ଗ୍ରହଣ କରିଛି। ବିମାନ ଚଳାଚଳର ସୁରକ୍ଷା ନିଶ୍ଚିତ କରିବା ଏବଂ କାର୍ଯ୍ୟପ୍ରଣାଳୀ ଉପରେ କଡ଼ା ନଜର ରଖିବା ପାଇଁ ସରକାର ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସହ କଡ଼ା ଚେତାବନୀ ଦେଇଛନ୍ତି। ଏହାସହିତ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଡ୍ରଗ୍-ଟେଷ୍ଟିଂ ନିୟମରେ ତୁରନ୍ତ ସଂଶୋଧନ କରିବା ଏବଂ ବାଧ୍ୟତାମୂଳକ ପରୀକ୍ଷା ପରିସରକୁ ବୃଦ୍ଧି କରିବାକୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ସହ କରନ ଆଦାନୀଙ୍କ ଆଲୋଚନା

# ଆଲୁମିନିୟମ ଶିଳ୍ପରେ କମ୍ପାନୀ ଏକ ଲକ୍ଷ କୋଟି ଟଙ୍କା ନିବେଶ କରିବ

ଭୁବନେଶ୍ୱର, ୧୩।୮
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶିଳ୍ପପତି ଗୌତମ ଆଦାନୀଙ୍କ ପୁଅ ତଥା ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସ୍‌ଇଜେଡର ପରିଚାଳନା ନିର୍ଦ୍ଦେଶକ କରନ ଆଦାନୀ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଆଦାନୀ ଗ୍ରୁପ୍ ଆଲୁମିନିୟମଠାରୁ ଆରମ୍ଭ କରି ଶକ୍ତି କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବିପୁଳ ନିବେଶ ଘୋଷଣା କରିଥିବାରୁ ଏହି ସାକ୍ଷାତକାରକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରାଯାଉଛି। ଆଲୁମିନିୟମ ଶିଳ୍ପରେ କମ୍ପାନୀ ଏକ ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ ଯାଉଛି।

ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ହୋଇଛି ଆଲୋଚନା । ମୁଖ୍ୟମନ୍ତ୍ରୀଙ୍କ ସହ କରନ ଆଦାନୀ ଏହି ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି ।ଅନ୍ୟ ପକ୍ଷରେ, ଖାରବେଳ (ପୃଷ୍ଠା ୭ରେ)



# ଆହୁରି ସକ୍ରିୟ ହେଲା ଲଘୁଚାପ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩।୮
ନ୍ୟୁଜ୍ ବ୍ୟୁରୋ

ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହେଲା ଲଘୁଚାପ । ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବାରିପଦା ଠାରୁ ୧୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି ଲଘୁଚାପ । ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମବଙ୍ଗ ଦେଇ ଝାଡଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟାରେ ପ୍ରାୟ ସାରା ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡ଼ି ପକ୍ଷରୁ ୱାର୍ଣ୍ଣିଂ ଜାରି କରାଯାଇଛି । ଲଘୁଚାପ ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିପାରେ । ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଏହି ସମୟରେ ସମୁଦ୍ରକୁ ନଯିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଗତ ୨୪ ଘଣ୍ଟା ଭିତରେ ଜଗତସିଂହପୁର କୁଜଙ୍ଗରେ ସର୍ବାଧିକ ୧୧୩ ମିମି ବର୍ଷା ରେକର୍ଡ କରାଯାଇଛି ।




## ଏକାଳ ପଖାଳ



ଆଦେଶ ଫାଦେଶ କାମ ଦିଏନି
ବାବୁଏ ମାନନ୍ତି ନାହିଁ
ଚିଲ୍ଲେଇ ଚିଲ୍ଲେଇ ଗଳା ଫଟେଇଲେ
ଲାଭ ସେଥିରେବା କାଇଁ
କାଗଜ ବାଘ ମୁହଁଟାକୁ ଚାହିଁ
ଜନତା ଭାବଇ ସୁନ୍ଦର ଦିଶୁଛି
ହେଲେ ପାରୁନାହିଁ ଖାଇ।

# କ୍ୟାନ୍ସରକୁ 'ସୂଚନୀୟ ରୋଗ' ଘୋଷଣା କରିବା ନେଇ ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୩।୮

ଦେଶରେ କ୍ୟାନ୍ସର ରୋଗୀଙ୍କ ଚିହ୍ନଟ, ଚିକିତ୍ସା ଓ ତଥ୍ୟ ସଂଗ୍ରହରେ ସମାନତା ଆଣିବା ପାଇଁ କ୍ୟାନ୍ସରକୁ ସୂଚନୀୟ ବା 'ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ' ଭାବେ ଘୋଷଣା କରିବାକୁ ସୁପ୍ରିମକୋର୍ଟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କହିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେଇ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆଦେଶ କାର୍ଯ୍ୟକାରୀ କରିସାରିଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। କ୍ୟାନ୍ସରକୁ ସାରା ଦେଶରେ ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ ଘୋଷଣା କରିବା ଦାବିରେ ଦାଖଲ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ମତ ଜାଣିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନୀଲ କୌଶିକ କୋର୍ଟଙ୍କୁ କହିଥିଲେ ଯେ ସ୍ୱାସ୍ଥ୍ୟ ରାଜ୍ୟ ତାଲିକାଭୁକ୍ତ ବିଷୟ। ତାଙ୍କ ଅନୁସାରେ, ଏପର୍ଯ୍ୟନ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୭ଟିରେ କ୍ୟାନ୍ସରକୁ ଅନିବାର୍ଯ୍ୟ ଭାବେ ରିପୋର୍ଟ କରାଯିବାକୁ ଥିବା ରୋଗ ଭାବେ ଘୋଷଣା କରାଯାଇସାରିଛି। ଏହା ପରେ ପ୍ରଧାନ ବିଚାରପତି କେନ୍ଦ୍ରକୁ (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୪ ଅଗଷ୍ଟ ୨୦୨୬ ଶୁକ୍ରବାର





## ଜିଲ୍ଲାପାଳଙ୍କ ସହିତ ପ୍ୟାକ୍ସ ସମ୍ପାଦକଙ୍କ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୃଷି ସମବାୟ ସମିତି ସମ୍ପାଦକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ୮ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରି ସମସ୍ୟାର ସମାଧାନ ନହେବାରୁ ସମିତି ସମ୍ପାଦକମାନେ ଧାନ ପଞ୍ଜିକରଣ ନିମନ୍ତେ ଦିଆଯାଉଥିବା ପ୍ରଶିକ୍ଷଣକୁ ସମ୍ପାଦକମାନେ ବର୍ଜନ କରିଥିଲେ। ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃଷି ସମବାୟ ସମିତି ସଂଘର ଜିଲ୍ଲା ସଭାପତି ବୈରାଗୀ ଚରଣ ସାହୁ, ସମ୍ପାଦକ ଅସିତ୍ କୁମାର ବେହୁରା, ଉପଦେଷ୍ଟା ବଜ୍ରବନ୍ଧୁ ଦାସ, ଗୌରାଙ୍ଗ ପ୍ରଧାନଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଗୋଟି ଦାବି ଗୁଡିକ ମଧ୍ୟରୁ ଯେଉଁ ଦାବି ଗୁଡିକ ଜିଲ୍ଲା ପ୍ରଶାସନ ଅଧିନରେ ରହିଛି ସେଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଦାବି ଗୁଡିକ ରାଜ୍ୟ ସରକାରଙ୍କର ସମବାୟ ବିଭାଗକୁ ପଠାଇ ସେଠାରେ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ଆଲୋଚନା ସମୟରେ ଜିଲ୍ଲା ଡି.ଆର୍ .ସି.ଏସ୍ ପ୍ରଭାକର ନାୟକ, ଏ.ଆର୍.ସି.ଏସ୍ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା କୃଷି ସମବାୟ ସମିତିର ସମ୍ପାଦକମାନେ ଧାନ ପଞ୍ଜିକରଣ ସହିତ ସମସ୍ତ ସରକାରୀ କାର୍ଯ୍ୟରେ ସହଯୋଗ କରିବେ ବୋଲି ଜଣାପଡିଛି।

## ବିଦ୍ୟୁତ୍ ବିଭ୍ରାଟ:୧୫ ଦିନ ଧରି ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ୍ ଅନ୍ଧାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରର ପ୍ରମୁଖ କ୍ରୀଡ଼ା ଭିତ୍ତିଭୂମି ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଦୀର୍ଘ ଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି । ଷ୍ଟାଡ଼ିୟମ୍ ପରିସରରେ ଥିବା ବିଦ୍ୟୁତ୍ ପ୍ୟାନେଲ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗତ ୧୫ ଦିନରୁ ଅଧିକ ସମୟ ଧରି ବିଭିନ୍ନ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇରହିଛି । ଏହି ବିଦ୍ୟୁତ୍ ସମସ୍ୟାର ପ୍ରଭାବ ଷ୍ଟାଡ଼ିୟମ୍‌ର ମୁଖ୍ୟ ଫାଟକରେ ଥିବା ନାମଫଳକ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଭାରୋତ୍ତୋଳନ ହଲ୍ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଛି । ବିଦ୍ୟୁତ୍ ନଥିବାରୁ ଷ୍ଟାଡ଼ିୟମ୍‌ର ବିଭିନ୍ନ ସୁବିଧା ଓ କ୍ରୀଡ଼ାଭିତ୍ତିକ କାର୍ଯ୍ୟକଳାପ ପ୍ରଭାବିତ ହେଉଥିବା ଜଣାପଡ଼ିଛି । ସେହିପରି କ୍ରୀଡ଼ା ଭିତ୍ତିଭୂମିରେ ଏଭଳି ଦୀର୍ଘଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଲାଗିରହିବା ନେଇ କ୍ରୀଡ଼ାବିତ୍ ଓ ଅଭ୍ୟାସରତ ଖେଳାଳୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଭାରୋତ୍ତୋଳନ ପ୍ରତିଯୋଗିତାରେ ଦେଶରେ ବ୍ରହ୍ମପୁର ଖେଳାଳିମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । କିନ୍ତୁ ବର୍ତ୍ତମାନ ବିଦ୍ୟୁତ୍ ସମସ୍ୟା ଯୋଗୁ ଭାରୋତ୍ତୋଳନ ହଲ୍‌ରେ ଅଭ୍ୟାସ ବାଧାପ୍ରାପ୍ତ ହେଉଛି । ହଲ୍‌କୁ ବିଦ୍ୟୁତ୍ ସଂଯୋଗ ଦେଉଥିବା ପ୍ୟାନେଲ୍‌ରେ ସମସ୍ୟା ଦେଖାଦେବାରୁ ବିଦ୍ୟୁତ୍ ଯୋଗାଣରେ ବାରମ୍ବାର ବାଧା ସୃଷ୍ଟି ହେଉଛି । ଲଗାଣ ବର୍ଷା ଯୋଗୁ ପ୍ୟାନେଲ୍ ଓ କେବୁଲ୍‌ରେ ପାଣି ପଶିଯିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ଜଣାପଡ଼ିଛି । ଫଳରେ ଭାରୋତ୍ତୋଳନ ହଲ୍‌ରେ ୨୨ଟି ପ୍ରାକ୍ଟିସ୍ ପ୍ଲାଟ୍‌ଫର୍ମ ଓ ଗୋଟିଏ ପ୍ରତିଯୋଗିତା ପ୍ଲାଟ୍‌ଫର୍ମ ଏକ ପ୍ରକାର ଅଲୋଡ଼ା ହୋଇପଡ଼ିଛି । ଷ୍ଟାଡ଼ିୟମ୍‌ରେ ବିଦ୍ୟୁତ୍ ବିଭ୍ରାଟ କାରଣରୁ କେବଳ ଭାରୋତ୍ତୋଳନ ହଲ୍ ନୁହେଁ ଷ୍ଟାଡ଼ିୟମ୍ ପରିସରରେ ଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏହାର ପ୍ରଭାବ ପଡ଼ିଥିବା ଅଭିଯୋଗ ହୋଇଛି । ପ୍ୟାନେଲ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୀର୍ଘ ୨ ସପ୍ତାହରୁ ଅଧିକ ସମୟ ହେବ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ବିଭିନ୍ନ ସମୟରେ ଭାରୋତ୍ତୋଳନ ହଲ୍‌କୁ ଅନ୍ୟ ପ୍ରତିଯୋଗିତା ନିମନ୍ତେ ବ୍ୟବହାର କରାଯାଉଥିବା ବେଳେ ଏହି ସମୟରେ ଖେଳାଳିଙ୍କ ଅଭ୍ୟାସରେ ବାଧା ସୃଷ୍ଟି ହୋଇଛି । ତେଣୁ ଏହି ଭାରୋତ୍ତୋଳନ ହଲ୍‌କୁ ଅନ୍ୟ କୌଣସି ଖେଳ ନିମନ୍ତେ ବ୍ୟବହାର ନକରିବାକୁ ଖେଳାଳିମାନେ ଦାବି କରିଛନ୍ତି । ତେଣୁ ତୁରନ୍ତ ଯାନ୍ତ୍ରିକ ତ୍ରୁଟି ମରାମତି କରି ଷ୍ଟାଡ଼ିୟମ୍‌ର ସମସ୍ତ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରିବା ସହ ଭାରୋତ୍ତୋଳନ ହଲ୍‌କୁ ଅନ୍ୟ କୌଣସି ଖେଳ ନିମନ୍ତେ ବ୍ୟବହାର ନକରିବାକୁ କ୍ରୀଡ଼ାବିତ୍ ଓ ଅଭ୍ୟାସରତ ଖେଳାଳୀମାନେ ଦାବି କରିଛନ୍ତି । ଅପରପକ୍ଷେ ଷ୍ଟାଡ଼ିୟମ୍‌ରେ ଥିବା ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ବିଭିନ୍ନ ଦିଗରୁ ସମୀକ୍ଷା ପରେ ପ୍ୟାନେଲ୍‌ରେ ସମସ୍ୟା ଥିବା ଜାଣି ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି । ଏହାସହ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ାଯାଇଛି । ଆଗାମୀ ଦିନରେ ଏହାର ମରାମତି କରାଯିବ ବୋଲି ଜିଲ୍ଲା କ୍ରୀଡ଼ାଧିକାରୀ ଦିବ୍ୟରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ସାଇବର ଅପରାଧରୁ ସୁରକ୍ଷା ପାଇଁ ପୋଲିସର ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସାଇବର ଅପରାଧରୁ ସୁରକ୍ଷା ପାଇଁ ସୁବର୍ଣ୍ଣପୁର ପୋଲିସର ସଚେତନତା କାର୍ଯ୍ୟକ୍ରମ ଦିନକୁ ଦିନ ବଢୁଥିବା ସାଇବର ଅପରାଧ ଓ ଅନ୍‌ଲାଇନ୍ ଠକେଇକୁ ରୋକିବା ସହ ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ପୋଲିସ ପକ୍ଷରୁ ଡୁଙ୍ଗୁରିପାଲି ଓ ରାମପୁର ଥାନା ଦ୍ୱାରା ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀମାନେ ସାଇବର ଠକେଇର ବିଭିନ୍ନ ଉପାୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ବିଶେଷକରି OTP, ATM/PIN, CVV, ବ୍ୟାଙ୍କ ଆକାଉଣ୍ଟ ଓ UPI ତଥ୍ୟ କାହା ସହିତ ସେୟାର ନକରିବା, ଅଜଣା ଲିଙ୍କରେ କ୍ଲିକ୍ ନକରିବା ଏବଂ ଅଜଣା ବ୍ୟକ୍ତିଙ୍କ ଭିଡିଓ କଲ୍, ଫୋନ୍ କିମ୍ବା ମେସେଜ୍‌ରେ ବିଶ୍ୱାସ ନକରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଡିଜିଟାଲ୍ ଆରେଷ୍ଟ, ଫେକ୍ କଷ୍ଟମର୍ କେୟାର, ଅନ୍‌ଲାଇନ୍ ଚାକିରି ଠକେଇ, ନକଲି ସୋସିଆଲ୍ ମିଡିଆ ପ୍ରୋଫାଇଲ୍, ଫିଶିଂ ଲିଙ୍କ୍ ଓ UPI ଠକେଇ ଭଳି ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ମଧ୍ୟ ଉଦାହରଣ ଦେଇ ସଚେତନ କରାଯାଇଥିଲା। ପୋଲିସ ପକ୍ଷରୁ କୁହାଯାଇଥିଲା ଯେ, ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ତୁରନ୍ତ ୧୯୩୦ ସାଇବର କ୍ରାଇମ୍ ହେଲ୍ପଲାଇନ୍‌ରେ ଯୋଗାଯୋଗ କରିବେ ଏବଂ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇବା ଆବଶ୍ୟକ। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। "ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ-ସାଇବର ଠକଙ୍କୁ ସୁଯୋଗ ଦିଅନ୍ତୁ ନାହିଁ" ବାର୍ତ୍ତା ଦେଇ ସୋନପୁର ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଡିଜିଟାଲ୍ ଯୁଗରେ ସୁରକ୍ଷିତ ଓ ସଚେତନ ଭାବେ ଅନ୍‌ଲାଇନ୍ ସେବା ବ୍ୟବହାର କରିବାକୁ ଆହ୍ୱାନ୍ କରାଯାଇଥିଲା।




## ଧାନ କିଣାରେ କଟକଣା ପ୍ରତିବାଦରେ ଚାଷୀଙ୍କ ଧାରଣା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଉନ୍ନୟନ ମଞ୍ଚ ପକ୍ଷରୁ ଧାନ କିଣାରେ କଟକଣା ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିନିକିଆ ପ୍ରତୀକାତ୍ମକ ଧାରଣା ଦିଆଯାଇଛି । ସଭାପତି ବିକାଶ ମହାକୁଲଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାରଣାରେ ବସିଥିବା ବେଳେ ଧାନ ପଞ୍ଜିକରଣ ନିୟମରେ ସରଳୀକରଣ ପାଇଁ ଦାବି କରିଛନ୍ତି । ସରକାର ଧାନ ପଞ୍ଜିକରଣ ପାଇଁ ଏଗ୍ରୀଷ୍ଟାକ୍ ଆଇଡି ବାଧ୍ୟତାମୂଳକ କରିଥିବା ହେତୁ ଅର୍ଦ୍ଧାଧିକ ଚାଷୀ ଧାନ ପଞ୍ଜିକରଣରୁ ବଞ୍ଚିତ ହେଉଛନ୍ତି । ଏଗ୍ରୀଷ୍ଟାକ୍ ଆଇଡିରେ ନିଜ ନାମରେ ଜମିଥିବା ଲୋକ ହିଁ ପଞ୍ଜିକରଣ କରିପାରିବେ । ତେଣୁ ବାପା ଓ ଜେଜେବାପାଙ୍କ ନାମରେ ଜମିଥିବା ଚାଷୀମାନେ ଧାନ ପଞ୍ଜିକରଣରୁ ବଞ୍ଚିତ ହେବେ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ବୋନସ୍ ସହ ୩୧୦୦ଟଙ୍କାରେ ଚାଷୀ ଧାନ କିଭଳି ବିକ୍ରି କରିନପାରି ଅଭାବୀ ବିକ୍ରିର ଶିକାର ହେବେ ସରକାର ନୂଆ ନିୟମ ଆଣି ଚାଷୀଙ୍କୁ ଉପହାସ କରୁଥିବା ଅଭିଯୋଗ କରିଛନ୍ତି । ଧାନ ପଞ୍ଜିକରଣ ନିୟମରେ ସରଳୀକରଣ ପାଇଁ ଦାବିକରି ଚାଷୀମାନେ ବୌଦ୍ଧ ଉନ୍ନୟନ ମଞ୍ଚ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ବିନିକାରେ ବିଶାଳ 'ତ୍ରିରଙ୍ଗା ରାଲି'

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ 'ବନ୍ଦେ ମାତରମ୍'ର ମହାନ ଭାବନାକୁ ଉତ୍ସର୍ଗ କରି ଏକ ବିଶାଳ 'ତ୍ରିରଙ୍ଗା ରାଲି'ର ଆୟୋଜନ କରାଯାଇଛି। ସକାଳ ୧୦ଟାରେ ତ୍ରିରଙ୍ଗା ରାଲି ପାପକ୍ଷୟ ଘାଟ ଛକଠାରୁ ବିନିକା ବସ୍ ଷ୍ଟାଣ୍ଡ ଦେଇ ସିଦ୍ଧାର୍ଥ ମହାବିଦ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ବିନିକା ବିଜ୍ଞାପିତ ଅଞ୍ଚଳବାସୀ ହଜାର ହଜାର ସଂଖ୍ୟାରେ ସାମିଲ୍ ହୋଇ ରାଲିକୁ ସଫଳ କରିଥିଲେ। ଏହି ବିଶାଳ ସମାବେଶରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଉପସ୍ଥିତ ରହି ଦେଶସାରା ଚାଲିଥିବା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ସୁବର୍ଣ୍ଣପୁରରେ ମଧ୍ୟ ଝଲକ୍ ରହିବା କଥା କହିବା ସହିତ ଏହି ରାଲି ମାଧ୍ୟମରେ ଏକତା, ଅଖଣ୍ଡତା, ଶାନ୍ତି ଓ ମୈତ୍ରୀର ବାର୍ତ୍ତା ଦିଆଯାଇଥିବା କଥା ସେ କହିଛନ୍ତି। ସମାଜସେବୀ ବେଣୁଧର ଦାସ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଚେୟାରମ୍ୟାନ ସୁବାଷ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ବିନିକା ମାନସ ଭୋଇ, ବିନିକା ତହସିଲଦାର ରସନା ଭୋଇଙ୍କ ସମେତ ସମସ୍ତ ଜିଲ୍ଲା ଓ ବିନିକା ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଏହାକୁ ସଫଳ କରିଥିଲେ।



## ଅଳକା ଆଶ୍ରମରେ କ୍ରାନ୍ତି ଦିବସ ପାଳିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରୁଥିବା ଅଗଷ୍ଟ ୯ କ୍ରାନ୍ତି ଦିବସ ଜଗତସିଂହପୁର ସହରର ଚାତ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ପାଳିତ ହୋଇଯାଇଛି । ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଦେବେନ୍ଦ୍ର ରାଉତ, ପ୍ରତାପ କୁମାର ଲେଙ୍କା, ନିରଞ୍ଜନ ବିଶ୍ୱାଳ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ କ୍ରାନ୍ତି ଦିବସ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେହିପରି ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ମାଟିର ଅବଦାନ ଏବଂ ଜିଲ୍ଲାର ସଂଗ୍ରାମୀ ମାନଙ୍କ ତ୍ୟାଗ, ବଳିଦାନ ତଥା ଦେଶଭକ୍ତିର ସ୍ମୃତିଚାରଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଳକା ଆଶ୍ରମର ସଦସ୍ୟ ଲାଲା ସଂଗ୍ରାମ କେଶରୀ ରାୟ ଏବଂ ଜ୍ୟୋତି ରଞ୍ଜନ ପ୍ରଧାନ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ କୋଷାଧ୍ୟକ୍ଷ ବିଜୟ କୁମାର ରଥ ଧନ୍ୟବାଦ ଦେଇଥିଲେ ।

## ଲଜନା ଇମାଇଲ୍ଲାଃ ପକ୍ଷରୁ ସମାଜସେବା କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସ୍‌ଲିମ୍ ମହିଳା ସଂଗଠନ ଲଜନା ଇମାଇଲ୍ଲାଃ ତରଫରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯାଇଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ଏବଂ ଲଜନା ହଲ୍ ପରିସରରେ ତିରିଶିରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଛି । ସେଇଭଳି ଖୋର୍ଦ୍ଧା ସ୍ଥିତ ସାଇନ ହସ୍‌ପିଟାଲ୍‌ରେ ରୋଗୀମାନଙ୍କୁ ଭେଟି ସେମାନଙ୍କ ଆରୋଗ୍ୟ କାମନା କରିବା ସହ ଫଳ, ବ୍ରେଡ୍ ଓ ଜୁସ୍ ବଣ୍ଟନ କରାଯାଇଥିଲା । ସେହିଭଳି କେରଙ୍ଗ ଓ କୁମ୍ଭିଲୋ ଗ୍ରାମରେ ମାଗଣା ହୋମିଓପ୍ୟାଥି ଚିକିତ୍ସା ଶିବିର ଖୋଲାଯାଇ, ମାଗଣା ଚିକିତ୍ସା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ସେହିଭଳି ସଂଗଠନର ସଦସ୍ୟାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରାଇବା ପାଇଁ କୁକିଙ୍ଗ ପ୍ରତିଯୋଗିତା କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ କେରଙ୍ଗ ମହିଳା ସଭାନେତ୍ରୀ ଶାହେଦା ବେଗମଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ରୋକିଆ ବାନୁ, ଡଃ ପରୱିନ, ଯାସମିନ ବେଗମ, ହୁସନେଆରା ବେଗମ, ଅମତୁସ ସମି, ଜୈନବ ଅଫରୋଜ, ରୁକସାନା ବେଗମ, ରାଶିଦା ହୁସେନ, ଜକିଆ ବେଗମ, ସୁଲତାନା ରିହାନା, ସେରାଜୁମ ମୁନିରା, ସରକିଆ ବେଗମ ଏବଂ ଜୁବେଦା ଖାତୁନ ସାହାଯ୍ୟ ଓ ସହଯୋଗ କରିଥିଲେ ।

## ସ୍ୱାସ୍ଥ୍ୟ ଓ ଫିଟନେସ୍‌ର ସ୍ତର ବୃଦ୍ଧି ପାଇଁ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ପୁଶ୍-ଅପ୍ ଚ୍ୟାଲେଞ୍ଜ ଓ ବିଏମ୍ଆଇ ପରୀକ୍ଷା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବ୍ୟସ୍ତ ଜୀବନଶୈଳୀରେ ସୁସ୍ଥ ଓ ସୁନ୍ଦର ଜୀବନଯାପନ ପାଇଁ ସ୍ୱାସ୍ଥ୍ୟ ଏବଂ ଶାରୀରିକ ସୁସ୍ଥତାର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ସହ ସୁସ୍ଥ ଶରୀର ଓଜନ, ପୋଷଣ ଏବଂ ସକ୍ରିୟ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ତଥା ଶାରୀରିକ ଶକ୍ତି ଓ ପେଶୀର ସହନଶକ୍ତି ପରୀକ୍ଷା କରିବା ସହ ମାପ ମାଧ୍ୟମରେ ଉଚ୍ଚତା ଓ ଓଜନର ଅନୁପାତ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର ପକ୍ଷରୁ ଏକ ସାମୂହିକ ପୁଶ୍-ଅପ୍ ଚ୍ୟାଲେଞ୍ଜ ଓ ବିଏମ୍ଆଇ ପରୀକ୍ଷା ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅଭିଭାବକ ଓ ଶିକ୍ଷକମାନଙ୍କ ପାଇଁ ପ୍ରତିଯୋଗିତା ଓ ପରୀକ୍ଷା ଆୟୋଜିତ ହୋଇଥିଲା। ୧୦୦ରୁ ଅଧିକ ପୁରୁଷ ଓ ମହିଳା ଅଭିଭାବକ ଏବଂ ୫୦ରୁ ଅଧିକ ଶିକ୍ଷକ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରି ପୁଶ୍-ଅପ୍ ଚ୍ୟାଲେଞ୍ଜରେ ନିଜ ଶାରୀରିକ ଦକ୍ଷତା ପ୍ରଦର୍ଶନ କରିବା ସହ ବିଏମ୍ଆଇ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର ଉତ୍ତମ ସ୍ୱାସ୍ଥ୍ୟ ଓ ନିୟମିତ ଶାରୀରିକ ବ୍ୟାୟାମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରମାନନ୍ଦ ପୃଷ୍ଟି ବିଜେତା ହେବା ସହ ଦୀପକ ରଞ୍ଜନ ସୁବୁଦ୍ଧି ଓ ସ୍ୱରୂପ ଦାସ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସତ୍ୟ ପ୍ରକାଶ ଦାସ ଓ ଜୟ ପ୍ରକାଶ ରାୟ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ସୁଶ୍ରୀ




ଦେବାଶିଷ ରାଉତ, ଦୀପକ ପାତ୍ରସିଂହ, ସୁଶ୍ରୀ ଶୁଭଜ୍ୟୋତି ଦାଶ ଏବଂ ଏ. ରବି ଶଙ୍କରଙ୍କୁ ନେଇ ଗଠିତ ବିଚାରକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଏକ ପ୍ୟାନେଲ୍ ପ୍ରତିଯୋଗିତାର ବିଚାର କରିବା ସହ ଅଂଶଗ୍ରହଣକାରୀ ମାନଙ୍କୁ ମୂଲ୍ୟବାନ ସ୍ୱାସ୍ଥ୍ୟ ଓ ଫିଟନେସ୍ ସମ୍ପର୍କିତ ପରାମର୍ଶ ପ୍ରଦାନ କରିଥିଲେ। ପୁରୁଷ ବର୍ଗରେ ସ୍ମିତିସ୍ମିତା ପୃଷ୍ଟି, ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଏବଂ ସୁଶ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଦ୍ୟାଳୟର ହେଲ୍ଥ ଆଣ୍ଡ ୱେଲନେସ୍ ଟିମ୍, ଛାତ୍ରଛାତ୍ରୀ ଓ କର୍ମଚାରୀବୃନ୍ଦଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



## ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ସାମ୍ବିଧାନିକ ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ସାମ୍ବିଧାନିକ ବୈଠକ ସଭାପତି ଜିତେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଓଷ୍ଟାର ସଦସ୍ୟ ନବକିଶୋର ଦୀପ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତାପସ କୁମାର ମିଶ୍ର ଏନ୍‌ଜିଓସିସିର ବିଗତ ତିନିବର୍ଷର କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ଏନ୍‌ଜିଓସିସି ସହ ସହବନ୍ଧିତ ସଂଗଠନର କର୍ମକର୍ତ୍ତା ନିଜ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଏହାପରେ ଏନ୍‌ଜିଓସିସିର ନୂତନ କର୍ମକର୍ତ୍ତା ଚୟନ ପାଇଁ ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ ପ୍ରସ୍ତାବ ଆଗତ କରାଯାଇଥିଲା ଏବଂ ଏହାକୁ ଆସନ୍ତା ସାଧାରଣ ପାରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଅନୁମୋଦନ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା । ଜିଲ୍ଲାର ବିଭିନ୍ନ କର୍ମଚାରୀମାନଙ୍କ ସମସ୍ୟା ଓ ତାର ସମାଧାନ ପାଇଁ ଷ୍ଟାଣ୍ଡିଂକମିଟିର ବୈଠକ ଓ କର୍ମଚାରୀମାନଙ୍କ ପଦୋନ୍ନତି ପାଇଁ ନିୟମିତ ଡିପିସି ବସିବା ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଦେଷ୍ଟା ସାଧୁଚରଣ ଦେହୁରୀ, କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ଉପସଭାପତି ଶିବ କୁମାର ପଣ୍ଡା, ଅନିଲ କୁମାର ପ୍ରଧାନଙ୍କ ସହିତ ୧୭ଟି କର୍ମଚାରୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେପ୍ଟେମ୍ବର ୨୨ରୁ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜର ବହୁ ଚର୍ଚ୍ଚିତ 'ଆମେ:ବାରିପଦା' ନାଟ୍ୟ ସଂସ୍ଥା ଦ୍ୱାରା ଆଗାମୀ ସେପ୍ଟେମ୍ବର ମାସ ୨୨ ରୁ ୩୦ ତାରିଖ ନଅ ଦିନ ବ୍ୟାପି ଐତିହାସିକ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଆୟୋଜିତ ହେବାକୁଯାଉଛି । ଏଥିନିମନ୍ତେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡକ୍ଟର ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ବାରିପଦା ସ୍ଥିତ ଷ୍ଟାଡିୟମ୍‌ର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆବାହକ ତଥା ସାଧାରଣ ସମ୍ପାଦକ ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରି କହିଥିଲେ। ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ନାଟ୍ୟ ଦଳମାନେ ସେମାନଙ୍କର ଉତ୍କୃଷ୍ଟ ନାଟକ ପରିବେଷଣ କରିବା ସହିତ ବିରଳ ପ୍ରତିଭାଧର ମାନେ ମହାସମ୍ମାନରେ ସମ୍ବର୍ଦ୍ଧିତ ହେବେ । ବିଭିନ୍ନ ପ୍ରତିଯୋଗିତାରେ ବିଜ୍ଞ ବିଚାରକ ଭାବେ ଯୋଗଦେଇଥିବା ସର୍ବଶ୍ରୀ ଜୟନ୍ତ ସେନାପତି, ଡକ୍ଟର ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ, ପ୍ରଦୀପ ସରଘରିଆ ପ୍ରତିଯୋଗିତାରେ ଭାଗ ନେଇଥିବା ବିଚକ୍ଷଣ ଛାତ୍ରଛାତ୍ରୀ ମାନଙ୍କ ପ୍ରଚଣ୍ଡ ପ୍ରତିଭା ସମ୍ପର୍କରେ ପ୍ରକାଶ କରିଥିବା ବେଳେ ଡକ୍ଟର ଅସୀମା ସାହୁ ମହୋତ୍ସବ ଅବସରରେ ଅନୁଷ୍ଠିତ ହେଇଯାଇଥିବା ଚମତ୍କାର ନାଟ୍ୟ ଆଲୋଚନାଚକ୍ରମାନ ସମ୍ପର୍କରେ ନିଜର ଭାବଗର୍ଭକ ଅଭିଭାଷଣ ରଖିଥିଲେ । ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି ଓ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢି ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତାର ଅଭିନବ ପରିକଳ୍ପନାକୁ ବହୁ ପ୍ରଶଂସା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ମାନଙ୍କର ନାମ ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ।

## ସଂକୁଳ ସ୍ତରୀୟ ବିଜ୍ଞାନ ମେଳା:ପ୍ରଦର୍ଶିତ ହେଲା ୨୫୬ ପ୍ରକଳ୍ପ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛତ୍ରପୁର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର, ରମ୍ଭା, ଗଞ୍ଜାମ, ଭଞ୍ଜ ବିହାର, ନରେନ୍ଦ୍ରପୁର ଓ ଗୋପାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫୬ ଜଣ ଶିଶୁ ଅଂଶଗ୍ରହଣ କରି ନିଜର ଜ୍ଞାନ କୌଶଳ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର ସ୍ୱାଗତ ଜଣାଇବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଗଞ୍ଜାମ ଶ୍ରୀଧର ପ୍ରଧାନ କୃତୀ ଶିଶୁଙ୍କ ନାମ ଘୋଷଣା ଓ ପ୍ରଧାନ ଆଚାର୍ଯ୍ୟ ଦଣ୍ଡପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆମ୍ଭ ଅଞ୍ଚଳର ବହୁ ବିଜ୍ଞାନ, ଗଣିତ ବିଭାଗର ବିଜ୍ଞ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରି ଶିଶୁଙ୍କ ମୂଲ୍ୟାୟନ କରି କାର୍ଯ୍ୟକ୍ରମଟିକୁ ସାକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ଆଗାମୀ ଦିନରେ ସମ୍ଭାଗ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦାନ କରିବା ନିଶ୍ଚିତ କରାଯାଇଥିଲା ।

## ନାଇଟ୍ ୱାଚ୍ ଆଣ୍ଡ ୱାର୍ଡ ଓ ହାଉସ୍ କିପିଂ ସଂଘର ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡ଼ିଶା ନାଇଟ୍ ୱାଚ୍ ଆଣ୍ଡ ୱାର୍ଡ ହାଉସ୍ କିପିଂ ସଂଘ କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି । ଚାରିଗୋଟି ଦାବିକୁ ନେଇ ଧାରଣାରେ ବସିଥିବା ଏଇ କର୍ମଚାରୀମାନଙ୍କର ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିଗୁଡିକ ମଧ୍ୟରୁ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ କରାଯାଉ, ଦେହ ଖରାପ ହେଲେ ଛୁଟି ଦେବାର ବ୍ୟବସ୍ଥା କରାଯାଉ, ଦରମା ବୃଦ୍ଧି କରାଯାଉ, ୬୦ ବର୍ଷ ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଦିଆଯାଉ ଆଦି ଦାବି ଗୁଡିକ ରହିଛି । ଏ.ଆଇ.ଟି.ୟୁ.ସି ର ରମଣୀ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ବସନ୍ତ କୁମାର ସାହୁ, ଜିଲ୍ଲା ସମ୍ପାଦିକା ସସ୍ମିତା ନାୟକ, ଉପସଭାପତି ହରପ୍ରିୟା ବେହେରା, ଜିଲ୍ଲା କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ ।




## ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ୧୨ ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଓ ଏ.ଆଇ.ଟି.ୟୁ.ସି କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ୧୨ ଦଫା ଦାବିପତ୍ର ଜିଲ୍ଲା ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇ ସମସ୍ୟାର ସମାଧାନ କରିବା ପାଇଁ ଦାବି କରାଯାଇଛି । ଏହି ଦାବିଗୁଡିକ ମଧ୍ୟରୁ ତୁରନ୍ତ ଆମର ମାସିକ ଦରମା ୩ ହଜାର ଟଙ୍କାରୁ ବୃଦ୍ଧି କରି ୨୬ ହଜାର ଟଙ୍କା ପ୍ରଦାନ କରାଯାଉ, ବର୍ଷକୁ ୧୦ ମାସ ବଦଳରେ ୧୨ ମାସର ପ୍ରାପ୍ୟ ମିଳୁ, ଦେହ ଖରାପ ହେଲେ ଛୁଟି ସର୍ବନିମ୍ନ ମାସକୁ ଦୁଇଟି ଦିଆଯାଉ, ସ୍କୁଲ୍ ମିଶ୍ରଣ, ପିଲା କମିଲେ ଯେଉଁ ପାଚିକାମାନେ ଘରେ ବସିଛନ୍ତି ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ, ମଧ୍ୟାହ୍ନ ଭୋଜନର ମୂଲ୍ୟ ବୃଦ୍ଧି କରାଯାଉ, ପ୍ରତି ୨୫ ପିଲାରେ ଜଣେ ପାଚିକା ନିଯୁକ୍ତି ଦିଆଯାଉ, ପିନ୍ଧିବାକୁ ସର୍ବନିମ୍ନ ଦୁଇଖଣ୍ଡ ଶାଢି ପ୍ରଦାନ କରାଯାଉ, ପାଚିକାମାନେ ନିଆଁ ପାଖରେ କାମ କରୁଥିବାରୁ ସେମାନଙ୍କର ବୀମା କରାଯାଉ, ପ୍ରତି ସ୍କୁଲରେ ଦୁଇଜଣ ପାଚିକା ନିଯୁକ୍ତି ଦିଆଯାଉ ପ୍ରଭୃତି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ କାର୍ଯ୍ୟକାରୀ ସଭାପତି ଗଜେନ୍ଦ୍ର ନାୟକ, ଜିଲ୍ଲା ସମ୍ପାଦକ ସୌଭାଗିନି ପତି, ସୁନିତା ମହୀ, ସତ୍ୟବତୀ ସେଠୀ, ଶ୍ରଦ୍ଧାଞ୍ଜଳି ସାମଲ, ଶାନ୍ତିଲତା ମହାରଣା, ଚନ୍ଦ୍ରିକାନ୍ତି ସେଠୀ, ମଞ୍ଜୁଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବଜେଟ୍ ଅର୍ଥକୁ ଖର୍ଚ୍ଚ କରିପାରୁନାହାନ୍ତି ସରକାର:କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର କ୍ରମାଗତ ଭାବେ ଦୁଇ ଆର୍ଥିକ ୨୦୨୪-୨୫, ୨୦୨୫-୨୬ ଓ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ବଜେଟର ଆକାରକୁ ବୃଦ୍ଧି କରିଛନ୍ତି ସତ, କିନ୍ତୁ ସରକାର ବଜେଟ ରାଶିର ଅର୍ଥକୁ ଖର୍ଚ୍ଚ କରିପାରୁନାହାଁନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ । ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ବଜେଟ୍‌ର ଆକାର ୨ଲକ୍ଷ ୬୫ ହଜାର କୋଟି ଥିଲା । କିନ୍ତୁ ସେହି ଆର୍ଥିକ ବର୍ଷରେ ସରକାର ୨୦ ପ୍ରତିଶତରୁ ଅଧିକ ଖର୍ଚ୍ଚ କରିପାରିଲେ ନାହିଁ । ସେହିପରି ୨୦୨୫-୨୬ରେ ବଜେଟକୁ ୨ଲକ୍ଷ ୯୦ହଜାର କୋଟିକୁ ବୃଦ୍ଧି କରାଗଲା । କିନ୍ତୁ ରାଜ୍ୟ ସରକାରଙ୍କ ପ୍ରମୁଖ ୪୪ବିଭାଗ ମଧ୍ୟରୁ ମାତ୍ର ୧୦ଟି ବିଭାଗର କାର୍ଯ୍ୟକୁ ସମୀକ୍ଷା କରିବା ପରେ କ୍ରୀଡା ଓ ଯୁବ ବ୍ୟାପାର ମାତ୍ର ୨୨.୬୮ ପ୍ରତିଶତ ଖର୍ଚ୍ଚ କରିଥିବା ବେଳେ ଏମଏସଏମଇ ବିଭାଗ ୩୭.୩୮ ପ୍ରତିଶତ,ଶିଳ୍ପ ବିଭାଗ ୫୦.୨୭ପ୍ରତିଶତ,ଗ୍ରାମାଞ୍ଚଳ ବିକାଶ ବିଭାଗ୭୫.୨ପ୍ରତିଶତ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୪୭ ପ୍ରତିଶତ ଖର୍ଚ୍ଚ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା,ଉଚ୍ଚଶିକ୍ଷା ବିଭାଗ ବଜେଟ ବ୍ୟୟ ବରାଦ ଅର୍ଥରେ ମାତ୍ର ୧୦.୩୭ ପ୍ରତିଶତ ଉଚ୍ଚ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୬୬.୨୮ ପ୍ରତିଶତ ଖର୍ଚ୍ଚ କରିଛନ୍ତି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପୋଷ୍ଟର ଓ ବ୍ୟାନର ଲଗାଇ ଓଡିଶା ସାରା ବିକାଶ ଧାରାର ମିଛ ଆତ୍ମପ୍ରଚାର କରୁଛନ୍ତି । କିନ୍ତୁ ବାସ୍ତବ ସ୍ଥିତି ହେଉଛି ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ବଜେଟ ବ୍ୟୟ ବରାଦ ଅର୍ଥକୁ ଖର୍ଚ୍ଚ କରିପାରୁନାହାଁନ୍ତି । ତେଣୁ ରାଜ୍ୟର ବିକାଶ କିଭଳି ହେବ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଯେଉଁ ବିଭାଗର ମନ୍ତ୍ରୀମାନେ ଅର୍ଥ ଖର୍ଚ୍ଚ କରିପାରୁନାହାଁନ୍ତି, ସେପରି ଅଯୋଗ୍ୟ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବିଦା କରିବା ଉଚିତ । କିଛି କାମ ନକରୁଥିବା ମନ୍ତ୍ରୀମାନଙ୍କୁ ଅଯଥାରେ କାହିଁକି ସରକାର ସମସ୍ତ ସୁବିଧା ସୁଯୋଗ ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପୁଞ୍ଜି ଆଣିବା ଲାଗି ବିଭିନ୍ନ ରାଜ୍ୟରେ ସମ୍ମିଳନୀ କରୁଛନ୍ତି । କିନ୍ତୁ ନିଜ ସରକାରଙ୍କ ଶିଳ୍ପ ଓ ଏମଏସଏମଇ ବିଭାଗ ବ୍ୟୟ ବରାଦ ଟଙ୍କା ଖର୍ଚ୍ଚ କରିପାରୁନାହାନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି ।

## ଦିବ୍ୟଜ୍ୟୋତିଙ୍କୁ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସ୍ମୃତି ସମ୍ମାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ପିଲାଙ୍କ ଜ୍ଞାନ ବିଜ୍ଞାନ ପତ୍ରିକା 'ଶିଶୁ ବଜାର'ର ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କୁ ଡ. ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ ସ୍ମୃତି ସଂସଦ ପକ୍ଷରୁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଜୟନ୍ତୀ ସମାରୋହରେ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ, ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ଦାସ ବେନହୁର, ଡ. ବିଜୟାନନ୍ଦ ସିଂହ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାରର ଦିବ୍ୟଜ୍ୟୋତି ପାଣିଙ୍କୁ ମାନପତ୍ର ଓ ଉପଢ୍ୱୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ଚୌଦ୍ୱାର ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ପାଣି ଦୀର୍ଘ ୩୦ ବର୍ଷ ଧରି ଶିଶୁ ପତ୍ରିକା ସମ୍ପାଦନା ଓ ରଚନାରେ ବ୍ରତୀ ଅଛନ୍ତି।

## କେନ୍ଦୁଝର ବିଜେପିର 'ତ୍ରିରଙ୍ଗା ପଦଯାତ୍ରା'

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ବିଜେପି ପକ୍ଷରୁ ବିରାଟ 'ତ୍ରିରଙ୍ଗା ପଦଯାତ୍ରା' କେନ୍ଦୁଝର ସହରରେ ସୋମବାର ଆୟୋଜିତ ହୋଇଯାଇଛି। ଏହି 'ତ୍ରିରଙ୍ଗା ପଦଯାତ୍ରା' ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଏବଂ ଜିଲ୍ଲାର ନେତୃତ୍ୱମାନେ ସହଯୋଗ କରିଥିଲେ। ଏହି 'ତ୍ରିରଙ୍ଗା ପଦଯାତ୍ରା'ରେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ସହିତ ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, କେନ୍ଦୁଝରେ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, କେନ୍ଦୁଝରେ ନଗର ମଣ୍ଡଳ ସଭାପତି ଅସିତ ନନ୍ଦନ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଯଶସ୍ୱିନୀ ବଳ, ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ ଓ ଦୁଷ୍ମନ୍ତ ମହାନ୍ତ ଏବଂ ଅଶୋକ କୁମାର ବେହେରା, ରଶ୍ମିତା ପାଣିଗ୍ରାହୀ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଚପଳା ମହାକୁଡ଼, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରୁଦ୍ରପ୍ରସାଦ ବେହେରା, ବରିଷ୍ଠ ନେତ୍ରୀ କିରଣବାଳା ନାଏକ, ଦିଲ୍ଲୀପ କୁମାର ପଣ୍ଡା, ନୀଳମଣି ମହାନ୍ତ, ଅନିନ୍ଦ୍ୟ ବେହେରା, ଗୋପୀନାଥ ରାମ, ସୁବ୍ରତ ମହାନ୍ତି, ଅକ୍ଷୟ କୁମାର ମହାରଣା, ରୋହିତ ରଞ୍ଜନ ବାରିକ, ଦୁର୍ଗା ବାରିକ, ରାଜେନ୍ଦ୍ର ପାତ୍ର, ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ, ଆଇଟି ସଂଯୋଜକ ଜେମ୍ସ ମେହେନ ଏବଂ ଟିକେଶ୍ୱର ଜେନା ପ୍ରମୁଖ ତଥା ସମସ୍ତ ମଣ୍ଡଳ ସଭାପତି ଏବଂ ଜିଲ୍ଲା ତଥା ମଣ୍ଡଳର କାର୍ଯ୍ୟକର୍ତ୍ତା ତଥା ଶହ ଶହ ସାଧାରଣ ଜନତା ସ୍ୱତପ୍ରବୃତ୍ତ ଭାବେ ଜାତୀୟତା ଭାବ ନେଇ ଏହି 'ତ୍ରିରଙ୍ଗା ପଦଯାତ୍ରା'ରେ ସାମିଲ୍ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଦେଶର ଏକତା ଏବଂ ଅଖଣ୍ଡତା ପାଇଁ ଦେଶବାସୀଙ୍କ ହୃଦୟରେ ଦେଶପ୍ରିତି ଭାବ ନିର୍ମାଣ ପାଇଁ ରାଷ୍ଟ୍ରୀୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସାରା ଭାରତର ସମସ୍ତ ରାଜ୍ୟ, ଜିଲ୍ଲା ତଥା ମଣ୍ଡଳରେ ଏହି 'ତ୍ରିରଙ୍ଗା ପଦଯାତ୍ରା' ଅନୁଷ୍ଠିତ ହେଉଛି। ଏହି ଅବସରରେ କେନ୍ଦୁଝରରେ ଶହସ୍ରାଧିକ କାର୍ଯ୍ୟକର୍ତ୍ତା ତଥା ଜନତା ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି।




## ଶିକ୍ଷା ସହିତ ସହଶିକ୍ଷା କାର୍ଯ୍ୟକଳାପ ଶିଶୁଙ୍କ ସାମଗ୍ରିକ ବିକାଶରେ ସହାୟକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶୈଳେଶ୍ରୀ ବିହାର, ଚନ୍ଦ୍ରଶେଖରପୁର ସ୍ଥିତ ସୁନୀଲ ଡ୍ୟାନ୍ସ ଏକାଡେମୀର ୧୬ତମ ବାର୍ଷିକ ଉତ୍ସବ ନିକଟରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଭୁବନେଶ୍ୱର ମହାନଗର ନିଗମର ୬ ଓ ୭ ନମ୍ବର ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଓ ଯଶୋଧରା ପ୍ରଧାନ, ଶିକ୍ଷାବିତ ତଥା ସମାଜସେବୀ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମାଜସେବୀ ଅଜିତା ଚୌଧୁରୀ ଏବଂ କଳିଙ୍ଗ ଯୁବକ କ୍ଲବର ସମ୍ପାଦକ କମଳାକାନ୍ତ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଏକାଡେମୀର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଶିକ୍ଷା ସହିତ ସହଶିକ୍ଷା କାର୍ଯ୍ୟକଳାପରେ ଅଂଶଗ୍ରହଣ ଶିଶୁମାନଙ୍କର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ଦୃଢ଼ତାର ସହ ସାମ୍ନା କରିବା ପାଇଁ ବାଳିକାମାନଙ୍କୁ ସଶକ୍ତ ଓ ସୁଦୃଢ଼ କରିବା ନିମନ୍ତେ ସମସ୍ତଙ୍କୁ ସାମୂହିକ ଦାୟିତ୍ୱ ନେବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏକାଡେମୀର ପ୍ରୋପ୍ରାଇଟର ସୁନୀଲ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏକାଡେମୀର ଦୀର୍ଘ ଯାତ୍ରାରେ ସହଯୋଗ ଓ ସମର୍ଥନ ଯୋଗାଇ ଆସିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇବାସହ ଏକାଡେମୀର ଭବିଷ୍ୟତର କାର୍ଯ୍ୟକ୍ରମ ଓ ପ୍ରୟାସଗୁଡ଼ିକ ପାଇଁ ସମସ୍ତଙ୍କର ନିରନ୍ତର ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ପ୍ରଦୀପ ପ୍ରଜ୍ୱଳନ ସହିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଉପରେ ଏକ ମନୋମୁଗ୍ଧକର ଓଡ଼ିଶୀ ନୃତ୍ୟ ପରିବେଷଣ ଦ୍ୱାରା ହୋଇଥିଲା। ଏହାପରେ କୁନି କୁନି ଶିଶୁଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର କଳାକାରମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା ଶିଶୁମାନଙ୍କ ମା'ମାନଙ୍କ ଦ୍ୱାରା ପରିବେଷିତ "ସୁପର୍ ମମ୍ସ" ନୃତ୍ୟ। ଏହି ଅଭିନବ ପ୍ରଦର୍ଶନ ଦର୍ଶକମାନଙ୍କର ବିଶେଷ ପ୍ରଶଂସା ଓ ଉତ୍ସାହ ହାସଲ କରିଥିଲା। ଏହି ଅବସରରେ ଅନ୍ତର୍ଜାତୀୟ ଗଳ୍ପ ଖେଳାଳି, ସୁପରିଚିତ ନୃତ୍ୟଶିଳ୍ପୀ ତଥା ସ୍ପାର୍କ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଶୁଭ୍ରା ସୁଭଦର୍ଶିନୀ ମିଶ୍ରଙ୍କୁ ଏକାଡେମୀ ପ୍ରତି ତାଙ୍କର ଅବଦାନ ଏବଂ ଅର୍ଦ୍ଧ-ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ପାଇଁ ସମ୍ମାନିତ କରାଯାଇଥିଲା। ସୁପରିଚିତ ନୃତ୍ୟଶିଳ୍ପୀ ମିତା ଦାସ, ଶିକ୍ଷାବିତ୍ ସୁଜାତା ସୁଭଦର୍ଶିନୀ ପଟ୍ଟନାୟକ ଏବଂ ଏକାଡେମୀ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ପ୍ରସିଦ୍ଧ ଟେଲିଭିଜନ୍ ଶୋ' ଆଙ୍କର ମାଷ୍ଟର ଶୁଭୋଜ୍ୟୋତ ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଢଙ୍ଗରେ ସଂଚାଳନା କରିଥିଲେ। ସୁଧାଦୀପା ମହାନ୍ତି, ଅଭିଭାବକ, ଶୁଭେଚ୍ଛୁ ଏବଂ ଅନ୍ୟମାନଙ୍କର ସକ୍ରିୟ ସହଯୋଗ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।




## ବ୍ରହ୍ମକୁମାରୀ ପକ୍ଷରୁ ନିଶାମୁକ୍ତ ପ୍ରତିଜ୍ଞା ଅଭିଯାନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମକୁମାରୀ ପ୍ରଭୁପ୍ରେମ ଭବନ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ପ୍ରତିଜ୍ଞା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ରାଜ ଯୋଗିନୀ କସ୍ତୁରୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଁ ସଦା ନିଶା ମୁକ୍ତ ରହିବି । ମୁଁ ଅନ୍ୟମାନଙ୍କୁ ମଧ୍ୟ ନିଶା ମୁକ୍ତ ପାଇଁ ପ୍ରେରଣା ଦେବି । ମୋର ଜୀବନ ପବିତ୍ର, ସ୍ୱାସ୍ଥ୍ୟବାନ ଓ ଆଧ୍ୟାତ୍ମିକ ହେବ । ଆମେ ସମସ୍ତେ ମିଶି ନିଶାମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବା । ପରମପିତା ପରାମ୍ଭାଙ୍କ ଆଶୀର୍ବାଦ ମୋ ସହିତ ଅଛି... ମୁଁ ବିଜୟୀ ଆତ୍ମା... ମୁଁ ଶକ୍ତିଶାଳି ଆତ୍ମା... ମୁଁ ନିଶାମୁକ୍ତ ଆତ୍ମା ବୋଲି ଉପସ୍ଥିତ ଛାତ୍ରୀମାନଙ୍କୁ ଶପଥ ଗ୍ରହଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀ ବନାନି ପାଣିଗ୍ରାହି, କ୍ରୀଡା ପ୍ରଶିକ୍ଷକ ମନୀଷା କୁମାରୀ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଶାମୁକ୍ତ ଭାରତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୩୭ ଶିକ୍ଷୟିତ୍ରୀ ଓ ୧୫୩୦ ଜଣ ଛାତ୍ରୀ ଉପସ୍ଥିତ ରହି ନିଶାମୁକ୍ତ ଭାରତ ଗଠନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ସରକାରୀ ଭାବେ ମିଳିବ ଆୟୁର୍ବେଦ ଚିକିତ୍ସା

ଚିକିତ୍ସା କ୍ଷେତ୍ରରେ ଏବେ ନୂଆ ନୂଆ ସୁବିଧା ସବୁ ଉପଲବ୍ଧ ହେବାରେ ଲାଗିଛି। ଏବେ ରାଜଧାନୀରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦର ଚିକିତ୍ସା ମଧ୍ୟ ସରକାରୀ ଭାବେ ମିଳିବ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଭୁବନେଶ୍ୱର ନାଗେଶ୍ୱରଟାଙ୍ଗିରେ ଭୁବନେଶ୍ୱର କୋର୍ଟ ନିକଟରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ନବକଳେବର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ହସ୍ପିଟାଲ୍‌ର ଶଯ୍ୟା ସଂଖ୍ୟା ବଢ଼ାଇବାକୁ ବିଭାଗ ନିଷ୍ପତ୍ତି ନେଇଛି । ଇନ୍‌ଡୋରରେ ଥିବା ୪୩ଟି ଶଯ୍ୟା ସଂଖ୍ୟାକୁ ବଢ଼ାଇ ୧୦୦ ଶଯ୍ୟା କରାଯିବ । ରୋଗୀ ସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ଅଧିକ ଶଯ୍ୟା ଆବଶ୍ୟକ ପଡୁଛି । ଏହାକୁ ଦୃଷ୍ଟିରେ ରଖି ବିଭାଗ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଏହାଦ୍ୱାରା ଭୁବନେଶ୍ୱରବାସୀଙ୍କୁ ଶସ୍ତା ଏବଂ ଗୁଣାତ୍ମକ ଆୟୁଷ ଚିକିତ୍ସା ମିଳିବ। ସବୁଠୁ ବଡ଼ କଥା ହେଲା, ଆୟୁଷ୍ମାନ କାର୍ଡରେ ବି ଏହି ଚିକିତ୍ସା ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ତାଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତ ଥିଲେ। ସାମଲ ଇଞ୍ଜିନିୟରିଂ ଆଣ୍ଡ କନ୍‌ସଲଟାଣ୍ଟ ଏହି ୧୦୦ ଶଯ୍ୟା ବିଶିଷ୍ଟ ବିଲ୍ଡିଙ୍ଗ ନିର୍ମାଣ କରିବ। ଆଗାମୀ ୧୫ ମାସ ଭିତରେ ଏହା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ମନ୍ତ୍ରୀ। ବି.ଜେ.ବି ନଗର, ନାଗେଶ୍ୱରଟାଙ୍ଗୀ, ଲିଙ୍ଗରାଜ, ସହିଦ ନଗର, ରସୁଲଗଡ଼, ନୟାପଲ୍ଲୀ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ଆଉ ଆୟୁର୍ବେଦିକ ଚିକିତ୍ସା ପାଇଁ ଦୂରକୁ ଯିବାକୁ ପଡିବ ନାହିଁ। ଡାଇବେଟିସ, ଗଣ୍ଠିବାତ, ପେଟ ସମସ୍ୟା ଭଳି କ୍ରନିକ ରୋଗ ପାଇଁ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଆୟୁର୍ବେଦିକ ଚିକିତ୍ସା ମିଳିବ। ଆୟୁଷ୍ମାନ କାର୍ଡ ଲାଗୁ ହେଲେ ଗରିବ ଓ ମଧ୍ୟବିତ୍ତ ପରିବାର ମଧ୍ୟ ବିନା ଖର୍ଚ୍ଚରେ ଚିକିତ୍ସା କରାଇ ପାରିବେ। ଏବେ ମାଗଣାରେ ରକ୍ତ ପରୀକ୍ଷା ଚାଲିଛି ଏବଂ ଆଗକୁ ଚାଲିବ । ସରକାର ଏହି ପ୍ରକଳ୍ପ ପ୍ରତି ବହୁତ ଆଗ୍ରହୀ। କାରଣ ଏହା କେବଳ ଗୋଟିଏ ହସ୍ପିଟାଲ ନୁହେଁ, ଏହା ଓଡ଼ିଶାରେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ପୁନରୁଦ୍ଧାର କରିବା ଦିଗରେ ଗୋଟିଏ ବଡ ପଦକ୍ଷେପ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ୧୯୭୦ ମସିହାରେ ଏହି ଆୟୁର୍ବେଦିକ ହସ୍ପିଟାଲ ନିର୍ମାଣ ହୋଇଥିଲା । ଯାହା ଆୟୁଷ ବିଭାଗ ଅଧୀନରେ ଚାଲୁଛି । ହସ୍ପିଟାଲରେ ପଞ୍ଚକର୍ମ, ଓପିଡି(ବହିଃବିଭାଗ), ଆଇପିଡି(ଅନ୍ତଃ ବିଭାଗ), ଔଷଧ ପ୍ରସ୍ତୁତି କେନ୍ଦ୍ର(ମିନି ଫାର୍ମାସି), ଔଷଧୀୟ ବୃକ୍ଷ ଉଦ୍ୟାନ ଓ ଯୋଗ ୟୁନିଟ୍ ରହିଛି । ଜ୍ୱର, ଝାଡ଼ା, ବାତରୋଗ ସମେତ ଆଣ୍ଠୁଗଣ୍ଠି ଭଳି ରୋଗର ଆୟୁର୍ବେଦିକ ଚିକିତ୍ସା ଦ୍ୱାରା ଉପଶମ କରାଯାଉଛି । ହେଲେ ଉନ୍ନତମାନର ଚିକିତ୍ସା ନଥିବାରୁ ପୂର୍ବରୁ ରୋଗୀମାନେ ବହୁ ସମୟରେ ଅସନ୍ତୋଷ ପ୍ରକାଶ କରୁଥିଲେ । ରୋଗୀଙ୍କୁ କିଭଳି ପାରମ୍ପରିକ ଆୟୁର୍ବେଦିକ ଚିକିତ୍ସା ପ୍ରତି ଆକର୍ଷିତ କରାଯିବ ସେଥିପାଇଁ ଆଇପିଏଚଏସ (ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ) ଆୟୁଷ ହସ୍ପିଟାଲ ମଡେଲରେ ଏହି ହସ୍ପିଟାଲକୁ ବିକଶିତ କରାଯିବ । ଗତବର୍ଷ ଆୟୁର୍ବେଦିକ ହସ୍ପିଟାଲ ଉନ୍ନୀତ(ଅପଗ୍ରେଡ୍) ହୋଇଥିଲା । ପରେ ପରେ ଏଠାରେ ନିଦାନ ଖୋଲିଥିଲା। ଅଦ୍ୟାବଧି ଅନ୍ତଃବିଭାଗ(ଆଇପିଡି)ରେ ମୋଟ ୪୩ଟି ଶଯ୍ୟା ରହିଛି । ଶଯ୍ୟାଠୁ ବଳି ଯାଉଛି ରୋଗୀ ସଂଖ୍ୟା । ଦୈନିକ ଇନଡୋରକୁ ୧୨୦ ରୋଗୀ ଆସୁଛନ୍ତି । ସେମାନଙ୍କ ମଧ୍ୟରେ ଅଲ୍‌ସର, ଅର୍ଶ, ମଧୁମେହ, ରକ୍ତଚାପ, ହାଡ଼ ଭଙ୍ଗା, ବାତ ଭଳି ଆକ୍ରାନ୍ତ ରୋଗୀ ଅଛନ୍ତି । ସମସ୍ତଙ୍କୁ ଶଯ୍ୟା ମିଳିପାରୁନି । ଶଯ୍ୟା ଆବଶ୍ୟକ କରୁଥିବା ରୋଗୀମାନେ ତଳେ ଶୋଉଛନ୍ତି, ନଚେତ୍ ଘରକୁ ପଳାଉଛନ୍ତି । ବାରମ୍ବାର ଅଭିଯୋଗ ହେବା ପରେ ହସ୍ପିଟାଲ ପକ୍ଷରୁ ଅସ୍ଥାୟୀ ଭାବରେ ଶଯ୍ୟା ବ୍ୟବସ୍ଥା କରାଯାଉଛି । ମାତ୍ର ଭିତ୍ତିଭୂମି ନଥିବାରୁ ସ୍ଥାୟୀ ଭାବରେ ଶଯ୍ୟା ପଡ଼ିପାରୁନି । ଉନ୍ନୀତ ହେବାପରେ ଅଧିକ ଶଯ୍ୟା ପାଇଁ ଯୋଜନା କରାଯାଇଛି ବୋଲି ହସ୍ପିଟାଲର ଅଧୀକ୍ଷକ ଡା. ଚିତ୍ତରଞ୍ଜନ ବେହେରା କହିଛନ୍ତି । ଏସଂପର୍କରେ ବିଭାଗ ସହିତ ଆଲୋଚନା କରାଯାଇଛି । ଖୁବଶୀଘ୍ର ଘର କାମ ଆରମ୍ଭ ହେବ । ଆଜି ଶହେ ଶଯ୍ୟା ବିଶିଷ୍ଟ କୋଠାର ଭୂମିପୂଜନ ହୋଇଛି । ଅପରପକ୍ଷରେ, ହସ୍ପିଟାଲରେ ସବୁଠୁ ବଡ଼ ଉପଲବ୍ଧି ହେଉଛି ପଞ୍ଚକର୍ମ । ବରିଷ୍ଠ ନାଗରିକ, ଅଣ୍ଟୁଗଣ୍ଠି ଜନିତ ରୋଗୀ, ପକ୍ଷାଘାତ ରୋଗୀଙ୍କୁ ଏଠାରେ ପଞ୍ଚକର୍ମ ସେବା ମିଳୁଛି । ଆଗକୁ ପଞ୍ଚକର୍ମରେ ଅଟୋମେଟିକ୍ ମେସିନ୍ ବ୍ୟବହାର କରାଯିବ ବୋଲି ହସ୍ପିଟାଲ ତରଫରୁ ସୂଚନା ମିଳିଛି।

# ‘ସ୍ୱରାଜ୍ୟ ପାଇଁ ସଂଗ୍ରାମ :--- ସ୍ୱାଧୀନତା ପ୍ରାପ୍ତି’



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

୧୮୭୬ ମସିହାରେ କଲିକତାଠାରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଦ୍ୱାରା ‘ଇଣ୍ଡିଆନ୍ ଆସୋସିଏସନ୍’ ଗଠନ ସହିତ ଭାରତୀୟ ଜାତୀୟ ଆନ୍ଦୋଳନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ଆସୋସିଏସନର ଲକ୍ଷ୍ୟ ଥିଲା ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀର ମତାମତକୁ ଉପସ୍ଥାପନ କରିବା, ଭାରତୀୟ ସମାଜକୁ ସାଧାରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବା ପାଇଁ ପ୍ରେରଣା ଦେବା ଏବଂ ଏକତ୍ରିତ କାର୍ଯ୍ୟର ମୂଲ୍ୟ ବୁଝାଇବା। ତାପରେ ୧୮୮୫ ମସିହାରେ ଜଣେ ଅବସରପ୍ରାପ୍ତ ଅଫିସର ଏ. ଓ. ହ୍ୟୁମ୍ (A. O. Hume) ଙ୍କ ସହାୟତାରେ ‘ଭାରତୀୟ ଜାତୀୟ କଂଗ୍ରେସ’ ପ୍ରତିଷ୍ଠିତ ହୋଇଥିଲା। ୧୮୮୫ ମସିହା ଡିସେମ୍ବର ମାସରେ ବମ୍ବେଠାରେ ଡବ୍ଲୁ. ସି. ବାନାର୍ଜୀ (W. C. Banerjee) ଙ୍କ ସଭାପତିତ୍ୱରେ କଂଗ୍ରେସର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଦାଦାଭାଇ ନାରୋଜୀ ଓ ବଦୃଦ୍ଦୀନ ତ୍ୟାବଜୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। କଂଗ୍ରେସର ଦ୍ୱିତୀୟ ଅଧିବେଶନ ୧୮୮୬ ମସିହାରେ କଲିକତାଠାରେ ଦାଦାଭାଇ ନାରୋଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶୀଘ୍ର କଂଗ୍ରେସ ଫିରୋଜ ଶାହା ମେହେଟ୍ଟା, ରମେଶ ଚନ୍ଦ୍ର ଦତ୍ତ, ଗୋପାଳ କୃଷ୍ଣ ଗୋଖଲେ ଏବଂ ଆନନ୍ଦ ମୋହନ ବୋଷଙ୍କ ପରି ଅନେକ ନେତାଙ୍କୁ ଆକର୍ଷିତ କରିଥିଲା। କଂଗ୍ରେସ ଦାବି କରିଥିଲା ଯେ ବିଧାନ ପରିଷଦକୁ ଅଧିକ କ୍ଷମତା ଦିଆଯାଉ, ପରିଷଦର ସଦସ୍ୟମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ହୁଅନ୍ତୁ, ଭାରତୀୟମାନଙ୍କୁ ଉଚ୍ଚ ପଦବୀରେ ନିଯୁକ୍ତି ଦିଆଯାଉ, ଭାରତରେ ସିଭିଲ୍ ସର୍ଭିସ୍ ପରୀକ୍ଷା ଆୟୋଜିତ ହେଉ, ଭାରତୀୟ ଶିଳ୍ପର ବିକାଶ ପାଇଁ ଭାରତ ସରକାରଙ୍କ ଆର୍ଥିକ ନୀତିରେ ପରିବର୍ତ୍ତନ କରାଯାଉ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସମ୍ପ୍ରସାରଣ କରାଯାଉ। କିନ୍ତୁ ବ୍ରିଟିଶ ସରକାର, ବିଶେଷ କରି ଭାଇସରାୟ କର୍ଜନଙ୍କ ଅଧୀନରେ, ଦମନମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ନିଜର ‘ଭାଗ କର ଓ ଶାସନ କର’ (Divide and Rule) ନୀତି ଦ୍ୱାରା ଭାରତୀୟ ଜନମତକୁ ଅବଜ୍ଞା କରିଥିଲେ। ବେଙ୍ଗଲ (ବଙ୍ଗଳା) ପ୍ରଦେଶ, ଯେଉଁଥିରେ ବିହାର ଏବଂ ଓଡ଼ିଶାର କିଛି ଅଂଶ ଅନ୍ତର୍ଭୁକ୍ତ ଥିଲା, ତାହାକୁ ୧୯୦୫ ମସିହାରେ ବିଭାଜିତ କରାଯାଇଥିଲା ଏବଂ ମୁସଲିମ୍ ବହୁଳ ପୂର୍ବ ବଙ୍ଗଳା ଗଠନ କରାଯାଇଥିଲା। ଏହା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ସୃଷ୍ଟି କରିଥିଲା। ସ୍ୱଦେଶୀ ଏବଂ ବର୍ଜନ (Boycott) ଆନ୍ଦୋଳନ ଦେଶର ଅନ୍ୟାନ୍ୟ ଭାଗକୁ ବ୍ୟାପିଯାଇଥିଲା ଏବଂ ଏକ ଶକ୍ତିଶାଳୀ ଆନ୍ଦୋଳନର ରୂପ ନେଇଥିଲା। ଏହା ବ୍ରିଟିଶମାନଙ୍କୁ କ୍ରୋଧିତ କରିଥିଲା, ଯାହାଫଳରେ ସେମାନେ ଅଧିକ ଦମନମୂଳକ ନୀତି ଆପଣେଇଥିଲେ।

ସ୍ୱରାଜ୍ୟ ପାଇଁ ଆହ୍ୱାନ:-୧୯୦୬ ମସିହାରେ କଲିକତାଠାରେ ଦାଦାଭାଇ ନାରୋଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ‘ସ୍ୱରାଜ୍ୟ’ ପ୍ରାପ୍ତି ପାଇଁ ଆହ୍ୱାନ ଦିଆଯାଇଥିଲା—ଯାହା କାନାଡ଼ା ଓ ଅଷ୍ଟ୍ରେଲିଆ ପରି ବ୍ରିଟିଶ ସାମ୍ରାଜ୍ୟ ଅଧୀନରେ ଥିବା ସ୍ୱଶାସନ ପରି ଥିଲା। ବ୍ରିଟିଶମାନେ ଏହି ଦାବିକୁ ସହଜରେ ଗ୍ରହଣ କରିପାରିନଥିଲେ ଏବଂ ବାଲ ଗଙ୍ଗାଧର ତିଳକ, ଲାଲା ଲାଜପତ ରାୟ ଓ ବିପିନ ଚନ୍ଦ୍ର ପାଲଙ୍କ ସମେତ ଅନେକ ନେତାଙ୍କୁ ଗିରଫ କରା ଯାଇଥିଲା । ତିଳକଙ୍କୁ ଛଅ ବର୍ଷ ପାଇଁ ବର୍ମା (ମିଆଁମାର) ନିର୍ବାସିତ କରାଯାଇଥିଲା। ଏହି ସମୟରେ ୧୯୦୯ ମସିହାରେ, ବ୍ରିଟିଶ ସରକାର ଭାରତରେ ଶାସନ ବ୍ୟବସ୍ଥାରେ କେତେକ ସଂସ୍କାର ଘୋଷଣା କରିଥିଲେ, ଯାହା ମୋର୍ଲେ-ମିଣ୍ଟୋ ସଂସ୍କାର (Morley-Minto Reforms) ଭାବରେ ଜଣାଶୁଣା।

ମୋର୍ଲେ-ମିଣ୍ଟୋ ସଂସ୍କାର:---

କେନ୍ଦ୍ରୀୟ ବିଧାନ ପରିଷଦରେ ଅତିରିକ୍ତ ସଦସ୍ୟଙ୍କ ସଂଖ୍ୟା ୧୬ ରୁ ୬୦ କୁ ବୃଦ୍ଧି କରାଯାଇଥିଲା, ଯେଉଁଥିରୁ ୨୭ ଜଣ ସଦସ୍ୟ ନିର୍ବାଚିତ ହେବାର ଥିଲା। ଏହି ନିର୍ବାଚନ କେବଳ ସାଧାରଣ ଜନସାଧାରଣଙ୍କ ଦ୍ୱାରା ନୁହେଁ, ବରଂ ଜମିଦାର ଓ ଶିଳ୍ପପତିମାନଙ୍କ ସଂସ୍ଥା ଦ୍ୱାରା ହେବାର ଥିଲା, ଏବଂ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିନିଧିତ୍ୱ (Separate Representation) ର ବ୍ୟବସ୍ଥା କରାଯାଇଥିଲା। ପ୍ରାଦେଶିକ ପରିଷଦର ସଦସ୍ୟ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଥିଲା। ମୋର୍ଲେ-ମିଣ୍ଟୋ ସଂସ୍କାର ନିରାଶାଜନକ ପ୍ରମାଣିତ ହୋଇଥିଲା, କାରଣ ଏହା ଗଣତାନ୍ତ୍ରିକ/ପ୍ରତିନିଧିମୂଳକ ସରକାର ପ୍ରତିଷ୍ଠା ଦିଗରେ କୌଣସି ଅଗ୍ରଗତି କରିପାରି ନଥିଲା। ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିନିଧିତ୍ୱ ବ୍ୟବସ୍ଥାକୁ ହିନ୍ଦୁ-ମୁସଲିମ ଏକତା ପ୍ରତି ଏକ ବିପଦ ଭାବରେ ଦେଖାଯାଇଥିଲା, ଯାହା ଉପରେ ଜାତୀୟ ଆନ୍ଦୋଳନର ଶକ୍ତି ନିର୍ଭର କରୁଥିଲା। ତେଣୁ ମୁସଲିମ୍ ନେତା ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସମେତ ସମସ୍ତ ନେତା ଏହି ସଂସ୍କାରକୁ ପ୍ରବଳ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ୧୯୧୧ ମସିହାରେ ସମ୍ରାଟ ଜର୍ଜ ପଞ୍ଚମଙ୍କ ସମ୍ମାନାର୍ଥେ ଅନୁଷ୍ଠିତ ‘ଦିଲ୍ଲୀ ଦରବାର’ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଥିଲା ଯାହାହେଲା ୧. ୧୯୦୫ ମସିହାରେ ହୋଇଥିବା ବଙ୍ଗ ଭଙ୍ଗ (Partition of Bengal) କୁ ରଦ୍ଦ କରାଯାଇଥିଲା।

୨. ଭାରତର ରାଜଧାନୀକୁ କଲିକତାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯିବ ବୋଲି ଘୋଷଣା କରାଯାଇଥିଲା। ୧୯୦୯ ର ସଂସ୍କାର ପ୍ରତି ଅସନ୍ତୋଷ ସ୍ୱରାଜ୍ୟ ସଂଗ୍ରାମକୁ ଆହୁରି ତୀବ୍ର କରିଥିଲା। ଗୋଟିଏ ପଟେ ବାଲ ଗଙ୍ଗାଧର ତିଳକ, ଲାଲା ଲାଜପତ ରାୟ ଏବଂ ବିପିନ ଚନ୍ଦ୍ର ପାଲଙ୍କ ପରି ନେତାଙ୍କ ନେତୃତ୍ୱରେ ଚରମପନ୍ଥୀମାନେ ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚଳାଇଥିବା ବେଳେ, ଅନ୍ୟପଟେ ବିପ୍ଲବୀମାନେ ସେମାନଙ୍କର ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି କରିଥିଲେ। ଦେଶସାରା ବ୍ୟାପକ ଅସନ୍ତୋଷ ଦେଖାଦେଇଥିଲା। ଏହା ପୂର୍ବରୁ, ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ରେ ଭାରତୀୟମାନେ ବ୍ରିଟିଶମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ, ଏହି ଆଶାରେ ଯେ ଯୁଦ୍ଧ ପରେ ବ୍ରିଟିଶମାନେ ଭାରତକୁ ଅନ୍ତତଃ ‘ଡୋମିନିୟନ୍ ଷ୍ଟାଟସ୍’ (Dominion Status) ପ୍ରଦାନ କରିବେ। ଏହି ଯୁଦ୍ଧରେ ବ୍ରିଟିଶମାନଙ୍କ ପାଇଁ ହଜାର ହଜାର ଭାରତୀୟ ନିଜର ଜୀବନ ବଳିଦାନ ଦେଇଥିଲେ। କିନ୍ତୁ ବ୍ରିଟିଶ ସରକାର, ନୂଆଦିଲ୍ଲୀରେ ଭାରତୀୟ ସୈନିକମାନଙ୍କ ସ୍ମାରକୀ (ଇଣ୍ଡିଆ ଗେଟ୍) ନିର୍ମାଣ କରିବା ବ୍ୟତୀତ ଭାରତୀୟମାନଙ୍କ ଆକାଂକ୍ଷା ପୂରଣ ପାଇଁ କିଛି କରିନଥିଲେ। ଏହାର ପ୍ରତିକ୍ରିୟାରେ ସେମାନେ ୧୯୧୯ ର ମୋଣ୍ଟେଗୁ-ଚେମ୍ସଫୋର୍ଡ ସଂସ୍କାର (Montague-Chelmsford Reforms) ଆଣିଥିଲେ, ଯାହା ଦ୍ୱାରା କେନ୍ଦ୍ରୀୟ ବିଧାନ ପରିଷଦ ଦୁଇଟି ଗୃହରେ ବିଭକ୍ତ ହୋଇଥିଲା ଯଥା :- ବିଧାନ ପରିଷଦ (Legislative Council), ରାଜ୍ୟ ପରିଷଦ (Council of States) ଏହି ଗୃହଗୁଡ଼ିକରେ ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ଗରିଷ୍ଠତା ଥିଲା, କିନ୍ତୁ ଏହି ସଦସ୍ୟମାନେ ସାଧାରଣ ଜନସାଧାରଣଙ୍କ ଦ୍ୱାରା ନୁହେଁ, କେବଳ ସମ୍ପତ୍ତି ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ (ସେମାନଙ୍କୁ ଭୋଟ୍ ଦେବାର ଅଧିକାର ଥିଲା)। ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଗଭର୍ଣ୍ଣର ଜେନେରାଲଙ୍କ ହାତରେ ନ୍ୟସ୍ତ ଥିଲା, ଯିଏ ଭାରତୀୟ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ନଥିଲେ। ୧୯୧୯ ର ଭାରତ ଶାସନ ଆଇନ୍ ପ୍ରଦେଶଗୁଡ଼ିକରେ ‘ଦ୍ୱୈଧ ଶାସନ’ (Dyarchy) ପ୍ରବର୍ତ୍ତନ କରିଥିଲା, ଯେଉଁଥିରେ ପ୍ରାଦେଶିକ ବିଷୟଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା:-- ସଂରକ୍ଷିତ ବିଷୟ (Reserved Subjects) ବରିଷ୍ଠ ଅଫିସର/ଅମଲାତନ୍ତ୍ରଙ୍କ ଦାୟିତ୍ୱରେ ରଖାଯାଇଥିଲା।

ହସ୍ତାନ୍ତରିତ ବିଷୟ (Transferred Subjects):-- ନିର୍ବାଚିତ ପ୍ରତିନିଧିମାନଙ୍କୁ ଦିଆଯାଇଥିଲା।

ଏହି ସଂସ୍କାରଗୁଡ଼ିକ ପ୍ରଥମ ବିଶ୍ୱଯୁଦ୍ଧ ଶେଷ ପରେ ସ୍ୱରାଜ୍ୟ ପାଇବାକୁ ଆଶା ରଖିଥିବା ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରିନଥିଲା। ଜନସାଧାରଣଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଅସନ୍ତୋଷକୁ ଆହୁରି ବଢ଼ାଇବା ପାଇଁ, ୧୯୧୯ ମସିହାରେ ରାଓଲଟ ଆକ୍ଟ (Rowlatt Act) ପାରିତ ହୋଇଥିଲା। ରାଓଲଟ ଆକ୍ଟ, ଜାଲିଆନାୱାଲା ବାଗ୍ ଏବଂ ପରବର୍ତ୍ତୀ ଘଟଣାବଳୀ ଅନୁଯାୟୀ ରାଓଲଟ ଆକ୍ଟ ସରକାରଙ୍କୁ ବିନା ବିଚାରରେ ଲୋକମାନଙ୍କୁ ଜେଲରେ ରଖିବା ପାଇଁ ଅସୀମ କ୍ଷମତା ଦେଇଥିଲା। ଏହା ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲା ଏବଂ ବୃହତ୍ ପ୍ରଦର୍ଶନକୁ ଜନ୍ମ ଦେଇଥିଲା। ସରକାର ଅତ୍ୟନ୍ତ ନିର୍ଦ୍ଦୟ ପଦକ୍ଷେପ ଦ୍ୱାରା ଏହାକୁ ଦମନ କରିଥିଲେ। ୧୯୧୯ ମସିହା ଅପ୍ରେଲ ୧୩ ତାରିଖରେ ଜାଲିଆନାୱାଲା ବାଗ୍ ହତ୍ୟାକାଣ୍ଡ ଘଟିଥିଲା, ଯେଉଁଠାରେ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥିବା ନିରସ୍ତ୍ର ଲୋକଙ୍କ ଉପରେ ଜେନେରାଲ ଡାୟରଙ୍କ ଆଦେଶରେ ଗୁଳିଚାଳନା କରାଯାଇଥିଲା। ଏହି ଘଟଣା ପରେ ବ୍ରିଟିଶ ସରକାରଙ୍କ ଅତ୍ୟାଚାର ଦ୍ୱାରା ଭାରତୀୟମାନଙ୍କ ସ୍ୱରକୁ ପୁଣି ଥରେ ଦବାଇ ଦିଆଯାଇଥିଲା। ଏହି ବର୍ବର ଗୁଳିକାଣ୍ଡରେ ମର୍ମାହତ ହୋଇ ମହାନ୍ କବି, ଉପନ୍ୟାସିକ ଓ ଦାର୍ଶନିକ ରବୀନ୍ଦ୍ରନାଥ ଟାଗୋର ବ୍ରିଟିଶ ସରକାରଙ୍କ ପ୍ରତିବାଦ ସ୍ୱରୂପ ସେମାନଙ୍କ ଦ୍ୱାରା ପ୍ରଦତ୍ତ ନାଇଟ୍‌ହୁଡ୍’ (Knighthood) ଉପାଧି ତ୍ୟାଗ କରିଥିଲେ। ଅସହଯୋଗ ଏବଂ ସବିନୟ ଆଇନ୍ ଅମାନ୍ୟ ଆନ୍ଦୋଳନ, ପ୍ରଥମ ବିଶ୍ୱଯୁଦ୍ଧ ପରେ, ଗାନ୍ଧୀଜୀ କଂଗ୍ରେସର ଅବିସଂବାଦିତ ନେତା ହୋଇପାରିଥିଲେ ଏବଂ ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମର ଏକ ନୂତନ ଶୈଳୀ ପ୍ରବର୍ତ୍ତନ କରିଥିଲେ। ୧୯୨୦ ମସିହାରେ ଆରମ୍ଭ ହୋଇଥିବା ଅସହଯୋଗ ଆନ୍ଦୋଳନ (Non-Cooperation Movement) ଯାହା ଏକ ବଡ଼ ସଫଳତା ଥିଲା। ବ୍ରିଟିଶମାନଙ୍କ ଗିରଫଦାରୀ, ଗୁଳିଚାଳନା ଓ ଅତ୍ୟାଚାର ମଧ୍ୟ ଏହି ଆନ୍ଦୋଳନର ଗତିକୁ ରୋକିପାରିନଥିଲା। ଏହି ସମୟରେ ଜବାହରଲାଲ ନେହେରୁ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ପରି ନୂତନ ଯୁବ ନେତାମାନେ ଉଭରି ଆସିଥିଲେ ଏବଂ ସମ୍ପୂର୍ଣ୍ଣ ସ୍ୱାଧୀନତା (ପୂର୍ଣ୍ଣ ସ୍ୱରାଜ) ର ଦାବି କରିଥିଲେ। ସେମାନଙ୍କ ପ୍ରଭାବରେ ଜାତୀୟ ଆନ୍ଦୋଳନ ଅଧିକ ତୀବ୍ର ଓ ସଂଗ୍ରାମୀ ହୋଇପାରିଥିଲା। ୧୯୨୭ ମସିହାରେ ବ୍ରିଟିଶ ସରକାର ଭାରତୀୟ ଶାସନ ବ୍ୟବସ୍ଥାରେ ଅଧିକ ସଂସ୍କାରର ପରାମର୍ଶ ଦେବା ପାଇଁ ସାଇମନ୍ କମିଶନ୍ (Simon Commission) କୁ ଭାରତ ପଠାଇଥିଲେ। କିନ୍ତୁ ଏହି କମିଶନରେ କୌଣସି ଭାରତୀୟ ସଦସ୍ୟ ନଥିବାରୁ, କଂଗ୍ରେସ ଏବଂ ମୁସଲିମ୍ ଲିଗ୍ ସମେତ ସମଗ୍ର ଦେଶରେ ଏହାକୁ ବର୍ଜନ କରାଯାଇଥିଲା। ୧୯୨୮ ମସିହାରେ ଯେତେବେଳେ କମିଶନ୍ ଭାରତରେ ପହଞ୍ଚିଲା, ସେତେବେଳେ ବ୍ୟାପକ ପ୍ରତିବାଦ କରାଯାଇଥିଲା। ପ୍ରଦର୍ଶନକାରୀଙ୍କ ଉପରେ ଲାଠିଚାଳନା କରାଯାଇଥିଲା, ଯେଉଁଥିରେ ଲାଲା ଲାଜପତ ରାୟ ଗୁରୁତର ଆହାତ ହୋଇ ପରବର୍ତ୍ତୀ ସମୟରେ ପ୍ରାଣତ୍ୟାଗ କରିଥିଲେ। ସବିନୟ ଆଇନ୍ ଅମାନ୍ୟ ଆନ୍ଦୋଳନ (Civil Disobedience Movement) ୧୯୨୯ ମସିହାରେ ଜବାହରଲାଲ ନେହେରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସର ଲାହୋର ଅଧିବେଶନରେ ‘ପୂର୍ଣ୍ଣ ସ୍ୱରାଜ’ (ସମ୍ପୂର୍ଣ୍ଣ ସ୍ୱାଧୀନତା) ର ସଂକଳ୍ପ ଗ୍ରହଣ କରାଯାଇଥିଲା ଏବଂ ସବିନୟ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୯୩୦ ମସିହା ଜାନୁଆରୀ ୨୬ ତାରିଖକୁ ‘ସ୍ୱାଧୀନତା ଦିବସ’ ଭାବରେ ପାଳନ କରାଯାଇଥିଲା। ଏହା ପରେ ଗାନ୍ଧୀଜୀଙ୍କ ଦ୍ୱାରା ପ୍ରସିଦ୍ଧ ଦାଣ୍ଡି ଯାତ୍ରା (Dandi March) ମାଧ୍ୟମରେ ସବିନୟ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ଯୋଗ ଦେଇଥିଲେ। ସରକାର ଗୁଳିଚାଳନା କରି ଏବଂ ଶହ ଶହ ଲୋକଙ୍କୁ ହତ୍ୟା କରି ଏହି ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲେ। ଜବାହରଲାଲ ନେହେରୁ ଏବଂ ଗାନ୍ଧୀଜୀଙ୍କ ସମେତ ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏହି ଆନ୍ଦୋଳନ ଦେଶର ଚାରିଆଡ଼କୁ ବ୍ୟାପିଯାଇଥିଲା ଫଳରେ ସ୍ୱାଧୀନତାର ସ୍ୱପ୍ନ ସାକାର ହୋଇଥିଲା ସେ ଦିନଟି ଥିଲା ୧୯୪୭ ମସିହା ଆଜିର ଦିନ।

## ଅଧିକାର ପୁରା, କର୍ତ୍ତବ୍ୟ ଅଧା, କ’ଣ ଏହା ହିଁ ସ୍ୱାଧୀନତା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଭାରତ କେବଳ ଏକ ଭୂଗୋଳ ନୁହେଁ, ବରଂ ବିଚାର, ମୂଲ୍ୟ ଏବଂ ସହ ଅସ୍ତିତ୍ୱର ଜୀବନ୍ତ ପ୍ରତୀକ ଅଟେ। ଏଠି ସଂସ୍କୃତି, ଅଧ୍ୟାତ୍ମ୍ୟ, ବିଜ୍ଞାନ ଏବଂ ବିବିଧତାର ସଙ୍ଗମ ଏକତାର ସୂତ୍ରରେ ବନ୍ଧା ହୋଇଛି । ଆମର ସ୍ୱତନ୍ତ୍ରତା କେବଳ ରାଜନୈତିକ ସ୍ୱାଧିନତାର ପର୍ବ ହୋଇ ରହିନାହିଁ ବରଂ ଏହା ସେଇ ସମାବେଶୀ ରାଷ୍ଟ୍ରର ମୂଳଦୁଆ ଥିଲା ଯାହାର କଳ୍ପନା “ଆମେ ଭାରତର ଜନସାଧାରଣ”ରେ କରାଯାଇଥିଲା ଏକ ଏମିତି ରାଷ୍ଟ୍ର ଯେଉଁଠି ସବୁ ନାଗରିକ ସମାନ ଅଧିକାର ଏବଂ ଅବସରର ଅଧିକାରୀ ହେବେ। ଏଇ ଅଧିକାରକୁ ସ୍ୱର ଏବଂ ସଂରଚନା ଦେବାର କାମ କରିଥିଲା ଆମର ସମ୍ବିଧାନ। ସମ୍ବିଧାନ କେବଳ ଏକ ବିଧିକ ଦସ୍ତାବିଜ୍ ନୁହେଁ ବରଂଚ ରାଷ୍ଟ୍ରର ଆତ୍ମା ଅଟେ ଯିଏ ସ୍ୱତନ୍ତ୍ରତାକୁ ଉତ୍ତରଦାୟୀତ୍ୱ ସହ ଯୋଡିଦେଇଛି । ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଏବଂ ବନ୍ଧୁତ୍ୱ ଏହାର ପ୍ରାଣ ଅଟେ। କିନ୍ତୁ ଏହା କେବଳ କାଗଜରେ ନୁହେଁ ନାଗରିକ ବା ଲୋକଙ୍କ ସଜାଗ ଚେତନାରେ ଜୀବିତ ରହି ହିଁ ସାର୍ଥକ ହୋଇପାରେ। ଦୁର୍ଭାଗ୍ୟ ଯେ ସ୍ୱାଧିନତାକୁ ଆମେ ଅଧିକାର ବୋଲି ଭାବିନେଲେ ହେଲେ କର୍ତ୍ତବ୍ୟ କଥାଟା ଭୁଲିଗଲେ। ଭୋଟଦାନକୁ ଗଣତନ୍ତ୍ରର ଶେଷକଥା ବୋଲି ଭାବିନେଲେ ଯଦିଓ ଏହା ପ୍ରାରମ୍ଭମାତ୍ର। ଗଣତନ୍ତ୍ରକୁ ଜୀବନ୍ତ ରଖିବା ପାଇଁ ନାଗରିକଙ୍କୁ ବିଚାରକ ସମୀକ୍ଷକ ଏବଂ ସହଭାଗୀ ହେବାକୁ ପଡିବ। ଯେପର୍ଯ୍ୟନ୍ତ ଆମେ ସମ୍ବିଧାନକୁ ଜୀବନଶୈଳୀ ଭଳି ନ ଆପଣେଇଛେ ସେ ପର୍ଯ୍ୟନ୍ତ ଗଣତନ୍ତ୍ର କେବଳ ଔପଚାରିକତା ହୋଇ ରହିଯିବ। ସମ୍ବିଧାନର ଅନୁଚ୍ଛେଦ ୫୧(କ)ରେ ଉଲ୍ଲିଖିତ କର୍ତ୍ତବ୍ୟ ସାର୍ବଜନିକ ସମ୍ପତ୍ତିର ସୁରକ୍ଷା, ବୈଜ୍ଞାନିକ ଦୃଷ୍ଟିକୋଣ, ସାମାଜିକ ସମାନତା, ପରିବେଷ ସଂରକ୍ଷଣ ଏବଂ ରାଷ୍ଟ୍ରୀୟ ଏକତା କେବଳ ବହି ଭିତରେ ସିମୀତ ହୋଇ ରହିଯାଇଛି କିନ୍ତୁ ଆମ ଜୀବନରେ ଦୁର୍ଲଭ। ଦେଶଭକ୍ତିକୁ ଆମେ ପତାକା ଉତ୍ତୋଳନ ଏବଂ ସ୍ଲୋଗାନରେ ସିମୀତ କରିଦେଇଛେ ଯଦିଓ ଏହା ଆମର ଦୈନନ୍ଦିନର ବା ସାଧାରଣ ଆଚରଣରେ ପ୍ରତିଫଳିତ ହେବା ଉଚିତ୍। ଆମ ଦେଶର ଆତ୍ମା ବିବିଧତାରେ ନିହିତ ଏକତା ଅଟେ। କିନ୍ତୁ ଯେତେବେଳେ ଜାତି, ଧର୍ମ, ଭାଷା ଏବଂ ଆଞ୍ଚଳିକ ପରିଚୟ ସଂଘର୍ଷ ବା ତିକ୍ତତାର କାରଣ ପାଲଟିଥାଏ ସେତେବେଳେ ସମ୍ବିଧାନର ଭାବନା ଆହତ ହୋଇଥାଏ। ଡ଼କ୍ଟର ଭୀମରାଓ ଆମ୍ବେଦକର ଚେତାଇଥିଲେ ଯଦି ଆମ ଭିତରେ ଏକତା ନରହିବ ତେବେ ସମ୍ବିଧାନର କୌଣସି ମୂଲ୍ୟ ନାହିଁ। ତାଙ୍କ ଚେତବନୀ ସତ୍ତ୍ୱେ ଯଦି ଆମେ ବିଭାଜିତ ହେବା ଭଳି କାର୍ଯ୍ୟ କରିବା ଏବଂ ସମ୍ବିଧାନର ପ୍ରାଣକୁ ଦୁର୍ବଳ କରିବା ପାଇଁ ଉଦ୍ୟମ କରିବା ତେବେ ଆମେ ନିଜକୁ ଭାରତୀୟ କହିବା କିପରି ? ଅଭିବ୍ୟକ୍ତିର ସ୍ୱାଧିନତା ଗଣତନ୍ତ୍ରର ଆଭୂଷଣ ଅଟେ କିନ୍ତୁ ଏହା ମର୍ଯ୍ୟଦା ଏବଂ ସଦ୍‌ଭାବ ସହ ରହିଲେ ହିଁ ମୂଲ୍ୟବାନ ଅନ୍ୟଥା ମୂଲ୍ୟହୀନ। ଅନେକ ସମୟରେ ଅଭିବ୍ୟକ୍ତିର ସ୍ୱାଧିନତାକୁ ଦ୍ୱେଷ, ଘୃଣାସୃଷ୍ଟି ଏବଂ ଅପପ୍ରଚାର ପାଇଁ ଶସ୍ତ୍ର ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଉଛି। ଆମେ ବୁଝିବା ଉଚିତ୍ ଯେ ଗଣତନ୍ତ୍ର ପାଇଁ ଅଧିକାର ଏବଂ କର୍ତ୍ତବ୍ୟ ଉଭୟ ଆବଶ୍ୟକ। ଏ ଦୁଇଟି ମଧ୍ୟରୁ ଗୋଟିଏ ଦୁର୍ବଳ ହେଲେ ଗଣତନ୍ତ୍ରର ସଫଳ ଯାତ୍ରା ଆଧାରେ ଅଟକିଯିବ। ଏବେ ଭାରତ ବୈଶ୍ୱିକ ମଞ୍ଚରେ ମଜଭୁତ ଭୂମିକା ନିର୍ବାହ କରୁଛି, ଭାରତ ପାଇଁ ଚାଲେଞ୍ଜ ମଧ୍ୟ ରହିଛି। ଏବେ ସମୟ ଆସିଛି ଆମେ ସମ୍ବିଧାନକୁ ବହି ଭିତରୁ ବାହାର କରି ନିଜ ଜୀବନଶୈଳୀ ଓ ଆଚରଣରେ ଆପଣେଇବା। ନ୍ୟାୟ କେବଳ ଅଦାଲତରେ ନୁହେଁ ବରଂ ଚେତନାରୁ ସୃଷ୍ଟି ହୋଇଥାଏ। ସମାନତା ସେତେବେଳେ ସଶକ୍ତ ହୋଇପାରିବ ଯେତେବେଳେ ଭେଦଭାବ କଥାକୁ ଭାବିବା ପରିବର୍ତ୍ତେ ଅସ୍ୱୀକାର କରାଯିବ। ବନ୍ଧୁତ୍ୱ ସେତେବେଳେ ସାର୍ଥକ ଯେତେବେଳେ ଏହା ସହଭାବ ଏବଂ ସହକର୍ମରେ ଦେଖାଯାଏ। ଅଗଷ୍ଟ ୧୫ ଭଳି ପର୍ବ କେବଳ ସ୍ମରଣର ନୁହେଁ ବରଂ ସଂକଳ୍ପର ନବୀକରଣର ଅବସର ଅଟେ। ଏହି ଅବସରରେ ଆମେ ଦେଶବାସୀ/ଜନସାଧାରଣ ଏମିତି ଭାରତ ନିର୍ମାଣ ପାଇଁ ସଂକଳ୍ପ ନେବା ଯେଉଁଠି ସ୍ୱତନ୍ତ୍ରତା ଅନୁଶାସନ ସହ ଯୋଡି ହୋଇଥିବ, ସମାନତା ସଦ୍‌ଭାବନା ସହଥିବ ଏବଂ କର୍ତ୍ତବ୍ୟ ନାଗରିକର/ ଆମର ଧର୍ମ ପାଲଟିଯିବ। କାରଣ ସତ୍ୟ ହେଉଛି ଭାରତର ଭାଗ୍ୟ ସଂସଦରେ ନୁହେଁ ସବୁ ନାଗରିକଙ୍କ ମନରେ ବସିଥାଏ।

# ସ୍ୱାଧୀନତା ଦିବସର ଆହ୍ୱାନ ଓ ସଂକଳ୍ପ



ଡ.ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ପ୍ରତ୍ୟେକ ଦେଶ ପରତନ୍ତ୍ରରୁ ମୁକ୍ତି ପାଉଥିବା ଦିନଟିକୁ ତାର ଶ୍ରେଷ୍ଠ ପର୍ବ ଭାବରେ ଗ୍ରହଣ କରିଥାଏ। ଅନେକ ମହାପୁରୁଷ ଜୀବନର ବଳୀଦାନ ଦେଇ, ନିଜ ଜୀବନକୁ ବାଜି ଲଗାଇ, ଲୁହ ଲହୁ ନିଗାଡି ପରାଧୀନତାର ଇତିହାସର ମୋଡ ବଦଳାଇ ଥାନ୍ତି। ଦେଶ ସ୍ୱାଧୀନତାର ସ୍ୱପ୍ନର ସଫଳ ରୂପାୟନ କରିଥାନ୍ତି। କୃତଜ୍ଞତା ସ୍ୱରୂପ ସେହିଦିନ ଦେଶବାସୀ ସେହି ମହାପୁରୁଷ ମାନଙ୍କୁ ସ୍ମରଣ କରିଥାନ୍ତି। ସେମାନଙ୍କୁ ଅନ୍ତରର ସମ୍ମାନ ପ୍ରଦର୍ଶନ କରିଥାନ୍ତି। ଆମ ଦେଶରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ଭାବେ ପାଳିତ ହେଉଥିବା ବେଳେ ଏହିଦିନ ମଧ୍ୟ ସ୍ୱାଧୀନତା ପାଇଁ ନିଜ ଜୀବନକୁ ବଳୀଦାନ କରିଥିବା ସେଇ ମହାପୁରୁଷ ମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି ସଂଗ୍ରାମୀ ତଥା ମହାପୁରୁଷ ମାନଙ୍କ ପାଇଁ ଦୀର୍ଘ ବର୍ଷର ବ୍ରିଟିଶ ଶାସନର ପରାଧୀନତାର ବନ୍ଧନରୁ ଆମ ଦେଶ ମୁକ୍ତି ପାଇଲା। ଦେଶ ତାର ଅମୂଲ୍ୟ ସ୍ୱାଧୀନତା ପାଇଥିଲା।

ଦୀର୍ଘ ଦୁଇଶହ ବର୍ଷ ଧରି ଏହି ମହାନ ଦେଶ ଭାରତକୁ ଇଂରେଜ ମାନେ ଶାସନ କରି ଆମ ଦେଶବାସୀଙ୍କୁ ଅକଥନୀୟ ଅତ୍ୟାଚାର ପ୍ରଦାନ କରିଥିଲେ। ପ୍ରତି ମୁହୂର୍ତ୍ତରେ ଭାରତୀୟ ଜନମନ ଚାହୁଁଥିଲା ରାଜନୈତିକ ମୁକ୍ତି ସାଙ୍ଗକୁ ପୂର୍ଣ୍ଣ ସ୍ୱରାଜ। ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱାଧୀନତା ପ୍ରତ୍ୟେକ ଭାରତୀୟଙ୍କ ଜନ୍ମଗତ ଅଧିକାର। ଏ କଥା ପ୍ରତ୍ୟେକ ଭାରତୀୟ ମର୍ମେ ମର୍ମେ ଉପଲବ୍ଧ କରୁଥିଲେ। ଉତ୍କଳମଣି ଗୋପବନ୍ଧୁ ଲେଖିଥିଲେ-
“ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିଚାର।”

ସମୟର ପ୍ରଭାବରେ, କାଳର କରାଳ ଗତିରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ପ୍ରୟାସ ବିସ୍ମୃତିର ଅଥଳ ଗର୍ଭରେ ଭାସିଯାଇଛି। ସ୍ୱାଧୀନତା ଦିବସ ପାଳନର ଲକ୍ଷ୍ୟ ହେଉଛି ଏହି ସ୍ମୃତିକୁ ସ୍ମରଣ କରିବା ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ୱାଧୀନ ଭାରତ ନେଇ ଦେଖିଥିବା ସ୍ୱପ୍ନ ଓ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ସଂକଳ୍ପ ନେବା। ସ୍ୱାଧୀନତା ଦିବସ ଏକ ମହାନ ରାଷ୍ଟ୍ରୀୟ ପର୍ବ। ୧୫ ଅଗଷ୍ଟ ଦିନ ହିମାଳୟ ଠାରୁ କୁମାରିକା ପର୍ଯ୍ୟନ୍ତ ବହୁ ଆଡମ୍ବର ସହକାରେ ଏହି ଉତ୍ସବ ପାଳିତ ହୁଏ। ‘ଇଣ୍ଡିଆ ଗେଟ’ରେ ଜଳ, ସ୍ଥଳ, ଆକାଶ ସେନା ପକ୍ଷରୁ ଅଭିବାଦନ ପ୍ରଦାନ କରାଯାଏ। ଏହି ପବିତ୍ର ସମାରୋହକୁ ଅବଲୋକନ କରିବା ପାଇଁ ଭାରତର ରାଜଧାନୀ ଦିଲ୍ଲୀରେ ସାରା ଭାରତର ବିଭିନ୍ନ ସ୍ଥାନରୁ ହଜାର ହଜାର ନରନାରୀ ସମବେତ ହୁଅନ୍ତି। କେବଳ ଦିଲ୍ଲୀରେ ନୁହେଁ ପ୍ରତ୍ୟେକ ରାଜ୍ୟର ରାଜଧାନୀ ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଏହି ଦିବସ ପାଳିତ ହୁଏ। ଶିକ୍ଷାକ୍ଷେତ୍ର ଗୁଡିକରେ ଛାତ୍ରଛାତ୍ରୀ ପ୍ରଭାତଫେରି କରି ବିଦ୍ୟାଳୟ ପ୍ରାଙ୍ଗଣରେ ଏକତ୍ର ହୁଅନ୍ତି। ସମସ୍ତେ ଯଥାରୀତି ଜାତୀୟ ପତାକା ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି। ପତାକା ଉତ୍ତୋଳନ କରାଯିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଏ। ଏହି ପବିତ୍ର ଦିବସରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଆତ୍ମ ବଳୀଦାନକୁ ପ୍ରତ୍ୟେକ ଜନସାଧାରଣ ସ୍ମରଣ କରିଥାନ୍ତି। ମହାତ୍ମା ଗାନ୍ଧୀଙ୍କ ଅହିଂସା ମନ୍ତ୍ର ପ୍ରତ୍ୟେକ ଭାରତୀୟଙ୍କ ପାଇଁ କେବଳ ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ଏକ ପ୍ରେରଣା। ଭାରତବର୍ଷରେ ଜନ୍ମ ଲାଭ କରିଥିବା ଯୋଗଜନ୍ମା ମହାପୁରୁଷ ମହାତ୍ମା ଗାନ୍ଧୀଙ୍କ ଦେଶପ୍ରେମ, ବ୍ୟକ୍ତିତ୍ୱ, ସାଧୁତା, ନୈତିକତା, ମାନବିକତା, କର୍ତ୍ତବ୍ୟନିଷ୍ଠା ସମଗ୍ର ବିଶ୍ୱରେ ବିରଳ। ଆମ ଦେଶକୁ ବ୍ରିଟିଶ ମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ ମହାତ୍ମା ଗାନ୍ଧୀ ଅହିଂସା ଓ ଶାନ୍ତି ମାଧ୍ୟମରେ ସ୍ୱାଧୀନତା ପାଇବା ପଦ୍ଧତି ସମଗ୍ର ବିଶ୍ୱବାସୀଙ୍କୁ ଏକ ନୂତନ ମାର୍ଗର ଉନ୍ମୋଚନ କରିଥିଲା। ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନ କରି ବାପୁ ବିଶ୍ୱ ଦରବାରରେ ବ୍ୟାପକ ଲୋକପ୍ରିୟ ହୋଇଥିଲେ। ୧୯୧୫ ମସିହାରେ ଗାନ୍ଧିଜୀ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତବର୍ଷ ସେତେବେଳେ ସଂପୂର୍ଣ୍ଣ ଭାବେ ଇଂରୋଜ ମାନଙ୍କ ଦ୍ୱାରା ଅଧିକୃତ ହୋଇ ସାରିଥାଏ। ଭାରତୀୟ ଜନତାଙ୍କ ନେତୃତ୍ୱର ପ୍ରଥମ ପଦକ୍ଷେପ ସ୍ୱରୂପ ଇଂରେଜଙ୍କ ଦ୍ୱାରା ଅତ୍ୟାଚାରିତ ନୀଳଚାଷୀ ମାନଙ୍କ ସମସ୍ୟା ସମାଧାନ ପାଇଁ ଲଢିଥିଲେ ଗାନ୍ଧିଜୀ। ଏଥିପାଇଁ ବିହାର ଚମ୍ପାରଣ ଠାରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ପରେ ଅହମ୍ମଦାବାଦର ଶ୍ରମିକ ଆନ୍ଦୋଳନ, ଏହାପରେ ଗୁଜୁରାଟର କାଇରା ଅଞ୍ଚଳରେ କୃଷକ ଆନ୍ଦୋଳନରେ ଗାନ୍ଧିଜୀଙ୍କ ନେତୃତ୍ୱ ବେଶ ସଫଳ ହୋଇଥିଲା। ପ୍ରଥମେ ଗାନ୍ଧିଜୀ ଭାରତୀୟ ଜାତୀୟ କଂଗ୍ରେସରେ ଜଣେ ସଦସ୍ୟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବାଲ ଗଙ୍ଗାଧର ତିଳକଙ୍କ ମୃତ୍ୟୁ ପରେ ଜାତୀୟ କଂଗ୍ରେସର ସର୍ବେସର୍ବା ହେଲେ ଗାନ୍ଧିଜୀ। ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ, ୧୯୪୨ ମସିହାରେ ଭାରତଛାଡ, ଆନ୍ଦୋଳନ ଗାନ୍ଧିଜୀଙ୍କ ସଫଳ ନେତୃତ୍ୱ ଦୃଷ୍ଟାନ୍ତ ହୋଇଥିଲା। ଶେଷରେ ଭାରତର ବହୁ ମହାମନିଷୀ ମାନଙ୍କ ତ୍ୟାଗ, ବଳିଦାନରେ ଦେଶର କୋଟି କୋଟି ଲୋକଙ୍କ ସହଯୋଗରେ ମହାତ୍ମାଙ୍କ ନେତୃତ୍ୱରେ ଭାରତ ୧୫ ଅଗଷ୍ଟରେ ସ୍ୱାଧୀନ ହେଲା। ଅନ୍ୟାନ୍ୟ ସ୍ୱାଧୀନ ଦେଶ ପରି ଆମ ଦେଶରେ ମଧ୍ୟ ଗୋଟିଏ ସମ୍ବିଧାନ ଅଛି। ପ୍ରତ୍ୟେକ ଭାରତୀୟ ଏହିଦିନ ଦେଶପ୍ରେମର ପବିତ୍ର ମହାନ ବନ୍ଧନରେ ରହି ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନିଅନ୍ତି। ସ୍ୱାଧୀନତା ଦିବସ ଭାରତର ଏକ ଜାତୀୟ ଉତ୍ସବ। ଏହା ଦେଶବାସୀଙ୍କ ପାଇଁ ଆତ୍ମ ସମୀକ୍ଷା ଓ ସଂକଳ୍ପର ଦିବସ। ଦେଶର ଜାତୀୟ ସଂହତି ଓ ଏକତାକୁ ଅକ୍ଷୁର୍ଣ୍ଣ ରଖିବାକୁ ସଂକଳ୍ପ ନେବାର ଦିବସ। ପ୍ରାୟ ଦୁଇଶହ ବର୍ଷ ପୂର୍ବେ ମଣିଷର ଭାଗ୍ୟ ଓ ଭବିଷ୍ୟତକୁ ଏକ ବିଶେଷ ବେଗ ତଥା ଉଦବେଳନ ଆଣି ଦେଇଥିବା ତିନୋଟି ଶବ୍ଦ ହେଉଛି- ସ୍ୱାଧୀନତା, ସମାନତା ଓ ଭାତୃତ୍ୱ। ଫରାସୀ ବିପ୍ଳବର ପତାକା ତଳେ ଏକ ବିଶେଷ ସ୍ୱପ୍ନର ତାତ୍ପର୍ଯ୍ୟ ଗୁଡିକ ପ୍ରତିଫଳିତ କରି ସମଗ୍ର ବିଶ୍ୱ ଚିତ୍ତକୁ କେତେକେତେ ଆତ୍ମବଳି ଆଣି ଦେଇଥିଲେ। ସଂଘ ଶକ୍ତି ଦ୍ୱାରା ହିଁ ଭବିଷ୍ୟତ ପାଇଁ ଏକ ନୂଆ ମୋଡ ଓ ଗୋଟିଏ ବିଶ୍ୱାସର ପ୍ରତିଷ୍ଠା ହୋଇଥିଲା। ତାହାର ମୂଳ ସ୍ଲୋଗାନ ଥିଲା- ସ୍ୱାଧୀନତା ଲାଭ କରିବା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ଭାରତବର୍ଷରେ ଏହି ସ୍ଲୋଗାନ ତାର ମୂଳଲକ୍ଷ୍ୟକୁ ପ୍ରାପ୍ତ କରିଥିଲା। ସ୍ୱାଧୀନତାର ମୂଳପିଣ୍ଡ ଭାବେ ପ୍ରତ୍ୟେକ ମଣିଷ ନିମନ୍ତେ ଅନ୍ତତଃ ସର୍ବନିମ୍ନ ସୁଯୋଗ ମାନ ଅବଶ୍ୟ ରହିବାର ଆବଶ୍ୟକତା ହିଁ ଏହାର ମୂଳପିଣ୍ଡ ଥିଲା। ଭାରତବର୍ଷର ଶାସନସ୍ତରୀୟ ଗଣ ରାଜତନ୍ତ୍ରରୁ ଏକ ଗଣତାନ୍ତ୍ରୀୟ ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି। ତଥାପି ଶାସନ ବ୍ୟବସ୍ଥରେ ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ଅଛନ୍ତି। ଏଥିପାଇଁ ଅଶିକ୍ଷା, ଦାରିଦ୍ର୍ୟ, ରୋଗ ନୀତିଦିନର ଶୈଳୀ ପ୍ରାୟ ହୋଇ କୋଟି କୋଟି ଭାରତୀୟଙ୍କ ଭାଗ୍ୟକୁ କାମୁଡି ଧରିଛି। ଅନାଟନ ଅବିଚ୍ଛନ୍ନ ରହିଛି। ପ୍ରାକୃତିକ ପ୍ରକୋପ ଗୁଡିକ ପାଇଁ ଏହି ମଣିଷ ମାନେ ଅସହାୟ ହୋଇଛନ୍ତି। ସ୍ୱାଧୀନତାର ଅଣାଅଶି ବର୍ଷ ପରେ ମଧ୍ୟ ବିପର୍ଯ୍ୟସ୍ତ ବ୍ୟବସ୍ଥା ପାଇଁ ମଣିଷ ନିଜକୁ ଅଲୋଡା ମଣୁଛି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଖୁବ ଜାକଜମକରେ ହୋଉଛି ମାତ୍ର ସାମୁହିକ ନିମ୍ନତମ ରାଷ୍ଟ୍ରିୟ ବିଧାନ ଗୁଡିକରେ ତଳେ ଲୋକମାନେ କୌଣସି ଭରସା ରଖି ପାରୁନାହାନ୍ତି। ଭାରତୀୟ ଅହିଂସା ଆନ୍ଦୋଳନର ପୁରୋଧା ମହାତ୍ମା ଗାନ୍ଧୀଙ୍କ ସଂଗ୍ରାମ ସଫଳ ହେବା ପରେ ବିପ୍ଳବୀ ବୃହତ ନେତାମାନେ ବହୁ ଖାସ ସ୍ୱାର୍ଥ ବାସନା ଦ୍ୱାରା ବିଭାଜିତ ହୋଇ, ନିଜର ଲକ୍ଷ୍ୟପଥରୁ ଭ୍ରଷ୍ଟ ହୋଇଛନ୍ତି। ଶାସନ ବ୍ୟବସ୍ଥା ବିଦେଶୀଙ୍କ ହାତରୁ ସ୍ୱଦେଶୀଙ୍କ ହାତକୁ ଆସିଲା ସତ, ହେଲେ ଆଶାନୁରୂପ ପରିବର୍ତ୍ତନ ହେଲାନାହିଁ। ପ୍ରଚଳିତ ବ୍ୟବସ୍ଥା ପ୍ରତି ଦୃଷ୍ଟିପାତ କଲେ ଦେଖାଯାଏ, ଆମ ଦେଶ ସ୍ୱାଧୀନତା ଲାଭ କରିଛି ସତ ହେଲେ ତାର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇନାହିଁ। ସେବା ମନୋବୃତ୍ତି, କର୍ମ ମନୋଭାବ, ଦେଶପାଇଁ ନିଷ୍ଠା, କର୍ତ୍ତବ୍ୟ ପରାୟଣତାରେ ଜନସାଧାରଣଙ୍କୁ ଉଦବୁଦ୍ଧ କରାଯାଇ ପାରିନାହିଁ। ବରଂ ଆର୍ଥିକ ପ୍ରଲୋଭନର ଆମନ୍ତ୍ରଣ କରାଯାଉଛି। ଭ୍ରଷ୍ଟାଚାର, ଲାଞ୍ଚ, ଅମାନବିକତା, କ୍ଷମତାର ଦୁରୁପଯୋଗ, ଅନୈତିକତାର ପ୍ରଚଣ୍ଡ ପ୍ଲାବନ ନୀତି ଆଦର୍ଶକୁ ଧୋଇ ଦେଉଛି। ଶିଳ୍ପ ପ୍ରଗତି, ବିକାଶ କେବଳ କାନକୁ ସୁନ୍ଦର ଶୁଭୁଛି। ନେତୃତ୍ୱ ପଦପଦବୀ ଲୋଭରେ ଆମକ୍ରାନ୍ତ ଆମର ନେତୃବୃନ୍ଦ। ଗଣତନ୍ତ୍ରର ଅର୍ଥ ଗଣଙ୍କ ଶାସନ। ଗଣଙ୍କ ପାଇଁ, ଗଣଙ୍କ ଦ୍ୱାରା , ଗଣଙ୍କର ଶାସନ। ହେଲେ ସ୍ୱାଧୀନତାର ଅଣାଅଶି ବର୍ଷ ପରେ ଏହା କେବଳ ନାମକୁ ମାତ୍ର। ବ୍ୟକ୍ତିଗତ ସ୍ୱାର୍ଥ ସବୁରି ଉର୍ଦ୍ଧ୍ୱରେ। ନିଷ୍ଠାହୀନ ରାଜନୀତି ଶାସକ ମାନଙ୍କୁ ଭ୍ରଷ୍ଟ ସେବକରେ ରୂପାନ୍ତରିତ କରି ଦେଇଛି। ସ୍ୱାଧୀନତା ଦିବସ କାଳୀନ ଅନୁଚିନ୍ତା ଅନ୍ଧକାର ମଧ୍ୟରେ ଆଲୋକ ଅନୁସନ୍ଧାନ କରିବାର ବିକଳ ପ୍ରୟାସ। ନାନାଦି ଦୋଷ, ତ୍ରୁଟି ରହିଥିଲେ ମଧ୍ୟ ସ୍ୱାଧୀନତାର ସ୍ୱରୂପକୁ ଉଜ୍ଜ୍ୱଳ କରିବା ପାଇଁ ସଭିଏଁ ପ୍ରତିଶୃତି ଦେବା ଉଚିତ। ଅନୁଶାସନ ବିଶୃଙ୍ଖଳିତ ପାଇଁ ଜନସାଧାରଣ ଏକ ତିକ୍ତ ଅନୁଭୂତି ମଧ୍ୟରେ ବିରକ୍ତ ହୋଇ ଶାସନ ପ୍ରତି ବିମୁଖ ଭାବ ପ୍ରକାଶ କରିଛନ୍ତି। ସାଂପ୍ରତିକ ସ୍ଥିତିକୁ ବିଚାରକୁ ନେଇ ଭବିଷ୍ୟତର କଳ୍ପନା କଲେ ମନେହୁଏ ସତରେ କଣ ଗଣତନ୍ତ୍ର ଫେରିବ? କ୍ଷମତାର ଲୋଭରୁ ମଣିଷ ବାହାରି ଆଦର୍ଶବାଦର ପୁନଃ ଅଭ୍ୟୁଦୟ ଘଟିବ? ଭାରତୀୟ ଜନମାନସରେ ସ୍ୱାଧୀନତା ଦିବସର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଅଦ୍ୟାବଧି ସଂଗ୍ରାମ ସରିନାହିଁ। ଏପରି ଭୟଙ୍କର ସ୍ଥିତି ହେତୁ ଗଣତନ୍ତ୍ରର ସୁରକ୍ଷା ପାଇଁ ବ୍ୟାକୁଳତା ପ୍ରକାଶ ପାଇଛି। ଅବକ୍ଷୟୀ ଜୀବନବୋଧର ପୁନଃନିର୍ମାଣ ପାଇଁ ଆଉ ଏକ ସଂଗ୍ରାମ ଆବଶ୍ୟକ। ସ୍ୱାଧୀନତା ଦିବସ ଦିନ କେବଳ ଜାତୀୟ ପତାକା ଉତ୍ତୋଳନ କରି, ସ୍ଲୋଗାନ ଦେଇ, ଭାଷଣରେ ଦେଶଭକ୍ତଙ୍କୁ ବନ୍ଦନା କଲେ ଆମର କର୍ତ୍ତବ୍ୟ ସରିଯାଏ ନାହିଁ। ଏକ ସୁସ୍ଥ ସାମାଜିକ ପରମ୍ପରା ଓ ଜୀବନବୋଧର ଆନୟନ ପାଇଁ ସ୍ୱାଧୀନତାର ପ୍ରକୃତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ସଂକଳ୍ପ ନେବା ଉଚିତ। ଅବକ୍ଷୟଗ୍ରସ୍ତ ସାମାଜିକ ଜୀବନଧାରା ମଧ୍ୟରେ ଜାତୀୟ ଏକତା ପ୍ରତିଷ୍ଠା କରି ସେବା, ତ୍ୟାଗ, ଏକତ୍ୱବୋଧକୁ ଆଧାର କରି ଦେଶର ସ୍ୱାଧୀନତା, ଅଖଣ୍ଡତା, ସ୍ୱାଭିମାନକୁ ରକ୍ଷା କରିବା ନିମନ୍ତେ ଦୃଢ ସଂକଳ୍ପ ନେବା ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ ହେବା ଆବଶ୍ୟକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





## ଉପହାର

ରନ୍‌କାନ୍ତି ମିଶ୍ର

ଅଫିସରୁ ବାହାରିବା ସମୟ ହୋଇ ଯାଇଥିଲା। ଆସନ୍ତା କାଲି ରବିବାର। ବୋଉର ତାଗିଦ୍ ଅନୁସାରେ ଲିଷ୍ଟ ନେଇ ବଜାରରେ ବୁଲୁଥିବା ବେଳେ ମନେ ପଡ଼ିଲା ବଡ଼ ଭଉଣୀ ଝିଅ 'ଶ୍ରୀ' ପାଇଁ ନେବାକୁ ଥିବା କଣ୍ଢେଇ କଥା। ଏଥର ପାଞ୍ଚ ବର୍ଷ ଛୁଇଁବ ମୋ ଭାଣିଜୀ।

ଜନ୍ମଦିନର ଢେର୍ ଦିନ ଆଗରୁ ତା'ର ଡଲ୍ ଗିଫ୍ଟ ଦରକାର ବୋଲି କେଇଥର କହିସାରିଛି। ନନେଲେ ମୋ ଉପରେ ଖୁବ୍ ନାରାଜ ହେବ ବୋଲି ଆଗରୁ ସାବଧାନ ବି କରି ଦେଇଛି। ତା'ର ପୁଣି ସେଇ ନିର୍ଦ୍ଦିଷ୍ଟ ରଙ୍ଗ ଏବଂ ଡିଜାଇନର ବାର୍ବି ଡଲ୍ ଦରକାର। କେଉଁ ସାଙ୍ଗ ପାଖରେ ଥିବା ଡଲ୍‌ଟି ତାର ପସନ୍ଦ ବୋଲି ସେଇଟିର ଫଟୋ ବି ତା ମାମା ଜରିଆରେ ମୋ ପାଖକୁ ପଠାଇଛି। ବିଚାରି ଜନ୍ମଦିନରେ ମନଦୁଃଖ କରୁ ବୋଲି ମୁଁ ନଚାହିଁବା ସ୍ୱାଭାବିକ। ହୁଏତ ସେଇ ପ୍ରକାର ଡଲ ପାଇଁ ମୋତେ କେତୋଟି ଗିଫ୍ଟ ଦୋକାନ ବୁଲିବାକୁ ପଡିପାରେ। ତରବର ହେଲି। କେତେବେଳେ ଯେ ବର୍ଷା ଆରମ୍ଭ ହୋଇଯିବ କିଏ ଜାଣେ..?

ଇତିମଧ୍ୟରେ ବୋଉର ଲିଷ୍ଟ ଅନୁସାରେ ସବୁ ଜିନିଷ କିଣା ସରି ଯାଇଥିଲା। ପହଞ୍ଚିଲି ଯାଇ ସହରର ସବୁଠୁ ବଡ଼ ଏବଂ ପ୍ରସିଦ୍ଧ ଗିଫ୍ଟ ଦୋକାନରେ।

ଦୋକାନର ଗ୍ଲାସ ଗେଟ୍ ଖୋଲି ଭିତରକୁ ଯିବା ପୂର୍ବରୁ ନଜର ପଡିଲା ଗୋଟିଏ କୁନି ଝିଅ ଉପରେ । ଅଲୁଳାୟିତ କେଶ ବାସ। ନିଜ ଦେହକୁ ଖାପ୍ ଖାଇଲା ଭଳି ଫ୍ରକ୍ ପିନ୍ଧିବା ପରିବର୍ତ୍ତେ ସେ ପିନ୍ଧିଥିଲା ତା ବୟସ ଠାରୁ ଜଣେ ବଡ଼ ଝିଅ ପିନ୍ଧିପାରିବା ଭଳି ଫ୍ରକ୍। ମନେ ମନେ ଭାବିଲି, ସେ ତ ନିଜ ଇଚ୍ଛାରେ ଏମିତି ଡ୍ରେସ ପିନ୍ଧି ନ ଥିବ। ହୁଏତ କାହାରି ବାଧ୍ୟବାଧକତାରେ ନିଜ ଇଚ୍ଛାକୁ ପୂରଣ କରି ପାରି ନଥିବ !

ଝିଅଟିର ମୁହଁରେ ବିକଳ ଚାହାଣୀ ସ୍ପଷ୍ଟ ବାରି ହୋଇ ପଡୁଥିଲା। ପଇସା ମାଗିବାକୁ ଠିଆ ହୋଇଛି ବୋଲି ମୋର ଧାରଣା ହେଲା। ହେଲେ ଯଦି ଅନ୍ୟ କୌଣସି କାରଣ ପାଇଁ ଏଠି ଠିଆ ହୋଇଥିବ ସେ ! ଏମିତି ଏକ ଭାବନା ଭିତରୁ ମୁକୁଳି ଆସି ମୁହଁ ବୁଲାଇ ତୁରନ୍ତ ଦୋକାନ ଭିତରକୁ ପାଦ ବଢାଇଲି।

ଦୋକାନ ଭିତରେ ବୁଲି ବିଭିନ୍ନ ଉପହାର ସାମଗ୍ରୀ ଦେଖିବା ଭିତରେ ମୋର ନଜର କେତେ ଥର ବାହାରକୁ ଚାଲି ଯାଇଥିଲା। ସେଇ ବିକଳ ବିବ୍ରତ ଚାହାଣୀ ଝିଅଟି ଆଖିରେ ତଥାପି ଲାଖି ରହିଥିଲା ବୋଲି ମୁଁ ନିଶ୍ଚିତ ହେଲି। କାଉଣ୍ଟରରେ କ୍ରୟ କରିବାକୁ ଡଲ୍ ସମେତ ଆଉ କିଛି ଜିନିଷ ବିଲିଂ ପାଇଁ ଡିପୋଜିଟ୍ କରିବା ଭିତରେ ଏଇ ଆସୁଛି କହି ଦୋକାନ ଭିତରୁ ବାହାରକୁ ଆସିଲି।

-'ଏଇ ଦୋକାନରୁ କିଛି ଜିନିଷ ନେବୁ ?' ମୋର ପ୍ରଶ୍ନରେ ଝିଅଟି କିନ୍ତୁ ଚମକି ପଡ଼ିଲା ନାହିଁ। ସେ ହୁଏତ ମୋତେ ହିଁ ପ୍ରତୀକ୍ଷା କରୁଥିଲା କିମ୍ବା ମୋ ପାଖରୁ ଏମିତିକା କଥା ଆଶା କରୁଥିଲା।

ଝିଅଟିର ହାତ ଧରି ଦୋକାନ ଭିତରକୁ ଆଉଥରେ ପ୍ରବେଶ କଲି।

-'ଏଇଟାକୁ କିଣିଦେବ ମୋତେ।' ଗୋଟିଏ ଖେଳନା ଆଡ଼କୁ ହାତ ବଢ଼ାଇ ପଚାରିଲା।

-'ଏଇ କାର ଟା ?

-'ହଁ, ମୁଁ ମୋ ସାନ ଭାଇ ପାଇଁ ଏଇଟାକୁ ନେବି। ମୋ ପାଖରେ ଏତେ ପଇସା ନାହିଁ। ହେଲେ ତା ଜନ୍ମଦିନ ଆଜି। ସେ ଚାହିଁ ବସିଥିବ।' ଝିଅ ଟିଏ ହୋଇ ପୁଅ ଙ୍କ ଖେଳନା କାହିଁକି ନେଉଛୁ ବୋଲି ମୁଁ ପଚାରିବା ଆଗରୁ ସେ ବୋଧହୁଏ ମୋ ମନୋଭାବ ପଢିନେଲା ଏବଂ ଯଥାଯଥ ଯୁକ୍ତିସଙ୍ଗତ ଉତ୍ତର ଦେଲା।

ପରଦିନ ସକାଳ ନଅଟା ବେଳକୁ ମୁଁ ବାହାରିଲି ଭଉଣୀ ଘରକୁ। ଘରୁ ବାହାରିବାର ଅଳ୍ପ ସମୟ ପରେ ମୋ ଯିବା ପଟ ରାସ୍ତାରେ ହିଁ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଲା। ରାସ୍ତା କଡ଼ରେ ପଡ଼ିଛି ଦୁଇଟି ଶବ ଏବଂ ପାଖକୁ ଯାଇ ଶୁଣିଲି କେହି କାର ଚାଳକ ରାତିରେ ମଦ୍ୟପାନ କରି ରାସ୍ତା ଉପରେ ଶୋଇଥିବା ଗୋଟିଏ ପରିବାରର ଦୁଇ ଜଣକ ଉପରେ ଗାଡ଼ି ଚଢ଼ାଇ ଚାଲିଯାଇଛି। କ'ଣ କେମିତି ହୋଇଛି ଭାବି ଗାଡ଼ି ଅଟକାଇ ସେଇ ସ୍ଥାନ ଆଡ଼କୁ ଚାଲି ଚାଲି ଗଲି।

ଧଳା କନା ଆବୃତ୍ତ ଦୁଇଟି ଶବ ପଡ଼ିଥିବା ସ୍ଥାନରେ ପ୍ରଥମେ ମୋର ନଜର ପଡିଲା ଖେଳନା କାର ଧରିଥିବା ଗୋଟିଏ ପିଲା ଉପରେ। ମୁଁ ତଟସ୍ଥ ହୋଇଗଲି। ଯେଉଁ ଖେଳନା କାରଟିକୁ ଝିଅଟି ମୋ ଠାରୁ ପାଇଥିଲା, ଅବିକଳ ସେଇ କାରଟିକୁ ହିଁ ସେଇ ପିଲାଟି ଧରିଥିଲା। ଆଖିରୁ ବୋହି ଶୁଖି ଆସିଥିବା ଲୁହର ଦାଗ ତାର ଦୁଇ ଚିବୁକରେ ସ୍ପଷ୍ଟ ଦିଶୁଥିଲା।ଏଇ ଅସମୟରେ କେହି ହୁଏତ ପିଲାଟିକୁ ବିସ୍କୁଟ ପ୍ୟାକେଟ ଟିଏ ଧରାଇ ଦେଇଥିଲା। ଘେରିଥିବା ଲୋକଙ୍କ ଆଡ଼କୁ କେବଳ ଜୁଳୁଜୁଳୁ ହୋଇ ଚାହିଁ ରହିଥିଲା ସେ।

ଆଉ ଟିକିଏ ପାଖେଇ ଗଲି ତ ସେଇ ଝିଅଟିର ମୁଣ୍ଡ ପାଖରୁ ଟିକିଏ ଦୂରରେ ପଡ଼ିଥିବା ବାର୍ବି ଡଲ୍ ଉପରେ ଦୃଷ୍ଟି ପଡ଼ିଲା।ଯେଉଁଟିକୁ ତା'ର ମନା କରିବା ସତ୍ତ୍ୱେ ମୁଁ ଗତକାଲି ସନ୍ଧ୍ୟାରେ ତାକୁ ଧରେଇ ଥିଲି।

ଆଗରୁ ବାପାକୁ ହରେଇ ସାରିଥିବା ପିଲାଟି ଏବେ ସଂପୂର୍ଣ୍ଣ ବେସାହାରା ହୋଇ ପଡିଥିଲା। ହେଲେ ଆଗକୁ କେତେ ଦୟନୀୟ ପରିସ୍ଥିତି ଦେଇ ତାର ଜୀବନ କଟିବ ସେ ସମ୍ପର୍କରେ ଅନଭିଜ୍ଞ ପିଲାଟି ତାର ଇପ୍ସିତ ସେଇ ଖେଳନା ଟିକୁ ହାତଛଡ଼ା କରିବାକୁ ଯେମିତି ପ୍ରସ୍ତୁତ ନଥିଲା !

ମାଆ ଓ ଭଉଣୀ ଶୋଇଥିବା ବେଳେ ପିଲାଟି ହୁଏତ ସେମାନଙ୍କ ଠାରୁ ଦୂରରେ ବସି ଆସୁଥିବା ସକାଳକୁ ନିଜର ଖେଳନାଟିକୁ ଦେଖାଇବ ବୋଲି ଭାବନାରେ ବୁଡ଼ି ରହିଥିବା ସମୟରେ, ଏମିତି ଏକ ଜଘନ୍ୟ କାଣ୍ଡ କେହି ଘଟାଇଛି। ଯାହା ଫଳରେ ପିଲାଟିକୁ ମରଣ କୋଳାଗ୍ରତ କରି ପାରିନାହିଁ। ହେଲେ ପିଲାଟିର ଭବିଷ୍ୟତ ବିଷୟରେ ଭାବିବା ବେଳକୁ ମୋ ଛାତିରେ କୋହ ଜମାଟ ବାନ୍ଧିବା ଆରମ୍ଭ କରିଥିଲା । ବିଧାତା ପିଲାଟି ପାଇଁ ଜୀବନ ନାମକ ସ୍ୱତନ୍ତ୍ର ଉପହାର ଭେଟି ଦେଇ ଠିକ୍ କରିଛନ୍ତି ବୋଲି ଭାବନାରେ ମୁଁ ଆଖିରୁ ଲୁହ ପୋଛିଲି।


ଆଳି, କେନ୍ଦ୍ରାପଡା


## ପରିବର୍ତ୍ତନ



ସତ୍ୟନାରାୟଣ ପ୍ରଧାନ

କେତେ ଠାକୁର ପୂଜା ଦିଅଁ ଦେବତାଙ୍କୁ ମାନସିକ କରି ଶେଷରେ ପୁଅଟିଏ ପାଇଥିଲା ବୋଲି ତାର ନାମ ଅମର ରଖିଥିଲା । ବୃଦ୍ଧ ସମୟରେ ବାପା ମାଆ ମୁହଁରେ ମଲା ବେଳକୁ ଟିକେ ନିଆଁ ଦେବ ବୋଲି । ଗୋଟେ ବୋଲି ପୁଅ ହୋଇ ଥିବାରୁ ଯେତେ କଷ୍ଟ ଆସିଲେ ବି ତାର କେଉଁଥିରେ ଅଭାବ ରଖି ନ ଥିଲେ । ପୁଅ ଶିକ୍ଷା ଶେଷ କରି ଚାକିରି ପଛରେ ନ ଗୋଡ଼ାଇ ଅବାଟରେ ପାଦ ଦେଇଥିଲା। ଯେଉଁ ବୟସରେ ଭବିଷ୍ୟତ ଗଢିବା କଥା ସେ ଭଲ ପାଇବା ପଛରେ ସମୟ ଗୁଡାକ ସାରି ଦେଇଥିଲା।

ଗାଁ ଗଣ୍ଡାରେ ତାର ଭଲ ପାଇବାକୁ ନେଇ ଭାରି ଚର୍ଚ୍ଚା । ବାପା ମାଆ ଏ କଥା ଜାଣିବା ପରେ ପୁଅକୁ ଯେତେ ବୁଝାଇଲେ ବି ତାର ଏକା ଜିଦ ସେ ଯଦି ବିବାହ କରିବ ସେଇ ଝିଅ ଛଡା ଅନ୍ୟ କାହାରିକୁ ନୁହଁ । ବାପା ମାଆ ଲୋକ ଲଜ୍ୟା ସହି ନ ପାରି ତାକୁ ଶେଷରେ ବିବାହ କରାଇବା ଛଡା ଅନ୍ୟ କିଛି ଉପାୟ ନ ଥିଲା । ଲୋକ କହିଲେ ବାପା ମାଆ ଆଉ ସେ ତାର ସ୍ୱାମୀକୁ ନେଇ ସଂସାର । ଦୁଇ ଝିଅ ଅନେକ ବର୍ଷ ଆଗରୁ ବାହା ହୋଇ ସାରିଥଲେ । ଘରର ବଡ଼ ବୋହୂ ବୋଲି ବାପାଙ୍କ ନିଜର ସାନଭାଇ ଓ ପିଲା ଛୁଆ ମାନେ ଭାରି ଭଲ ପାଉଥିଲେ। ସେ କିନ୍ତୁ ଭଲ ପାଇବା ସ୍ନେହ ଶ୍ରଦ୍ଧାରେ ସମସ୍ତଙ୍କୁ ବାନ୍ଧି ରଖିବା ବଦଳରେ ପର ବୋଲି ଭାବି ନେଇଥିଲେ। ନୂଆ କରି ଆସିଥିବାରୁ କାହାକୁ କିପରି ସମ୍ମାନ କରନ୍ତି ବୁଝାଇ କହିଲେ କଥାବାର୍ତ୍ତା ବନ୍ଦ କରି ଦେଉଥିଲେ । ଘରର କାମ ଦାମ ଆସ୍ତେ ଆସ୍ତେ କରିବା ବଦଳରେ ଖଟ ଉପରେ ବସି ଭୋକ ଲାଗିବେ ଡାକି ବିରକ୍ତ କରି ଦେଉଥିଲା । ସୁନାର ସଂସାରରେ ଯେପରି କାଳ ନାଗୁଣୀ ଆସି ପହଞ୍ଚି ଗଲା ପରିବାର ଲୋକ ମୁହଁ ଖୋଲି କହି ନ ପାରିଲେ ବି ମନ ଭିତରେ କଥା ହେଉଥିଲେ । କିଛି ମାସ ବିତିଗଲା ପରେ ପରିବାରକୁ ଗୁରୁଜନ ହେଉ କି ବନ୍ଧୁ ବାନ୍ଧବ ଲୋକ ଆସିଲେ ନମସ୍କାର କରିବା ଦୂରର କଥା ଦେଖା କରି ଦୁଇପଦ କଥା ହେବାକୁ ବିବେକ ତାର କହୁ ନ ଥିଲା । ଟିକେ କଥାରେ ପଦେ କହିଲେ ଶାଶୂ ସହିତ କଳି ଲଗାଇ ଖରାପ ଭାଷାରେ ଗାଳି ଗୁଲଜ କରିବାକୁ ସେ ଧାଇଁ ଆସୁଥିଲା। ବନ୍ଧୁ ଲୋକ ଆସିଲେ ତା ସହିତ କଥା ନ ହୋଇ ଯେତେ ଶୀଘ୍ର ହେବ ଖିଆ ପିଆ ସାରି ଚାଲି ଯାଉଥିଲେ। ତାକୁ ସମସ୍ତେ ତାର ବ୍ୟବହାର ପାଇଁ ଦୂରେଇ ଯାଉଥିଲେ । ସେ କିନ୍ତୁ ଓଲଟା ଭାବି ହେଉଥିଲା ତା ସହିତ କେହି ଭଲରେ ନ ମିଶି ପଛରେ କେତେ କଥା କୁହା କୁହି ହେଉଛନ୍ତି । ଆଗରୁ ଭାଇ ଭଉଣୀ ମାନଙ୍କ ଭିତରେ ଥିବା ସ୍ନେହ ଆଉ ଭଲ ପାଇବାରେ ବାଟ ଓଗାଳି ଠିଆ ହୋଇଥିଲା । କାଳେ ତାଙ୍କ ସ୍ୱାମୀ ଭଲ ମନ୍ଦ ଜିନିଷ ତାଙ୍କୁ ନ ଜଣାଇ କିଏ କହିଦେଲେ ତାକୁ ଆଣି ଦେଇଦେବେ। ଗୋଟେ ବୋହୂ ହେଲା ପରେ ଯାହା ତାଙ୍କୁ ଶୋଭା ନୁହଁ ତାକୁ ସେ ତାକୁ ଅତି ଆନନ୍ଦର ସହିତ ପାଳନ କରୁଥିଲେ । ନିଜ ବାପଘର କଥା କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବାହାଦୁରି ଅଛି ବୋଲି ନିଶ୍ଚିନ୍ତ ହୋଇ ଯାଇଥିଲେ । କିଛି ଦିନ ବିତି ଗଲା ପରେ ସେ ଆଉ ତାର ସ୍ୱାମୀ ଛାଡି ଦେଲେ ପରିବାର ଲୋକ କେହି ଦରକାର ପଡିଲେ ଯାଇ ତା ସହିତ କଥା ହେଉଥିଲେ। ସେ ଏକା ହୋଇ ଯିବାରୁ ଯାହା ଇଚ୍ଛା ହୁଏ ତାହା କରି ଭାରି ଖୁସି ହୁଏ । ପରିବାର ଭିତରେ ସେ ଜଣେ ବିଜ୍ଞ ଲୋକ ବୋଲି ନିଜକୁ ଭାବି ନେଇଥିଲା। ସ୍ୱାମୀ ତାର ଦିନରେ ଅଫିସ ଗଲେ ରାତିକୁ ଯାଇ ଘରକୁ ଫେରୁଥିଲେ । ସେ ପରିବାରରେ ଏତେ ସବୁ ଘଟି ଯାଉଛି ବୋଲି ଭଲ ଭାବରେ ଅନୁମାନ କରି ପାରୁ ନ ଥିଲେ । ଜନ୍ମ ହୋଇଥିବା କୁନି ଝିଅଟିର ସେ ବାପା ହୋଇ ନିଜକୁ ଭାଗ୍ୟବାନ ମନେ କରୁଥିଲେ । ଦୁଇ ଚାରି ଦିନରେ ଥରେ ସେଇ କୁନି ଝିଅଟିର ଦେହ ଖରାପ ଲାଗି ରହୁଥିଲା। ଆଜି ଝାଡା ହେଲେ ଆର ଓଳିକୁ ଥଣ୍ଡା ପୁଣି ତା ସାଙ୍ଗକୁ କାଶ। ସେମାନେ ଡାକ୍ତର ଦେଖାଇ ପୁରା ହତାଶ ହୋଇ ପଡିଥିଲେ । ଏପରି ହେଲେ କେମିତି ଯେ ଘର ଚଳିବ କୁନି ଝିଅଟିର ଦେହ ବାରମ୍ବାର ଖରାପ ଏତେ ଟଙ୍କା ରୋଜଗାର କରି କି ଲାଭ ଚିନ୍ତା କରୁଥିଲା। ଗାଁ ଗଣ୍ଡାକୁ ଭିକ୍ଷା ବୃତ୍ତି କରିବାକୁ ଥରେ ଜଣେ ସାଧୁ ଆସୁଥିଲେ। ସେ ସମସ୍ତଙ୍କ ଘର ଭଳି ତା ଘରକୁ ଆସିଲେ । ସେଇ ବୋହୂ ଭିକ ମୁଠେ ଦେଲାବେଳେ ନିଜ ଝିଅ କଥା କହି କାନ୍ଦି ପକାଇଲା । ସେ ସାଧୁ ଜଣଙ୍କ ନମ୍ର ସ୍ୱରରେ କହିଲେ ମାଆ , ତୁମେ ବୋଧେ ତୁମ କର୍ତ୍ତବ୍ୟରେ ହେଳା କରୁଥିବ କିଛି ନା କିଛି ଘଟୁଛି ତୁମେ ଜାଣିବା ହେଉ କି ଅଜାଣତରେ କରି ବସୁଛ । ସେ ସବୁକୁ ନିଜ ଠାରୁ ଦୂର କର ଦେଖିବ ଆପେ ସବୁ ଠିକ୍ ହୋଇଯିବ । ସାଧୁଙ୍କ ଠାରୁ ଏପରି ଉପଦେଶ ଶୁଣି କ୍ଷମା ମାଗି ପୁଣି ବଦଳି ଯିବା ଭୟରେ ସେ ଅନ୍ତରରୁ କ୍ଷମା ପ୍ରାର୍ଥନା ସମସ୍ତଙ୍କୁ କରି ନିଜର ସବୁ ଖରାପ ବ୍ୟବହାରକୁ ବନ୍ଦ କରି ଦେଲା। ସମସ୍ତେ ତା ପରିବର୍ତ୍ତନ ଦେଖି ମନ ଭିତରୁ କ୍ଷମା କରି ଦେଇଥିଲେ । ଟିକିଏ ବଦଳିବା ପାଇଁ ପରିବାର ପୁଣି ହସ ଖୁସିରେ ଭରି ଯାଇଥିଲା । କୁନି ଝିଅଟିର ସ୍ୱାସ୍ଥ୍ୟରେ ସୁଧାର ଆସିବା ଆରମ୍ଭ ହୋଇ ଯାଇଥିଲା।।


ଅଣ୍ଡିଆ, ଯାଜପୁର,
ମୋ - ୯୧୭୮୩୧୩୬୪୪


## କିଛି ଲୁହ ପିଇ ଯାଏ ଓଠ

ସୁନନ୍ଦା ମହାନ୍ତି

ବାହାଘର କି ବ୍ରତଘର ଉତ୍ସବ ଅବା ରାଜା ରାଣୀଙ୍କ ଶୀକାର ପାଇଁ ସବାରୀ ରାତିରେ ବାହାରେ, ଶବ୍ଦରେ ତ କେବେ ନିଶବ୍ଦରେ। ଜହ୍ନ କିନ୍ତୁ ରାତି ସବାରୀ ଚଢି, ରୁପା ଜୋତା ଓ ଛତା ମାଡି ଚାଲୁଥାଏ ରାଜା ପରି ତ କେବେ ରାଣୀ ପରି। ସେ ନିଜେ ରାତି ସବାରୀରେ ରାଜା। ଓହ୍ଲେଇ ଆସେ ଧରାକୁ, ଯେମିତି ଧରା ପୃଷ୍ଠରୁ ମହାକାଶଚାରୀମାନେ ଜହ୍ନ ଦେଶକୁ, ଜହ୍ନରେ ଘର କରିବାକୁ। ଠିକ ସେତିକି ବେଳେ ଜହ୍ନ ସବାରୀ ଚଢି ଯାଏ ବୋଧେ ନୀଳକଇଁ ପାଖକୁ। ଲାଜରେ ନୀଳକଇଁ ଆଖି ମୁଜେ। ଜହ୍ନ କିନ୍ତୁ ଘୁରିବୁଲି ଚାରିପାଖେ କହେ ଥରେ ଯଦି ଆସନ୍ତୁ ସ୍ୱର୍ଗକୁ ତୋ ରୂପ ଲାବଣ୍ୟ ଦେଖି ପାରିଜାତ ଫିକା ପଡିଯାଆନ୍ତା. ସତ କହୁଛି, ଦେହ ଛୁଉଁଛି, ତୋ ରାଣ ଖାଉଛି। ନୀଳକଇଁ ଅଭିମାନ କରେ ଓ କହେ ଆଉ ପନ୍ଦର ଦିନ କୁଆଡେ ଯାଅ ? ଜହ୍ନ ବୁଝିପାରେ ଏହା ହିଁ ପ୍ରକୃତ ପ୍ରେମ ନୀଳକଇଁର। ପ୍ରେମ ଥିଲେ ସିନା ଜଣେ ଚାହିଁବ କି ଦିନ କି ରାତି ତା ମନମିତ ତା ଚାରିପାଖେ ଉଡି ବୁଲୁଥାଆନ୍ତା ହୋଇ ଏକ ପ୍ରଜାପତି। ଜହ୍ନ ସେଇଥିପାଇଁ ତ ପାକ୍ଷିକ ପନ୍ଦର ଦିନ ରୁପା ଚାଦର ଘୋଡ଼ି ହୋଇ ଓହ୍ଲେଇ ଆସେ ଧରାକୁ। ଏକଦମ ନୀଳକଇଁ ପାଖକୁ। ନୀଳକଇଁ ମାନ କରିଛି। ଅଭିମାନ ବାଢିଦେଇଛି। କି ସୁନ୍ଦର ସତରେ ଏଇ ପ୍ରେମ ଭାବ। କି ଉତ୍ତର ଦେବ ଜହ୍ନ! ସତରେ କଣ ସେ ନୀଳକଇଁକୁ ଧୋକା ଦେଇ ଆଉ କାହା ପାଖକୁ ଯାଏ! ନା ଜମା ନୁହଁ ବରଂ ପ୍ରଭୁଙ୍କ ଆଦେଶରେ କଳାଚାଦର ଘୋଡେଇ ହୋଇ ଶୋଇପଡ଼େ। ନୀଳକଇଁ ମନ ମାନେନା। ମିଛୁଆ ହୁଏ ଜହ୍ନ। ନୀଳକଇଁ କୁହେ ଜହ୍ନ ହିଁ ଭଗବାନ। ଠିକ ଦିନର ସୂର୍ଯ୍ୟଙ୍କ ଭଳି। ଦିନ ସାରା ସମସ୍ତଙ୍କୁ ଆଲୋକର କିରଣ ଦେଇ ଦେଇ ରାତିରେ ମାଆ କୋଳକୁ ଫେରିଯାଆନ୍ତି ସୂର୍ଯ୍ୟ କିନ୍ତୁ କୁଆଡେ ଯାଅ ଜହ୍ନ ତୁମେ। କେତେ ବୁଝେଇଲେ ମଧ୍ୟ ବୁଝୁନି କଇଁ। ତାର ସେଇ ଗୋଟିଏ ପ୍ରଶ୍ନର ଉତ୍ତର ଦେଇନପାରି ଜହ୍ନ ଆଜି ପ୍ରତାରିତ। ଫେରିଯାଏ ସବାରୀ ନେଇ ପୁଣି ସ୍ୱର୍ଗକୁ ମାନେ ଆକାଶକୁ। ଆକାଶରେ ବସି କାନ୍ଦେ। ସେଗୁଡା ବର୍ଷା ହୋଇ ଝରିପଡ଼େ। ଆକାଶ ଫାଟିପଡ଼େ ଜହ୍ନ ଦୁଃଖରେ। ନା ଧରଣୀରାଣୀଙ୍କ ମନ କିଣି ପାରିଛି ଆକାଶ ନା ଜହ୍ନ ସାଥି କରି ପାଇଛି ନୀଳକଇଁକୁ। ନୀଳକଇଁ ତ ଧରାରେ ରହି ବୈଜ୍ଞାନିକ, ସାହିତ୍ୟ, ସଭ୍ୟତା, ସଂସ୍କୃତି, ସଂହତିର ଦ୍ୱାହି ଦେଇ କେତେ କଥା ବଖାଣୁଛି। ଚନ୍ଦ୍ର ଗ୍ରହଣରେ ତମେ ଜହ୍ନ ଲୁଚିଯିବାର କାରଣ ମତେ ଜଣା କହୁଛି ଓ ଶ୍ରାବଣରେ ମୁହଁ ଢାଙ୍କି ଲୁଚି ରହିବା ସକାରଣ ଅଟେ ବଖାଣୁଛି କିନ୍ତୁ ପ୍ରତି ମାସର ପନ୍ଦର ଦିନ ଅନ୍ଧାରରେ ସବୁ ଥାଉ ଧରା ପଛେ ତୁମେ ଯାଇଥାଅ ସବାରୀ ଚଢି କାହା ପଛେ ! ଜହ୍ନର ଏତେ ଭିନ୍ନ ଭିନ୍ନ ଉତ୍ତର ମନ କିଣି ପାରେନା ନୀଳକଇଁର ତ ଉଭୟ ହତାଶ ପ୍ରେମିକ ପ୍ରେମିକା ପରି କିଏ କେତେ ଦୂରେ ଜଳୁଥାଆନ୍ତି ବିରହ ବେଦନାରେ ତଥା ଦାରୁଣ ପରିବେଶରେ। ରାଗିଯାଏ ଜହ୍ନ। ଦେଖେଇ ହୁଏ ତାରାମାନଙ୍କ ମେଳରେ ସେ କୃଷ୍ଣ। ତାରାମାନେ ତାର ସହସ୍ର ଗୋପୀ ହେଲେ ରାଧାତ ଧରାରେ ନୀଳକଇଁ ରୂପରେ। ଏଥର ଜହ୍ନ ସ୍ଥିର କରିସାରିଛି। ଇନ୍ଦ୍ର ସଭାରେ ପଚାରିବ ଜହ୍ନ ସେହି ପ୍ରଶ୍ନ। ଅର୍ଥାତ ତାକୁ କାହିଁକି ପନ୍ଦର ଦିନ ଅନ୍ଧାରରେ ରଖା ଯାଉଛି। ସନ୍ଦେହୀ ତାର ପ୍ରିୟତମା ନୀଳକଇଁ ଆଖିରେ ଅଶ୍ରୁ। ମିଳନରୁ ସେ ବଞ୍ଚିତ। କାହିଁକିର ଉତ୍ତର ସେ ଦେଇପାରୁନି। ପ୍ରକୃତିର ନିୟମ କହିଲେ ନୀଳକଇଁ ମନ ବୁଝୁନି। ଇନ୍ଦ୍ରସଭା ଚାଲିଥାଏ। ସବାରୀ ଲାଗିଲା ଜହ୍ନଙ୍କର। ପଚାରିଲେ ପ୍ରଶ୍ନ ପରେ ପ୍ରଶ୍ନ। ସମସ୍ତେ ଚକିତ। ପରେ ପ୍ରକୃସ୍ଥିତ ହୋଇ ଯେତେ କହିଲେ ପ୍ରକୃତିର ନିୟମ ଏହା। ତୁମେ ସବୁଦିନ ଚକମକ ଝଟକିଲେ ଆକାଶରେ ତୁମ ସୌନ୍ଦର୍ଯ୍ୟର ଶୋଭା କମିଯିବ। ବିରହ ନଥିଲେ ମିଳନର ସ୍ୱାଦ ନଥିବା ପରି ଅନ୍ଧାର ନଥିଲେ ଆଲୋକର ମର୍ଯ୍ୟାଦା କିଏ ଦେବ! ଏହାହିଁ ତ ପ୍ରକୃତିର ନିୟମ। ଗଛରେ ଯଦି ବାରମାସ ସାରା ଫଳ ଫଳୁଥାଆନ୍ତା କେହି କହୁନଥାନ୍ତେ ଶୁଣିବ ରାମ ରସ ଖାଇବ ଆମ୍ବ ରସ। ଅନେଇ ରହୁନଥାନ୍ତେ ପଣସ ପାଚିବାକୁ କି ତାଳ ଖଜୁରୀ ଖାଇବା ଓ ଖୁଆଇବା ଉପଯୁକ୍ତ ହେଲେ ସାବିତ୍ରୀ ଦେବୀଙ୍କୁ ଆରାଧନା କରିବାକୁ। ଚାହିଁ ରହୁନଥାନ୍ତେ ମାଆ ଲକ୍ଷ୍ମୀଙ୍କୁ ଗେଣ୍ଡୁ ବା ମଣ୍ଡା ଫୁଲ ପିନ୍ଧେଇ ଆରାଧନା କରିବାକୁ। ଐଶ୍ୱର୍ଗୀକ ଭାବନା ଆପଣେଇବାକୁ ମଣିଷକୁ ସତ ପଥରେ ରଖି ମଣିଷପଣିଆ ଜାଗ୍ରତ କରିବାକୁ ତ ପ୍ରକୃତି ଯେମିତି ନିୟମ କରିଛି ମଣିଷ ମଧ୍ୟ ନିଜକୁ ଓ ପରବର୍ତ୍ତୀ ପିଢ଼ିକୁ ସଜାଗ କରି ପର୍ବ ପର୍ବାଣୀ ଖଞ୍ଜିଛି। ଗେଣ୍ଡୁ ଫୁଲ ଫୁଟେ ମାର୍ଗଶୀର ମାସରେ। ସବୁ ବେଳେ ଫୁଟେ କି !ତାକୁ କେହି ପଚାରେ କି କୁଆଡେ ଥିଲୁ ବର୍ଷକର ଆଉ ବାକି ଏଗାର ମାସ! ପ୍ରକୃତି ଯଦିଓ ବେଳେ ବେଳେ ସାଥ ଦେଉନି ଅର୍ଥାତ କଥା ମାନୁନି ଓ ଦାଉ ସାଧୁଛି ସେସବୁ ମଧ୍ୟ ଏଇ ମଣିଷ ପାଇଁ। ପ୍ରକୃତିର ସମସ୍ତ ଅସନ୍ତୁଳନ ଭିତରେ କାଶତଣ୍ଡୀ କେବେ ଧୋକା ଦେଇନି। ଦୁର୍ଗା ପୂଜା ପୂର୍ବରୁ ଆସିଯାଏଁ ମାଆ ଦୁର୍ଗାଙ୍କୁ ସ୍ୱାଗତ କରିବାକୁ ଆଉ ଫେରିଯାଏ ମାଆ ଯିବା ପରେ ପରେ। ନୀଳକଇଁକୁ ପଚାରୁନ ଭାଦ୍ରବରେ ଫୁଟି ମାଆ ମଙ୍ଗଳାଙ୍କ ବେକରେ ଲୋଟୁଥାଏ। ଅନ୍ୟ ଦିନେ ସବୁ କୋଉଠି ଥାଏ ? ଜହ୍ନ କିଛି ବୁଝିଲା ତ କିଛି ଅବୁଝା ରଖି ପୁଣି ସବାରୀ ଧରି ସିଧା ଜହ୍ନ ଓହ୍ଲେଇଲା କଇଁ ଗାଡିଆରେ। କେହି ନଥିଲେ ସେଠାରେ। ନୀଳକଇଁ ରୂପେ କିଏ କହ୍ନେଇ ଗଳାର ମାଳି ହୋଇ ଝୁଲୁଥିଲା ତ କିଏ ମାଆ ଖୁଦୁରୁକୁଣୀଙ୍କ ଗଳାରେ। ପୁଣି କିଏ ବେଣୀ ହୋଇ ଗୁନ୍ଥା ଯାଉଥିଲା ଗଣେଶ ପ୍ରଭୁଙ୍କ ପୂଜା ପାଇଁ। ଏସବୁ ଦେଖି ରୁପା ସବାରୀ ଫେରେଇ ଆଣୁ ଆଣୁ ଆକାଶକୁ, ଜହ୍ନ ମନରେ ଅନେକ ପ୍ରଶ୍ନ ତିଆରି ହୋଇ ସାରିଥିଲା। ଏଥର ନୀଳକଇଁର ପ୍ରଶ୍ନ ପାଇଁ ଜହ୍ନ ପାଖରେ ବି ଉତ୍ତର ଆକାରରେ ଅନେକ ପ୍ରଶ୍ନ। ଚତୁର୍ଥୀଟାରେ ଗଣେଶଙ୍କ ଗଳାର ମାଳା ହୋଇ ଝୁଲୁଛି ନୀଳକଇଁ, ପୁଣି ଭାଦ୍ରବ ଜହ୍ନ ରାତି ରବିବାରରେ ମଙ୍ଗଳାମାଆ ସୁମରଣା କରୁଛି ବେକରେ ଝୁଲି ଝୁଲି କାହା ପାଇଁ କେଜାଣି ଫୁଲେଇ ନୀଳକଇଁ !ଜହ୍ନର ସବ୍ୱାରୀ ଉପରକୁ ଉଠି ଅଦୃଶ୍ୟ ହେଲା ବେଳେ ନୀଳକଇଁ ଭାବୁଥିଲା ହଉ ହଉ ଯାଅ। କୁମାର ପୂର୍ଣ୍ଣମୀରେ କୁଆଡେ ଯିବ ଦେଖିବିନି !

ଜହ୍ନ ନାମ୍ନୀ ଝିଅଟି କିନ୍ତୁ ମନମାରି ବସିନଥିଲା ତା ଜନ୍ମ ଦିନରେ। ନୂଆ ଡ୍ରେସ ପିନ୍ଧି ଚନ୍ଦନ ନାଇ ଖୁସିରେ ସାଙ୍ଗ ଓ ସାଥିମାନଙ୍କୁ କହୁଥିଲା କୁମାରପୂର୍ଣ୍ଣମୀ ରାତିରେ ଜହ୍ନ ଆକାଶରୁ ଓଲହାଇ ଆସନ୍ତି ଚଉରା ମୂଳକୁ, କୁଆଁରୀମାନଙ୍କ ଚାନ୍ଦଚକଟା ଖାଇବାକୁ ବୋଲି ସାହିତ୍ୟ କହୁଥିବା ବେଳେ ବିଜ୍ଞାନ କଣ କୁହେ ଜାଣିଛ? କ'ଣ କୁହେ ପଚାରୁଥିଲେ ସାଙ୍ଗମାନେ ତ କିଶୋରୀ କଳିକା ଜହ୍ନ କହୁଥିଲା ମହାକାଶଚାରୀ ମାନେ ଏବେ ଏବେ ଜହ୍ନ ଦେଶରେ ଘର କଲେଣି ଆଉ ଆମର ମଧ୍ୟ ଘରଟିଏ ହୋଇଛି ଓ ମହାକାଶକୁ ପ୍ରଥମ ଜୀବନ୍ତ ଜୀବ କୁକୁର ଲାଇକା ପରି ମୁଁ ଆମଘରୁ ପ୍ରଥମେ ଜହ୍ନ ରାଇଜରେ ମହାକାଶଚାରୀମାନଙ୍କ ଦ୍ୱାରା ମୋ ପାଇଁ ତୋଳା ଚାଲିଥିବା ଘରେ ରହିବାକୁ ଚାଲିଯିବି। ଆରବର୍ଷ ମୁଁ ଏଠି ନଥିବି। ଜହ୍ନ ଦେଶରେ ମୋ ଜନ୍ମଦିନ ପାଳନ କରିବାକୁ ମୋ ପଛେ ପଛେ ମୋ ବାପା ଓ ମାଆଙ୍କୁ ମହାକାଶ ଜାନରେ, ମହାକାଶଚାରୀମାନେ ନେଇସାରିଥିବେ। ଝିଅ ଜହ୍ନର କଥା ଶୁଣି ମାଆ ଆଖି ପୋଛୁଥିଲେ ପଣତରେ ଲୁଚେଇ ଲୁଚେଇ ଓ ବାପା ତାଙ୍କ ଜାଣିନଥିବା ବନ୍ଧୁମାନଙ୍କୁ କହୁଥିଲେ କି ଜହ୍ନର ଏଇଟା କ୍ୟାନସରର ଚତୁର୍ଥ ଷ୍ଟେଜ। ବାପା ମାଆ ସିନା ଲୁହକୁ ଓଠରେ ଚାପି ନେଇ ହସୁଥିଲେ କିନ୍ତୁ ଚିହ୍ନା ଜଣା ଆତ୍ମୀୟ ସ୍ୱଜନଙ୍କ ଦୁଃଖର ସୀମା ନଥିଲା ବେଳେ ଜହ୍ନର ଏଇ ଏଇ ସାଙ୍ଗ ବନିଥିବା ପଦ୍ମାଙ୍କୁ ଯେବେ ଜହ୍ନ ପଚାରୁଥିଲା ଆପଣ ଆରବର୍ଷ ଜହ୍ନଦେଶକୁ ମୋ ଜନ୍ମଦିନ ପାଳିବାକୁ ଯିବେ ନା ଆଣ୍ଟି, ପଦ୍ମା ଲୁହ ଲୁଚେଇ ପାରିନଥିଲେ।


ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭


## ଚୋର

ଘନଶ୍ୟାମ ପଲେଇ




ପିଲାବେଳର ସବୁଠାରୁ ମିଠା ଅପରାଧର ଗନ୍ଧ ଥାଏ ପାଚିଲା ପିଜୁଳିରେ। ଆମ ଘର ପାଖରେ ଜଣେ ବୁଢୀ ମାଉସୀ ରହୁଥିଲେ। ତାଙ୍କ ବାଡ଼ି କଡ଼ରେ ଥିଲା ବିରାଟ ପିଜୁଳି ଗଛଟାଏ। ଗଛର ଡାଳ ଆକାଶକୁ ଯେତେ ଲମ୍ବି ଥିଲା, ତାଠାରୁ ବହୁତ ଅଧିକ ଲୋଭ ଆମର ଭିତରେ ଥିଲା। ପ୍ରତିଦିନ ସ୍କୁଲରୁ ଫେରିଲା ପରେ ଆମେ ବାଡ଼ ଡେଇଁ ଭିତରକୁ ପଶୁଥିଲୁ। ଦୁଇ-ଚାରିଟି ପିଜୁଳି ତୋଳିବା ମାତ୍ରେ ବୁଢୀ ମାଉସୀଙ୍କ କଣ୍ଠସ୍ୱର ଅବେଳାରେ ବିଜୁଳି ମାରିଲା ପରି ଶୁଣାଯାଉଥିଲା- "ହେ...ହେ... ଚୋରଗୁଡା ! ପୁଣି ମାଡି ଆସିଲେ ?" ଆମେ ଦୌଡୁଥିଲୁ, ସେ ଗାଳି ଦେଉଥିଲେ। ସେହି ଦୌଡ଼ରେ ଭୟ କମ୍ ଥିଲା...ଥିଲାଅଧିକଆନନ୍ଦ।

ସମୟ ତ ପାଣିର ସୁଅ... ନିଜ ଗତିରେ ଚାଲିଥାଏ। ଏଇ ଭିତରେ ଦେଖୁଦେଖୁ ମୋ ପିଲାଦିନ ବି ହଜିଗଲା। ବାପା ଚାଲିଗଲେ। ପୁରୁଣା କାଗଜପତ୍ର ବାହାରିଲା। ଦିନେ ଆମ ଜମିର ସୀମା ନିର୍ଦ୍ଧାରଣ ପାଇଁ ସର୍ଭେ ହେଲା।ମାପ ସରିବା ପରେ ଅମିନବାବୁ ଜଣଙ୍କ ଶାନ୍ତ ସ୍ୱରରେ କହିଲେ- "ଏହି ପିଜୁଳି ଗଛଟି ଆପଣଙ୍କ ଜମି ଭିତରେ ଅଛି।"

ମୋତେ ଲାଗିଲା ଏକ ଶକ୍ତ ଝଟକା। କ୍ଷଣିକ ପାଇଁ ଅନୁଭବ ହେଲା ସମୟ ଯେପରି ଅଟକି ଯାଇଛି। ଯେଉଁ ଗଛକୁ ପର ଭାବି ଆମେ ଲୁଚିଲୁଚି ଚଢୁଥିଲୁ, ସେହି ଗଛ ତାହେଲେ ଆମର ଥିଲା !

ହଠାତ୍ ମୋ ଭିତରୁ ଏକ ହସ ଉଠିଲା। ମନେ ମନେ ଭାବିଲି- ତାହାଲେ ନିଜ ଗଛର ପିଜୁଳି ଖାଇ ଜୀବନ ସାରା ପିଲାବେଳ 'ଚୋର' ବୋଲି ଗାଳି ଶୁଣୁ ଥିଲି !

କିନ୍ତୁ ସେହି ହସ ବେଶି ସମୟ ରହିଲା ନାହିଁ। ଯେତେବେଳେ ଚାହିଁ ଦେଖିଲି- ବୁଢୀ ମାଉସୀ ନାହାନ୍ତି। ତାଙ୍କ ଭଙ୍ଗା ଘର ନାହିଁ। ତାଙ୍କ ଗାଳିର ସ୍ୱର ବି ଆଜି ନାହିଁ। ଭରି ରହିଛି ସେଇଠି କେବଳ ନିରବତା।

ସେହି ନିରବତା ମୋତେ ପଚାରିଲା- ପ୍ରକୃତ ଚୋର କିଏ? ଆମେ, ଯେଉଁମାନେ ନିଜ ଗଛରୁ ପିଜୁଳି ତୋଳୁଥିଲୁ ନା ସମୟ...ଯିଏ ଜଣେ ବୁଢୀ ମାଉସୀଙ୍କ ଏକାକୀପଣ, ତାଙ୍କ ରାଗ, ତାଙ୍କ ଅପେକ୍ଷା ଏବଂ ନା ତାଙ୍କ ସମଗ୍ର ଅସ୍ତିତ୍ୱକୁ ଯିଏ ଚୋରି କରିନେଲା ?

ସର୍ଭେ ସରିବା ପରେ ମୁଁ ପଡ଼ୋଶୀ ଜଣେ ବୟସ୍କ ଲୋକଙ୍କୁ ପଚାରିଲି- "କାକା, ବୁଢ଼ୀ ତ ସବୁବେଳେ ଆମକୁ ଚୋର କହୁଥିଲେ। ଗଛଟା ଯେ ଆମର ଥିଲା, ସେ କେବେ ଜାଣି ପାରିଲା ନାହିଁ ?ଆଜି ଥିଲେ ନିହାତି ପଚାରିଥାନ୍ତି।"

ବୁଢା ଜଣକ ଦୀର୍ଘଶ୍ୱାସ ଛାଡ଼ି ହସିଲେ। - ସେ ତ ଆରମ୍ଭରୁ ଜାଣିଥିଲାରେ ବାବୁ! ତୋ ବାପାଙ୍କୁ ଅନେକ ଥର କହିବାର ମୁଁ ଶୁଣିଛି- ପିଲାମାନେ ଲୁଚିକି ଆସି ପିଜୁଳି ତୋଳନ୍ତୁ। ମୁଁ ଟିକେ ଗାଳି ଦେବି, ସେମାନେ ହସିହସି ଦୌଡ଼ିବେ। ଏହି ବୟସରେ ସେମାନଙ୍କ ହସ ହିଁ ମୋ ଘରର ଏକମାତ୍ର ଶବ୍ଦ।

ମୋ ହାତରୁ ସର୍ଭେର କାଗଜପତ୍ର ସବୁ ଖସିପଡ଼ିଲା। ଜୀବନ ସାରା ପିଲାବେଳ ଆମେ ଭାବୁଥିଲୁ ଆମେ ପିଜୁଳି ଚୋରି କରୁଛୁ। ହେଲେ ନା...ଆଜି ବୁଝିଲି- ସେଇ ବୁଢୀମାଉସୀ ତାହାଲେ ନିଜର ଏକାକୀପଣ ଲୁଚାଇବା ପାଇଁ ପ୍ରତିଦିନ ଇଚ୍ଛାକରି 'ଚୋର' ଖୋଜୁଥିଲେ।


ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦


## ବିଶ୍ୱାସରେ ବିଷ

ସନ୍ତୋଷ ମିଶ୍ର

ଉଦଳାରୁ ଶୁଭ୍ରାଂଶୁର ଗାଁ ମାତ୍ର ୬ କିଲୋମିଟର। କିନ୍ତୁ ପ୍ରାୟ ୪୦ ବର୍ଷ ପୂର୍ବେ ରାସ୍ତାରେ ନଦୀ ପଡୁ ଥିବାରୁ ଯିବା ଆସିବା କଷ୍ଟକର ହେଉଥିଲା। ବିଶେଷତଃ ବର୍ଷାଦିନେ ଡଙ୍ଗାରେ ନଦୀ ପାରହେବା ବିପଦଜନକ ଥିଲା। ସୁତରାଂ ସମସ୍ୟାର ଆଶୁ ସମାଧାନ ପାଇଁ ଉଦଳାରେ ଘର ତିଆରି ପାଇଁ ଜମି କ୍ରୟ କରିବା ଅତ୍ୟନ୍ତ ଜରୁରୀ ବୋଲି ଶୁଭ୍ରାଂଶୁର ହୃଦବୋଧ ହୋଇଥିଲା। ସେତେବେଳକୁ ଶୁଭ୍ରାଂଶୁର ଚାକିରି ମାତ୍ର ତିନି ବର୍ଷ। ତଥାପି ବାପାଙ୍କ ସହିତ ପରାମର୍ଶ କରି ଉଦଳାରେ ଜମି ଖଣ୍ଡିଏ କିଣିବା ପାଇଁ ସେ ଉଦ୍ୟମ କରୁଥିଲା। ସୌଭାଗ୍ୟକୁ ଚାହୁଁଥିବା ମୁତାବକ ଜମି ମିଳିଗଲା। ମାତ୍ର ନଗଦ ଅର୍ଥ ବିନିମୟରେ ଜମି କିଣିବା ସମ୍ଭବ ହୋଇ ପାରି ନଥିଲା । ତେଣୁ ଆଗାମୀ ୬ ମାସର ଦରମା ବିକ୍ରେତାଙ୍କୁ ଦେବା ପାଇଁ ଶୁଭ୍ରାଂଶୁ ଚୁକ୍ତିବଦ୍ଧ ହୋଇଥିଲା।

ଯାହାହେଉ ସବୁ ଠିକଠାକ୍ ହେଲା ପରେ ଜମି ରେଜିଷ୍ଟ୍ରେସନ୍ ପାଇଁ ଦିନ ଧାର୍ଯ୍ୟ ହେଲା। ମାତ୍ର ଭେଲୁଏସନ୍ ଅଧିକ ହେଉ ଥିବାରୁ କେବଳ ଶୁଭ୍ରାଂଶୁ ନାଁରେ ନକିଣି ଦୁଇ ଜଣକ ନାଁରେ କିଣିବା ପାଇଁ ସବ୍-ରେଜିଷ୍ଟ୍ରାର ଅଫିସର କର୍ମଚାରୀମାନେ ପରାମର୍ଶ ଦେଲେ। କଣ କରାଯିବ ବୋଲି ବାପାଙ୍କ ସହିତ ଶୁଭ୍ରାଂଶୁ ଆଲୋଚନା କଲା। ବାପା କହିଲେ ବଡ଼ଭାଇ ବିକ୍ରମ ସରକାରୀ ଡାକ୍ତର। ତା ନାଁ ସହିତ ମିଶାଇ ଜମି କିଣିଲେ ଘର ତିଆରି ବେଳେ ସେ ଆର୍ଥିକ ସାହାଯ୍ୟ କରିବ। ଉଦଳାରେ ତ ସେ କେବେହେଲେ ରହିବନି... କଟକ କିମ୍ବା ଭୁବନେଶ୍ୱରରେ ରହିବ.. ତେଣୁ ତୋର କିଛି ଅସୁବିଧା ହେବନି। ଶୁଭ୍ରାଂଶୁ କହିଲା - ବାପା ! ଭାଇଭାଇର ସମ୍ପର୍କ ତଥା ଜମିବାଡ଼ି ପୃଥକୀକରଣ ସମ୍ପର୍କରେ ତମର ଯଥେଷ୍ଟ ଅଭିଜ୍ଞତା ଅଛି। ବିବାହ କରିଥିଲେ ତ ସ୍ତ୍ରୀ ନାଁ ରହିଥାନ୍ତା। ଯେହେତୁ ବିବାହ କରିନାହିଁ, ଭାବୁଚି ତମ ନାଁଟା ରହିଲେ ଭଲ ହୁଅନ୍ତା। ବଡଭାଇ ନାଁ ରହିଲେ, କାଳେ ସେ ମତେ ହଇରାଣ କରିବ, ଅର୍ଦ୍ଧେକାଂଶ ଦାବୀ କରିବ, ତାହେଲେ ତ ମୋ ପ୍ରାଣକୁ ବାଧିବ। ବାପା କହିଲେ - ସେମିତି କିଛି ହେବାର ସମ୍ଭାବନା ନାହିଁ। ତୁ କାହିଁକି ଡରୁଚୁ। ମୁଁ ପରା ଅଛି। ଶୁଭ୍ରାଂଶୁ କହିଲା - ହେଲେ ବଡଭାଇ ତ ଏବେ ଦୂରବର୍ତ୍ତୀ ଏକ ଜିଲ୍ଲାରେ। ତାଙ୍କ ଦସ୍ତଖତ କିଏ କରିବ। ବାପା କହିଲେ - କାହିଁକି, ତୁ କରିଦେବୁ। ତମ ଦୁଇ ଜଣଙ୍କ ହସ୍ତାକ୍ଷର ତ ପ୍ରାୟ ଏକ ପ୍ରକାର । ବାପାଙ୍କ ପରାମର୍ଶ ଅନୁଯାୟୀ ଦୁଇ ଭାଇଙ୍କ ନାଁରେ ରେଜିଷ୍ଟ୍ରେସନ୍ କାର୍ଯ୍ୟ ସମାପନ ହେଲା ।

ତାପରେ ଶୁଭ୍ରାଂଶୁକୁ ୫ ବର୍ଷ ଲାଗିଗଲା ଟଙ୍କା ପଇସା ଯୋଗାଡ କରି ଘର ତିଆରି ଆରମ୍ଭ କରିବାକୁ। ପ୍ରଥମେ ଟାଇଲି ଛପର ଘର ନିର୍ମାଣ ପାଇଁ ଆପାତତଃ ସ୍ଥିର କରାଯାଇ ଥିଲା। ମାତ୍ର କିଛି ଦିନ ପରେ ବାପା କହିଲେ - ସିମେଣ୍ଟ ଆଉ ଲୁହା ଛଡରେ ତିଆରି କାମ ବହୁତ ମଜଭୁତ ଲାଗୁଚି.... ଛାତ ପକାଇ ଦେବା।

ଛାତ ପଡ଼ିବା ପରେ ହିଁ ସମସ୍ୟା ଆରମ୍ଭ ହୋଇ ଗଲା। ଦିନେ ବାପା ଏକାନ୍ତରେ ଶୁଭ୍ରାଂଶୁକୁ କହିଲେ - ବହୁତ ବଡ଼ ଭୁଲ୍ ହୋଇଗଲା... ଭାବିଥିଲି ଗୋଟେ ପ୍ରକାର କିନ୍ତୁ ହେଲା ଅନ୍ୟ ପ୍ରକାରର। ଆଶ୍ଚର୍ଯ୍ୟ ଚକିତ ହୋଇ ବାପାଙ୍କୁ ଅନାଇ ରହିଥିଲା ଶୁଭ୍ରାଂଶୁ। ବାପା କହି ଚାଲିଲେ- ବିକ୍ରମ ଯେ ଉଦଳା ଜାଗା ଆଉ ଘର ପାଇଁ ଏମିତି ପାଗଳ ହେବ ସ୍ୱପ୍ନରେ ବି ଭାବି ନଥିଲି। ଶୁଭ୍ରାଂଶୁ କହିଲା - ସେ ତ ଜାଗା କିଣିଲା ବେଳେ କିମ୍ବା ଘର ତିଆରି ବେଳେ ଆମକୁ ଆର୍ଥିକ ସହାୟତା କରିନାହିଁ ତେବେ ଏମିତି ହେବାର କାରଣ କଣ । ବାପା କହିଲେ- ତା ନାଁ ଯେହେତୁ ଅଛି ସେ ଅଧା ଦାବୀ କରୁଚି। ଶୁଭ୍ରାଂଶୁ - ବାପା! ସେଦିନ ଜମି ରେଜିଷ୍ଟ୍ରେସନ୍ ସମୟରେ ମୁଁ ଏଇ କଥା ତମକୁ କହିଥିଲି। ତମେ ଦୃଢ଼ ଭାବେ କହିଥିଲ - ସେମିତି କିଛି ହେବନି। ବହୁ କଷ୍ଟ ସ୍ୱୀକାର କରି ତାକୁ ଡାକ୍ତର କରିଛି। ଏତେ ତଳକୁ ସେ ଖସିଯାଇ ପାରିବନି। ହେଲେ ଏବେ ହେଲା କଣ । ମୋତେ ତ କିଛି ବୁଦ୍ଧି ଦେଖା ଯାଉ ନାହିଁ। ବାପା କହିଲେ- ହଉ, ତୁ ବ୍ୟସ୍ତ ହଅ ନାହିଁ। ଦେଖିବା, କଣ ଗୋଟେ ବାଟ ବାହାର କରିବା। ସମାଧାନ ପାଇଁ ଚେଷ୍ଟା କରିବା।

ଧୃତରାଷ୍ଟ୍ର ଭଳି ବଡ଼ ପୁଅକୁ ଭଲ ପାଉଥିବା ବାପା ଭାବୁଥିଲେ - ସାନ ପୁଅ କିଣିଥିବା ଜମିରେ ବଡ଼ ପୁଅ ନାଁ ରଖିବା ଠିକ୍ ନଥିଲା। ଏବେ ଅର୍ଥ ବିନିମୟରେ ସେ ତା ଭାଗ ଛାଡ଼ିବା ପାଇଁ ରାଜି ହେଲେ ମୋ କୃତ କର୍ମର ପ୍ରାୟଶ୍ଚିତ ହେଇ ପାରନ୍ତା!!

ହେଲେ ଥରେ ଲୋଭ ଗ୍ରାସ କଲେ ସେଥିରୁ ମୁକୁଳିବା ଅସମ୍ଭବ। କିଛି ଦିନ ପରେ ବାପା ଆସି କହିଲେ- ବିକ୍ରମ କୌଣସି କଥାରେ ରାଜି ହେଲାନି। ତା ମୁଣ୍ଡ ଭିତରେ ତ ଏବେ ଅନ୍ୟ ଜଣେ ... କଣ ଆଉ କହିବି... ସମୟ ହାତରେ ସବୁ ଛାଡ଼ିଦେ... ଭଗବାନଙ୍କ ଉପରେ ଭରସା ରଖ। ସେ ହିଁ ତୋତେ ନ୍ୟାୟ ଦେବେ। କିଛି ଦିନ ପରେ ବାପାଙ୍କର ଅକାଳ ବିୟୋଗ ଘଟିଲା। ସବୁ କିଛି ସେମିତି ଅସମାଧିତ ହୋଇ ରହିଗଲା।

ବାପାଙ୍କର ଦେହାନ୍ତ ହେଲା ବେଳକୁ ମାତ୍ର ଗୋଟିଏ ରୁମର କାମ



ସରିଥିଲା। ଚଳିବା ପାଇଁ ସୁବିଧା ଦୃଷ୍ଟିରୁ ଶୁଭ୍ରାଂଶୁ କୁ ଘରର ବାକି ଥିବା କାମସବୁ ଅର୍ଥ ଯୋଗାଡ କରି ଧୀରେ ଧୀରେ କରିବାକୁ ପଡ଼ିଲା। ଘର କାମ ଚାଲି ଥିବା ବେଳେ ବିକ୍ରମ ଆସେ। କିଛି ସମୟ ରହି ଫେରି ଯାଏ। କେତେ ଖର୍ଚ୍ଚ ହେଉଛି ସେ ବିଷୟରେ କିଛି ପଚାରେ ନାହିଁ କିମ୍ବା ଟଙ୍କାଟେ ବି ଦିଏ ନାହିଁ। ବାହାରେ କହି ବୁଲେ - ଜାଗା ମୁଁ କିଣିଛି.... ଘର ମୁଁ ତିଆରି କରୁଚି... ସାନ ଭାଇକୁ କେବଳ ତଦାରଖ ଦାୟିତ୍ୱ ଦେଇଛି।

ଏମିତି କିଛି ବର୍ଷ ବିତି ଗଲା। ଦିନେ ହଠାତ୍ ବିକ୍ରମ ଉଦଳା ଆସି ଶୁଭ୍ରାଂଶୁକୁ କହିଲା - ଏଠାରେ ଥିବା ମୋ ଭାଗ ବିକ୍ରି କରି ବାରିପଦାରେ ଘର ତିଆରି କରିବି ବୋଲି ଭାବୁଚି । ଯଦି କିଣିବୁ ତ ଭଲ କଥା ନହେଲେ ଅନ୍ୟ କାହାକୁ ବିକିଦେବି। ବହୁ ଆଲୋଚନା ପରେ ଦାବୀ ମୁତାବକ ଅର୍ଥ ଦେଇ ତାଙ୍କ ଭାଗ କିଣିବାକୁ ରାଜି ହେଲା ଶୁଭ୍ରାଂଶୁ। ମାତ୍ର ଇତିହାସର ପୁନରାବୃତ୍ତି ହେଲା ଭଳି ଏଥର ବି ରେଜିଷ୍ଟ୍ରେସନ୍ ବେଳେ ସେଇ ଅସୁବିଧା ହେଲା। ଯେହେତୁ ଦୁଇଭାଇଙ୍କ ମଧ୍ୟରେ କିଣାବିକା, ତେଣୁ ଗୋଟିଏ ଦିନରେ ରେଜିଷ୍ଟ୍ରେସନ୍ ନକରି ଦୁଇ ଦିନରେ କରିବା ପାଇଁ ସବ- ରେଜିଷ୍ଟର ଅଫିସ ତରଫରୁ ପରାମର୍ଶ ଦିଆଗଲା। ତଦନୁଯାୟୀ ଦୁଇଟି ଦଲିଲ ପ୍ରସ୍ତୁତ କରା ଗଲା। ସେଦିନ ଗୋଟିଏ ଦଲିଲ ରେଜିଷ୍ଟ୍ରେସନ୍ ହେଲା, ମାତ୍ର ଦାବୀ ମୁତାବକ ପୂରା ଅର୍ଥ ନେଇ ଚାଲିଗଲା ବିକ୍ରମ। ଗଲାବେଳେ ହସି ହସି କହିଗଲା - ଦୁଇ ଚାରି ଦିନ ଭିତରେ ଆସି ଅବଶିଷ୍ଟାଂଶ ରେଜିଷ୍ଟ୍ରେସନ୍ କରିଦେବି। ଆଦୌ ବ୍ୟସ୍ତ ହେବୁନି। ସେ ଗଲାପରେ ଶୁଭ୍ରାଂଶୁର କେତେଜଣ ହିତୈଷୀ ବନ୍ଧୁ କହିଲେ- ଆରେ ତାକୁ ତ ସବୁ ଟଙ୍କା ଦେଇଦେଲୁ , ଯଦି ସେ ନ ଆସିଲା, କଣ କରିବୁ। ଶୁଭ୍ରାଂଶୁ କହିଲା- ଦୁନିଆରେ କଣ ଭଗବାନ ନାହାନ୍ତି... ରକ୍ତର ଭାଇ କଣ କେବେ ବିଶ୍ୱାସ ଘାତକ ହେଇପାରେ।

ବନ୍ଧୁମାନଙ୍କ ଆଶଙ୍କା ସତ୍ୟ ହେଲା। ଦୁଇ ଚାରି ଦିନ ଯାଇ ଆଠ ଦଶ ଦିନ ହେଲା...କିନ୍ତୁ ବାବୁଙ୍କର ଦେଖା ନାହିଁ। ଶୁଭ୍ରାଂଶୁ ମନକୁ ପାପ ଛୁଇଁଲା...ସତରେ କଣ ତା ବିଶ୍ୱାସରେ ବିଷ ମିଶିଗଲା !! ଆଉ ଧୈର୍ଯ୍ୟ ରହିଲାନି... ସିଧା ଦୌଡ଼ିଲା ବାରିପଦା।ଦେଖିଲା ଘର ସାମ୍ନାରେ ଗୋଟେ ଧୋତିକୁ ଲୁଙ୍ଗି ଭଳି ପିନ୍ଧି ଟହଲ ମାରୁଚି ବିକ୍ରମ। ଶୁଭ୍ରାଂଶୁକୁ ଦେଖୁଦେଖୁ ସେ ଶିକାରୀ କୁକୁର ପରି ତା ଉପରକୁ ଝାଂପି ପଡ଼ିଲା। ଚିତ୍କାର କରି ପଚାରିଲା – କୁଆଡେ ଆସିଲୁ। ଶୁଭ୍ରାଂଶୁ ନିର୍ଭୀକ ଭାବରେ କହିଲା – ୨/୪ ଦିନ ଭିତରେ ରେଜିଷ୍ଟ୍ରେସନ୍ କରିବୁ ବୋଲି କହି ପୂରା ଟଙ୍କା ଧରି ଚାଲି ଆସିଲୁ । ଏ ଭିତରେ ୧୫ ଦିନ ବିତି ଗଲାଣି । ହେଲେ ତୋର ଦେଖା ନାହିଁ। ଉଦ୍ଦେଶ୍ୟ ବି କିଛି ବୁଝି ହେଉ ନାହିଁ। ଏଥର ବିକ୍ରମ ଗର୍ଜନ କରି କହିଲା – ଶଳା !! ଆସିଚୁ ଷଣ୍ଢ ଭଳି ଲଢେଇ କରିବାକୁ... ଯିବିନି କି କିଛି କରିବିନି... କଣ କରିବୁ ଯା ... ଶୁଭ୍ରାଂଶୁ କହିଲା- ଟଙ୍କାଟିଏ ଖର୍ଚ୍ଚ ନକରି ଅଧା ଭାଗ ପାଇଲୁ, ତଥାପି ଲୋଭ ଛାଡୁନି। ତାହେଲେ ଟଙ୍କା ଫେରେଇ ଦେ... ରେଜିଷ୍ଟ୍ରେସନ କରିବା ଦରକାର ନାହିଁ। ଏତିକି ଶୁଣି ସେ ପାଗଳ କୁକୁର ଭଳି ଭୁକିବାରେ ଲାଗିଲା – ମୁଁ ଟଙ୍କା ଫେରେଇ ପାରିବିନି। ସେହି ଟଙ୍କାରେ ବାରିପଦାରେ ଜାଗା କିଣି ଘର କରିବି। ଟଙ୍କା ଦେଇ ପାରିବିନି। ତୁ ଭଦ୍ରଲୋକ ଡାକ, ବା ଗୁଣ୍ଡା ଡାକ। ମୋର କିଛି କହିବାର ନାହିଁ। ଉଦଳାରେ ମୋର ସେତିକି ଜାଗା ପଡ଼ିଥାଉ। ସେଠାରେ ଘର ତିଆରି ହେବ କି ଅନ୍ୟ କାହାକୁ ବିକ୍ରୟ କରାଯିବ, ତାହା ପରେ ସ୍ଥିର ହେବ। କ୍ରୋଧମିଶ୍ରିତ କରୁଣ କଣ୍ଠରେ ଶୁଭ୍ରାଂଶୁ କହିଲା – ତୋ ଭଳି କୃତଘ୍ନ, ବିଶ୍ୱାସ ଘାତକ ଭାଇ ବ୍ରହ୍ମାଣ୍ଡରେ ଆଉ କେହି ନଥିବେ। ଏମିତି ହେଲେ ତ ଭାଇ ଭାଇ ମଧ୍ୟରେ ବିଶ୍ୱାସ ଶବ୍ଦଟି ଚିର କାଳ ପାଇଁ ଲୋପ ପାଇଯିବ। ତୋର କଦର୍ଯ୍ୟ ମନଭାବ ଏବଂ ହୀନ କାର୍ଯ୍ୟକଳାପ ମୋ ପାଇଁ କେବଳ ଏକ ମାତ୍ର ବିକଳ୍ପ ଛାଡୁଛି, ତାହା ହେଲା ଆତ୍ମହତ୍ୟା। ଉତକ୍ଷିପ୍ତ ହୋଇ ବିକ୍ରମ କହିଲା- ଯା ବେ ଶଳା ! ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ପଡ଼ିବୁ। ଶୁଭ୍ରାଂଶୁ କହିଲା – ସେମିତି କଲେ ଅବଶ୍ୟ ତୁ ବହୁତ ଖୁସି ହୁଅନ୍ତୁ। ହେଲେ ମୁଁ ତାହା କରିବି ନାହିଁ। ମଣିଷ ବେଇମାନ ହୋଇ ପାରେ। ହେଲେ ଈଶ୍ୱର ନୁହନ୍ତି। ମୋର ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ଅଛି। ନିଶ୍ଚିତ ଭାବେ ଯଥା ସମୟରେ ସେ ମୋତେ ନ୍ୟାୟ ଦେବେ। ହଁ, ଆଉ ଗୋଟେ କଥା – ଉଦଳାରେ ଏବେ ଘର ପାର୍ଶ୍ୱ ଏବଂ ରାସ୍ତା ପାର୍ଶ୍ୱ ଜମି ମୋ ନାଁରେ। କେବଳ ମଝି ଭାଗଟା ରେଜିଷ୍ଟ୍ରେସନ୍ ହେବାକୁ ବାକିଅଛି। ଯଦି ନକରୁ ତାହେଲେ ରାସ୍ତାରୁ ସିଧା ଡେଇଁବୁ ମଝି ଜାଗାକୁ। ଆଉ ଉପାୟ କିଛି ନାହିଁ। ବିକ୍ରମ ଆଶ୍ଚର୍ଯ୍ୟ ହୋଇ ପଚାରିଲା – ଏମିତି କେମିତି ହେଲା। ଶୁଭ୍ରାଂଶୁ କହିଲା – ସେ କଥା ଈଶ୍ୱରଙ୍କୁ ଜଣା। ବୋଧହୁଏ ତୋ ଭଳି ଗୋଟେ ବିଶ୍ୱାସଘାତକକୁ ସେ ଚିହ୍ନେଇ ଦେବାକୁ ଚାହୁଁ ଥିଲେ।

ଏମିତି ଚାହୁଁ ଚାହୁଁ ସାତ ମାସ ବିତି ଗଲା... ନା ଭଲରେ ଶୋଇ ପାରୁ ଥିଲା ଶୁଭ୍ରାଂଶୁ ନା ଖାଇ ପାରୁଥିଲା... ତା ମୁଣ୍ଡ କିଛି କାମ କରୁ ନଥିଲା। ଏତେ ଟଙ୍କା ଖର୍ଚ୍ଚ ହେଲା, କାମ ସମ୍ପୂର୍ଣ୍ଣ ହେଲାନି... କଣ କରିବ କିଛି ଭାବି ପାରୁ ନଥିଲା। ହେଲେ ଈଶ୍ୱରଙ୍କ ଉପରୁ ସେ କେବେହେଲେ ଆସ୍ଥା ହରାଇ ନଥିଲା।

ଦିନେ ମୋହରିଅର୍ ହରିହର ମହାପାତ୍ର ଶୁଭ୍ରାଂଶୁ ଘରକୁ ଆସି ପଚାରିଲେ ଆଜ୍ଞା ,ସାତ ମାସ ହେଲାଣି... ଆପଣଙ୍କ ଭାଇ ଆସିଲେନି...ଷ୍ଟାମ୍ପ ପେପର ଲେଖା ହୋଇ ରହିଛି... କଣ କରିବା.. ମୋର ଭଣଜାର ବ୍ରତଘର ପାଇଁ କଟକରୁ ୩୦ କିମି ଦୂର ଗୋଟିଏ ଗାଁକୁ ଯିବାକୁ ହେବ। ସେଠାରୁ ୧୦ ଦିନ ପରେ ଆସି ଘରେ ପହଞ୍ଚିବି। ତେଣୁ ଆଗାମୀ ୧୦ ଦିନ ମଧ୍ୟରେ ଆପଣଙ୍କ ଭାଇକୁ ଆସିବାକୁ ମନା କରିବେ। ଏତିକି କହି ମହାପାତ୍ର ବାବୁ ଚାଲିଗଲେ। ଶୁଭ୍ରାଂଶୁର ମୁଣ୍ଡ କିଛି କାମ କଲାନି। କଣ କରିବ ବିଚରା। ସେଠିକି ଗଲେ ଯୋଉ ଭାଷା...ଯୋଉ ବ୍ୟବହାର... ଉପାୟ କିଛି ନଥିଲା..ପୁଣି ସେ ଗଲା ବାରିପଦା.... ସେଇ ଭାଷା... ସେଇ ବ୍ୟବହାର...ସବୁ ହଜମ କରିସାରି କହିଲା – ମହାପାତ୍ର ବାବୁ ବାହାରକୁ ଯିବେ । ୧୦ ଦିନ ପରେ ଫେରିବେ.. ତେଣୁ ଏଭିତରେ ଯିବା ପାଇଁ ମନା କରିଛନ୍ତି... ବାସ୍ ଆଉ କିଛି ନକହି ସିଧା ଚାଲି ଆସିଲା ଉଦଳା ।

ଠିକ୍ ଚାରି ଦିନ ପରେ.... ଦିନେ ସନ୍ଧ୍ୟାରେ ଆସି ବିକ୍ରମ ପହଞ୍ଚିଲା ଶୁଭ୍ରାଂଶୁ ଘରେ। କହିଲା ଗାଁରେ ନେଇ ଛାଡ଼ି ଆସିବାକୁ। ବାଇକ୍ ଧରି ବାହାରି ପଡ଼ିଲା ଶୁଭ୍ରାଂଶୁ। ବାଟରେ ପଚାରିଲା – ଏ ଭିତରେ ପରା ଆସିବାକୁ ମନା କରିଥିଲି। ମୋହରିଅର୍ ମହାପାତ୍ର ତାଙ୍କ ଭଣଜାଙ୍କ ବ୍ରତ ଘରକୁ ଯାଇଛନ୍ତି। ଅତି ରୁକ୍ଷ କଣ୍ଠରେ ବିକ୍ରମ କହିଲା – ମୋର ଯେବେ ସୁବିଧା ହେବନା... ତୋ କଥାରେ ମୁଁ ଅଛିକି। ଗାଁରେ ତାକୁ ଛାଡି ଆସିବା ବେଳେ ଶୁଭ୍ରାଂଶୁ ମାଆକୁ ସବୁ କଥା କହିଲା। ମାଆ ଅସହାୟ କଣ୍ଠରେ କହିଲା – ସେ ଚଣ୍ଡାଳ କଣ ମୋ କଥା ଶୁଣିବ। ସର୍ବଶକ୍ତିମାନ ଈଶ୍ୱରଙ୍କୁ ଡାକ। ସେ ହିଁ ତତେ ସାହାଯ୍ୟ କରି ପାରିବେ।

ଉଦଳା ଫେରୁ ଥିବା ବେଳେ ବାଟରେ ଈଶ୍ୱରଙ୍କୁ ମନେମନେ ପ୍ରାର୍ଥନା କରୁଥିଲା ଶୁଭ୍ରାଂଶୁ। ହଠାତ୍ ତା ମନକୁ ଆସିଲା – ଲେଖା ଯାଇଥିବା ଷ୍ଟାମ୍ପ ପେପର୍ ବରଂ ନଷ୍ଟ ହୋଇ ଯାଉ...ଆଉ ଥରେ ଷ୍ଟାମ୍ପ ପେପର୍ କିଣାଯାଇ ରେଜିଷ୍ଟ୍ରେସନ୍ କରାହେବ... କାହିଁକି ନା ବିକ୍ରମ ଥରେ ଫେରି ଗଲେ ଆଉ ଯେ ଆସିବନି .... ସେ ବିଷୟରେ ଶୁଭ୍ରାଂଶୁ ଦୃଢ଼ ନିଶ୍ଚିତ ଥିଲା ।

ତା ପରଦିନ ସକାଳେ ଯୋଜନା ମୁତାବକ ସବୁ କାମ ସାରି ବିକ୍ରମକୁ ଗାଁରୁ ଆଣି ସିଧା ସବ- ରେଜିଷ୍ଟ୍ରାର ଅଫିସରେ ପହଞ୍ଚିଲା ଶୁଭ୍ରାଂଶୁ।

ରେଜିଷ୍ଟ୍ରେସନ୍ କାର୍ଯ୍ୟ ଯଥାରୀତି ସମ୍ପାଦିତ ହେଲା। ସହୋଦର ଭାଇର ବିଶ୍ୱାସଘାତକତା, ଈର୍ଷା ପ୍ରଣୋଦିତ ନିଷ୍ଠୁରତା, ଅଯଥା ଅର୍ଥ ଶ୍ରାଦ୍ଧ ; ଘୋର ତିକ୍ତତା ପରେ କାର୍ଯ୍ୟ ସିଦ୍ଧି !!! ତଥାପି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରି ନିଜର କୃତଜ୍ଞତା ଜଣାଉଥିଲା ଶୁଭ୍ରାଂଶୁ !!!!


ଉଦଳା, ମୟୂରଭଞ୍ଜ
ମୋ: ୯୪୩୯୨୯୫୦୦୯

# ଟେଷ୍ଟ କ୍ରିକେଟରେ ସବୁଠାରୁ ସଫଳ ବାମହାତୀ ବୋଲର ହେଲେ ମିଚେଲ ଷ୍ଟାର୍କ



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆର ଅଭିଜ୍ଞ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଗୁରୁବାର ବାଂଲାଦେଶ ବିପକ୍ଷ ମ୍ୟାଚ୍ ସମୟରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ଜଣେ ବାମହାତୀ ବୋଲର ଭାବେ ଟେଷ୍ଟ କ୍ରିକେଟରେ ସବୁଠାରୁ ଅଧିକ ୱିକେଟ୍ ନେଇଥିବା ଖେଳାଳି ବନିଯାଇଛନ୍ତି। ସେ ଶ୍ରୀଲଙ୍କାର ରଙ୍ଗନା ହେରାଥଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। କେବଳ ଏତିକି ନୁହେଁ, ସେ ଟେଷ୍ଟ କ୍ରିକେଟରେ ସବୁଠାରୁ ଅଧିକ ୱିକେଟ୍ ନେଇଥିବା ବୋଲରଙ୍କ ତାଲିକାରେ ଭାରତର ମହାନ ଅଧିନାୟକ କପିଳ ଦେବଙ୍କ ସହ ମଧ୍ୟ ସମକକ୍ଷ ହୋଇଛନ୍ତି।

ବାଂଲାଦେଶର ପ୍ରଥମ ଇନିଂସର ୯ମ ଓଭରରେ ମିଚେଲ ଷ୍ଟାର୍କ ଓପନିଂ ବ୍ୟାଟ୍ସମ୍ୟାନ ଶାଦମାନ ଇସଲାମଙ୍କୁ ନିଜର ଶିକାର ବନାଇଥିଲେ। ତାଙ୍କ ବଲରେ ନାଥନ ଲାୟନ କ୍ୟାଚ୍ ଧରିଥିଲେ ଏବଂ ଏହି ୱିକେଟ୍ ସହିତ ଷ୍ଟାର୍କ ଇତିହାସ ରଚିଥିଲେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଷ୍ଟାର୍କ ଏବଂ ରଙ୍ଗନା ହେରାଥ ଟେଷ୍ଟ ୱିକେଟ୍ ନେବା ମାମଲାରେ ସମାନ ସ୍ତରରେ ରହିଥିଲେ।

୪୩୪ତମ ଟେଷ୍ଟ ୱିକେଟ୍ ହାସଲ କରିବା ସହିତ ମିଚେଲ ଷ୍ଟାର୍କ ଭାରତର ମହାନ ଅଧିନାୟକ ତଥା ଅଲରାଉଣ୍ଡର କପିଳ ଦେବଙ୍କ ସମକକ୍ଷ ହୋଇଛନ୍ତି। କପିଳ ଦେବ ୧୯୭୮ରୁ ୧୯୯୪ ମଧ୍ୟରେ ୧୩୧ଟି ଟେଷ୍ଟ ମ୍ୟାଚ୍ ଖେଳି ୪୩୪ଟି ୱିକେଟ୍ ହାସଲ କରିଥିଲେ। ଷ୍ଟାର୍କ ନିଜର ୧୦୬ତମ ଟେଷ୍ଟରେ ହିଁ ଏହି ସଂଖ୍ୟା ଛୁଇଁଛନ୍ତି। ଦୁହେଁ ଏବେ ଟେଷ୍ଟ କ୍ରିକେଟରେ ସବୁଠାରୁ ଅଧିକ ୱିକେଟ୍ ନେଇଥିବା ବୋଲରଙ୍କ ତାଲିକାରେ ଯୌଥ ଭାବେ ୧୧ଶ ସ୍ଥାନରେ ରହିଛନ୍ତି।

ମିଚେଲ ଷ୍ଟାର୍କଙ୍କ ନଜର ବର୍ତ୍ତମାନ ଟେଷ୍ଟ କ୍ରିକେଟର ସବୁଠାରୁ ସଫଳ ୧୦ ଜଣ ବୋଲରଙ୍କ ମଧ୍ୟରେ ସ୍ଥାନ ପାଇବା ଦୌଡ଼ରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର ମହାନ ଦ୍ରୁତ ବୋଲର ଡେଲ୍ ଷ୍ଟେନ୍ ୪୩୯ଟି ୱିକେଟ୍ ସହ ବର୍ତ୍ତମାନ ତାଲିକାର ୧୦ମ ସ୍ଥାନରେ ରହିଛନ୍ତି। ଷ୍ଟାର୍କଙ୍କ ପାଖରେ ବର୍ତ୍ତମାନ ୪୩୪ଟି ୱିକେଟ୍ ରହିଛି ଏବଂ ସେ ଷ୍ଟେନ୍‌ଙ୍କଠାରୁ ମାତ୍ର ୫ଟି ୱିକେଟ୍ ପଛରେ ଅଛନ୍ତି। ଅର୍ଥାତ୍ ଷ୍ଟେନ୍‌ଙ୍କୁ ପଛରେ ପକାଇ ଟପ୍-୧୦ ରେ ପହଞ୍ଚିବା ପାଇଁ ତାଙ୍କୁ ଆଉ ୬ଟି ୱିକେଟ୍ ଆବଶ୍ୟକ। ଷ୍ଟାର୍କ ଯେଉଁ ଗତିରେ ୱିକେଟ୍ ହାସଲ କରୁଛନ୍ତି, ତାହାକୁ ଦେଖିଲେ ସେ ଖୁବ୍ ଶୀଘ୍ର ଏହି ମାଇଲଖୁଣ୍ଟ ଛୁଇଁପାରିବେ।

# ସେପ୍ଟେମ୍ବରରେ ହେବ ଭାରତ-ଆଫଗାନିସ୍ତାନ ଟି-୨୦ ମ୍ୟାଚ୍

**ନୂଆଦିଲ୍ଲୀ**

ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସେପ୍ଟେମ୍ବରରେ ହେବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଅନ୍ତର୍ଜାତୀୟ ସିରିଜ୍‌ର କାର୍ଯ୍ୟସୂଚୀରେ ପରିବର୍ତ୍ତନ ହୋଇପାରେ। ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସିରିଜ୍‌ର ଏକ ମ୍ୟାଚ୍‌କୁ ୧୪ ସେପ୍ଟେମ୍ବର ଅର୍ଥାତ୍ ଗଣେଶ ଚତୁର୍ଥୀ ଦିନ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛି ଏବଂ ଏହାକୁ ନେଇ ଭାରତୀୟ କ୍ରିକେଟ୍ ବୋର୍ଡ ସହିତ ଯୋଗାଯୋଗ କରିଛି।

ବର୍ତ୍ତମାନ ଉଭୟ ବୋର୍ଡ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ପାଇଁ ସେପ୍ଟେମ୍ବର ୧୩, ୧୫ ଓ ୧୭ ତାରିଖ ଉପରେ ସହମତ ଅଛନ୍ତି। ଏହି ତିନିଟିଯାକ ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯିବାର ଅଛି। କିନ୍ତୁ ରିପୋର୍ଟ ଅନୁଯାୟୀ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଚାହୁଁଛି ଯେ ଏଥିମଧ୍ୟରୁ ଗୋଟିଏ ମ୍ୟାଚ୍ ସେପ୍ଟେମ୍ବର ୧୪ ତାରିଖରେ ଖେଳାଯାଉ।



ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୧୩ ରବିବାର, ସେପ୍ଟେମ୍ବର ୧୫ ମଙ୍ଗଳବାର ଓ ସେପ୍ଟେମ୍ବର ୧୭ ଗୁରୁବାର ଦିନ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବାର ଅଛି। ଏସିବି ଚେଷ୍ଟା କରୁଛି ଯେ ସେପ୍ଟେମ୍ବର ୧୩ କିମ୍ବା ୧୫ ମଧ୍ୟରୁ ଯେକୌଣସି ଗୋଟିଏ ମ୍ୟାଚ୍‌କୁ ହଟାଇ ଏହା ସ୍ଥାନରେ ସେପ୍ଟେମ୍ବର ୧୪ ସୋମବାର ଦିନ ମ୍ୟାଚ୍ ଆୟୋଜନ କରାଯାଉ।

ସାଧାରଣତଃ ସୋମବାର ଦିନ ମ୍ୟାଚ୍ କରାଇଲେ ଦର୍ଶକଙ୍କ ସଂଖ୍ୟା କମ୍ ରହିବାର ଆଶଙ୍କା ଥାଏ। କିନ୍ତୁ ଏଥର ଗଣେଶ ଚତୁର୍ଥୀ ଯୋଗୁଁ ମିଳୁଥିବା ଛୁଟି ଏବଂ ପାର୍ବଣର ମାହୋଲକୁ ଦେଖି ଏସିବି ଆଶା ରଖିଛି ଯେ ସୋମବାରର ମ୍ୟାଚ୍ ମଧ୍ୟ ଦର୍ଶକଙ୍କୁ ଆକର୍ଷିତ କରିପାରିବ। ବିସିସିଆଇ ଯଦି ଏହି ପ୍ରସ୍ତାବ ଉପରେ ସହମତ ହୁଏ, ତେବେ ସିରିଜ୍‌ର କାର୍ଯ୍ୟସୂଚୀ ବଦଳିଯିବ।

ଏହି ତିନିଟିଯାକ ମ୍ୟାଚ୍ ଆଇସିସିର ଫ୍ୟୁଚର୍ ଟୁର୍ସ ପ୍ରୋଗ୍ରାମ ଅଧୀନରେ ଆଫଗାନିସ୍ତାନର ଘରୋଇ ସିରିଜ୍ ଭାବେ ଗଣାଯିବ, କିନ୍ତୁ ଏହି ମ୍ୟାଚ୍‌ଗୁଡ଼ିକ ଭାରତରେ ହିଁ ଖେଳାଯିବ। ଆଫଗାନିସ୍ତାନ ବିଗତ କିଛି ବର୍ଷ ହେବ ନିଜର ଘରୋଇ ଅନ୍ତର୍ଜାତୀୟ ମ୍ୟାଚ୍ ଗୁଡ଼ିକୁ ଭାରତରେ ଆୟୋଜନ କରିଆସୁଛି। ତେବେ ଏହା ପ୍ରଥମ ଥର ହେବ ଯେତେବେଳେ ଆଫଗାନିସ୍ତାନ ଭାରତ ବିପକ୍ଷରେ ନିଜର ଘରୋଇ ସିରିଜ୍ ଭାରତ ମାଟିରେ ହିଁ ଖେଳିବ। ଆଗାମୀ ଏସିଆନ୍ ଗେମ୍ସ ପ୍ରସ୍ତୁତି ଦୃଷ୍ଟିରୁ ମଧ୍ୟ ଏହି ତିନିଟିଯାକ ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସେପ୍ଟେମ୍ବରରେ ହେବାକୁ ଥିବା ଟି-୨୦ ସିରିଜ୍‌ର ନିଶ୍ଚିତତା ପରେ ଭାରତର ବାଂଲାଦେଶ ଗସ୍ତ ଉପରେ ମଧ୍ୟ ପ୍ରାୟତଃ ବିରାମ ଲାଗିଯାଇଛି। ଏହାର ଅର୍ଥ ହେଉଛି ଭାରତର ବାଂଲାଦେଶ ଗସ୍ତ ବର୍ତ୍ତମାନ ନହେବା ସ୍ଥିତିରେ ରହିଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ ପୂର୍ବରୁ ଭାରତ ବିପକ୍ଷରେ ସେପ୍ଟେମ୍ବର ୧ ରୁ ୬ ପର୍ଯ୍ୟନ୍ତ ତିନିଟି ଦିନିକିଆ ଏବଂ ସେପ୍ଟେମ୍ବର ୯ ରୁ ୧୩ ପର୍ଯ୍ୟନ୍ତ ତିନିଟି ଟି-୨୦ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲା।

# ନେଦରଲାଣ୍ଡସ ଫୁଟବଲ ଦଳର ମୁଖ୍ୟ କୋଚ୍ ହେଲେ ସ୍ପେନର ଜାଭି ହର୍ଣ୍ଣାଣ୍ଡେଜ୍

**ନୂଆଦିଲ୍ଲୀ**

ସ୍ପେନର ମହାନ ଫୁଟବଲର ଜାଭି ହର୍ଣ୍ଣାଣ୍ଡେଜ୍‌ଙ୍କୁ ନେଦରଲାଣ୍ଡସ ନିଜର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ୧୯୭୮ ମସିହା ପରେ ଏହା ପ୍ରଥମ ଥର ହୋଇଛି, ଯେତେବେଳେ କି ନେଦରଲାଣ୍ଡ୍ସ ଜଣେ ବିଦେଶୀ ନାଗରିକଙ୍କୁ ନିଜର ଜାତୀୟ ପୁରୁଷ ଫୁଟବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ସେ ରୋନାଲ୍ଡ କୋମ୍ୟାନ୍‌ଙ୍କ ସ୍ଥାନ ନେବେ। ଯିଏକି ବିଶ୍ୱକପ୍ ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ।



ଜାଭି ସେହି ସ୍ପାନିସ୍ ଦଳର ସଦସ୍ୟ ଥିଲେ, ଯିଏକି ୨୦୧୦ ବିଶ୍ୱକପ୍ ଫାଇନାଲ୍‌ରେ ନେଦରଲାଣ୍ଡସକୁ ପରାସ୍ତ କରିଥିଲା। ୪୬ ବର୍ଷୀୟ ଜାଭି ଏହାପୂର୍ବରୁ ବାର୍ସିଲୋନାର ମୁଖ୍ୟ କୋଚ୍ ଥିଲେ, କିନ୍ତୁ ସେ ମେ’ ୨୦୨୪ରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ନେଦରଲାଣ୍ଡସ ପେନାଲ୍ଟି ସୁଟ୍‌ଆଉଟ୍‌ରେ ମରକ୍କୋଠାରୁ ହାରି ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୩୨ରୁ ବାହାର ହୋଇଯାଇଥିଲା।

ଏହି ଦାୟିତ୍ୱ ଗ୍ରହଣ କରିବା ପରେ ଜାଭି କହିଛନ୍ତି, ‘ଡଚ୍ ଜାତୀୟ ଦଳର ମୁଖ୍ୟ କୋଚ୍ ହେବା ମୋ ପାଇଁ ଏକ ବଡ଼ ସମ୍ମାନର ବିଷୟ। ବାର୍ସାର ଏକାଡେମୀରେ ତାଲିମ ନେବା ଏବଂ ଜୋହାନ କ୍ରୁଫ୍ ଓ ରିନସ ମିସେଲ୍ସଙ୍କ ଭଳି ମହାନ ଖେଳାଳିଙ୍କ ଦ୍ୱାରା ପ୍ରଭାବିତ ହେବା ଯୋଗୁଁ ମୁଁ ଡଚ୍ ଫୁଟବଲ ସହିତ ଏକ ସ୍ୱତନ୍ତ୍ର ଜଡ଼ିତତା ଅନୁଭବ କରୁଛି। ଆପଣ କହିପାରିବେ ଯେ ମୁଁ କିଛି ମାତ୍ରାରେ ଡଚ୍ ଫୁଟବଲର ହିଁ ପୁଅ। ଅନ୍ୟ ମହାନ କୋଚ୍ ବିଶେଷ କରି ଲୁଇସ୍ ଭ୍ୟାନ୍ ଗାଲ୍ – ଯାହାଙ୍କ ଅଧୀନରେ ମୁଁ ବାର୍ସାରେ ଡେବ୍ୟୁ କରିଥିଲି ଏବଂ ଫ୍ରାଙ୍କ୍ ରାଇଜକାର୍ଡ ମଧ୍ୟ ଜଣେ ଖେଳାଳି ଓ କୋଚ୍ ଭାବରେ ମୋତେ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।’

# ୧୬ରୁ ସୁବର୍ଣ୍ଣପୁର ସିନିଅର ଫୁଟବଲ୍ ଲିଗ୍ : ଭାଗ ନେବେ ୬୫ଟି ଦଳ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଡିଷ୍ଟ୍ରିକ୍ଟ ଆଥ୍‌ଲେଟିକ୍ ଆସୋସିଏସନ ସୁବର୍ଣ୍ଣପୁର ପକ୍ଷରୁ ଚଳିତ ମାସ ଅଗଷ୍ଟ ୧୬ ତାରିଖରୁ ୩୦ ଅଗଷ୍ଟ ଯାଏ ଗାନ୍ଧି ଷ୍ଟାଡିୟମ୍‌ରେ ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ୍-୨୦୨୬ ଅନୁଷ୍ଠିତ ହେବ। ଏହି ଫୁଟବଲ ଲିଗ୍ ୭ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଯଥା ସୁବର୍ଣ୍ଣପୁର ପୌର ପରିଷଦ ସମେତ ତରଭା ବ୍ଲକ, ସୋନପୁର ବ୍ଲକ, ଉଲୁଣ୍ଡା ବ୍ଲକ୍, ଡୁଙ୍ଗୁରିପାଲି ବ୍ଲକ, ବିନିକା ବ୍ଲକ ଓ ବୀରମହାରାଜପୁର ବ୍ଲକ ଫୁଟବଲ୍ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାରେ ସମୁଦାୟ ୬୫ ଗୋଟି ଦଳ ଅଂଶ ଗ୍ରହଣ କରିବେ। ଏହି ଲିଗ୍‌ର ବିଜେତା, ଉପବିଜେତା ଦଳ ଓ ଟୁର୍ଣ୍ଣାମେଣ୍ଟର ମନୋନୀତ ଖେଳାଳି ଆଗାମୀ ସାହାଣୀ କପ୍ ଫୁଟବଲ୍‌ରେ ଅଂଶ ଗ୍ରହଣ କରିବେ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ସଂଘର ଉପଦେଷ୍ଟା ଦିଲ୍ଲୀପ ଗୁରୁ, ଭୁକୁଲୁ ବକ୍ସି, ନନ୍ଦ କିଶୋର ତ୍ରିପାଠୀ, ବଳରାମ ପଟ୍ଟନାୟକ, ରଞ୍ଜୁ ସାହୁ, ରବି ନାରାୟଣ ଦେହୁରୀ, ବୁବୁନ ନାଏକ୍, ରାଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସଦସ୍ୟ ତଥା ମିଡିଆ କୋର୍ଡ଼ିନେଟର ଚନ୍ଦନ ବେହେରା, ସଂଘ ସଦସ୍ୟ କଲିମ୍ ମହମ୍ମଦ, କିରଣ ନାଏକ୍, ଚାହଦ ମହଲ ଦାର, ଦିଲେଶ୍ୱର ବଘାର, ଭାରତ ମହାନନ୍ଦ, ପୁରନ୍ଦର ନାଏକ, ସଂତୋଷ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ବିକାଶ ପଣ୍ଡା ସଭା ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ।


**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
24001/396/2627
**ଘୋଷଣା**

No **RDM-LAA-MBJ-0017-2025**-24889 R&DM, Dated:12.06.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗଡିଗାଁ, ଥାନା- ମୋରଡା, ନଂ. ୮୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୯୧୨୨ ତା. ୩୦.୧୨.୨୦୨୫ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଗଡିଗାଁ, ଥାନା- ମୋରଡା, ନଂ. ୮୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ମୋରଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗଡିଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨.୯୫ | ଏକର ୧.୭୫ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ମୋରଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୫.୦୫.୨୦୨୭ ।

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା– ୨୭/୨୦୨୪**
**ଏ.୧.୭୫ ଡେ.ମି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଡାହିସାହି ଡଷ୍ଟ୍ରିବ୍ୟୁଟାରୀ**
**ମୌଜା– ଗଡିଗାଁ, ଥାନା– ମୋରଡା ନଂ–୮୫, ତହସିଲ– ମୋରଡା, ଜିଲ୍ଲା– ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 108 ରୟତ | 781/1574 | 0.80 | 0.48 | ଡାହି ଏକ | ଦିବାକର ମହାକୁଡ, ଭାସ୍କର ମହାକୁଡ, ପ୍ରଭାକର ମହାକୁଡ, ଜକୁ ମହାକୁଡ ପି: ଚନ୍ଦ୍ରଶେଖର ମହାକୁଡ ଜା: ଗୋପାଳ ବା: ନିଜଗାଁ |
| 178 ରୟତ | 781/1576 | 0.65 | 0.33 | ଡାହି ଏକ | ବୈକୁଣ୍ଠ ମହାକୁଡ ପି: ଗୋରା ମହାକୁଡ, ମହେଶ୍ୱର ମହାକୁଡ, ଗଣେଶ୍ୱର ମହାକୁଡ ପି: ଗୌର ମହାକୁଡ, ସୂର୍ଯ୍ୟ ମହାକୁଡ ସ୍ୱା: ଗୌର ମହାକୁଡ, ଶତ୍ରୁଘନ ମହାକୁଡ, ଏକାଦଶି ମହାକୁଡ ପି: କାଳିଆ ମହାକୁଡ ଜା: ମଗଧା ଗଉଡ ବା: ନିଜଗାଁ |
| 230 ରୟତ | 1096 | 0.16 | 0.16 | ଡାହି ଏକ | ରାଧୁ ଦାସ ପି:କାଳି ଚରଣ ଦାସ ଜା: ବୈଷ୍ଣବ ବା: ନିଜଗାଁ |
| 256 ରୟତ | 781/1575 | 0.37 | 0.21 | ଡାହି ଏକ | ଲାଲ ମହାନ୍ତ, ମୋହନ ମହାନ୍ତ, ସହନ ମହାନ୍ତ ପି: ବଡ଼ ପ୍ରହରାଜ ମହାନ୍ତ, ଧନିରାମ ମହାନ୍ତ, କୁଶ ମହାନ୍ତ, ଲବଘନ ମହାନ୍ତ ପି: କାଳିଆ ମହାନ୍ତ, ସୁକୁ ମହାନ୍ତ, ପବନ ମହାନ୍ତ ପି: ନକୁଳ ମହାନ୍ତ ଜା: କୁଡ୍ମି ବା: ଫୁଲବାଡ଼ିଆ |
| 318/351 ରୟତ | 1097 | 0.75 | 0.41 | ଡାହି ଏକ | ଚୈତନ୍ୟ ମହାନ୍ତ ପି: ନିଳକଣ୍ଠ ମହାନ୍ତ ଜା: କୁଡ୍ମି ବା: ଛାଞ୍ଚ, ବାରିପଦା, ବାସନ୍ତି ମହାନ୍ତ ସ୍ୱା: ପୁରୁଷୋତ୍ତମ ମହାନ୍ତ, ପରେଶ ମହାନ୍ତ, ଛତିଶ ମହାନ୍ତ ପି: ଗଣେଶ ମହାନ୍ତ, ଝୁନୁପୁକି ମହାନ୍ତ ସ୍ୱା: ଭକ୍ତୁ ମହାନ୍ତ, ସାରଥି ମହାନ୍ତ, ହୀରାମଣି ମହାନ୍ତ ପି: ଭକ୍ତୁ ମହାନ୍ତ, ଗଗନ ମହାନ୍ତ ପି: ପୁରୁଷୋତ୍ତମ ମହାନ୍ତ ଜା: କୁଡ୍ମି ବା: ରାଘବପୁର, ଥାନା-ରାସଗୋବିନ୍ଦପୁର |
| 318/350 ରୟତ | 1097/2472 | 0.11 | 0.11 | ଡାହି ଏକ | ନବୀନ ଚନ୍ଦ୍ର ମହାନ୍ତ ପି:ଉମାକାନ୍ତ ମହାନ୍ତ ଜା: କୁଡ୍ମି ବା: ନିଜଗାଁ |
| 318/349 ରୟତ | 1097/2473 | 0.11 | 0.05 | ଡାହି ଏକ | ପର୍ଶୁରାମ ମହାନ୍ତ ପି:ଉମାକାନ୍ତ ମହାନ୍ତ ଜା: କୁଡ୍ମି ବା: ନିଜଗାଁ |
| ମୋଟ | ୦୭ ପ୍ଲଟ | ଏ.୨.୯୫ ଡେ.ମି. | ଏ.୧.୭୫ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ
OIPR-24001/24001/3/26-27/0129


# ହିଣ୍ଡାଲ୍‌କୋର ବାଫ୍‌ଲିମାଳି ଦୀର୍ଘସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ନିମନ୍ତେ ଏଏସ୍‌ଆଇ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି ହେଲା

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ଓଡ଼ିଶାର ରାୟଗଡ଼ା ଜିଲ୍ଲାରେ ଥିବା ତାହାର ବାଫ୍‌ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଥିବା ବିଷୟ ଘୋଷଣା କରିଛି।

ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ଚୂର୍ଣ୍ଣ କରିବା ଏବଂ ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡ଼ିକରୁ ବକ୍ସାଇଟକୁ କନ୍‌ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍ ରହିଛି। ଏହି ଖଣିଗୁଡିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍‌କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ।



ଏହି ସଫଳତା ସହିତ ବାଫ୍‌ଲିମାଳି ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟ ପଦ୍ଧତି ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍‌କୋର ଏଏସ୍‌ଆଇ-ପ୍ରମାଣିକୃତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ ଡାଉନଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି। ପ୍ରମାଣିକୃତ କାର୍ଯ୍ୟ ପରିଚାଳନା ବର୍ଗମାଳା ମଧ୍ୟରେ ମଉଦା, ହୀରାକୁଦ ଏଫଆରପି, ତଲୋଜା, କୁପ୍ପମ୍, ଆଲୁପୁରମ୍, ବେଲୁର, ରେଣୁକୋଟ, ବେଲଗାଭୀ, ହୀରାକୁଦ ଓ ଆଦିତ୍ୟରେ ଥିବା କାରଖାନାଗୁଡିକ ରହିଛି।

ଉତ୍କଳ ଆଲୁମିନା ହିଣ୍ଡାଲ୍‌କୋର ଅନ୍ୟତମ ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କାର୍ଯ୍ୟ ପରିଚାଳନା କମ୍ପାନୀ ହୋଇଛି, ଯାହା ବାର୍ଷିକ ପ୍ରାୟ ୨.୬୭ ନିୟୁତ ଟନ୍ ଆଲୁମିନା ଉତ୍ପାଦନ କରୁଛି। ବିଶୋଧନାଗାର ନିମନ୍ତେ ବକ୍ସାଇଟର ପ୍ରାଥମିକ ଉତ୍ସ ଭାବରେ ବାଫ୍‌ଲିମାଳି ଆଲୁମିନିୟମ ଉତ୍ପାଦନକୁ ସମର୍ଥନ କରିବାରେ ଏକ ରଣନୈତିକ ଭୂମିକା ନିର୍ବାହ କରୁଛି।

କୈଳାସ ପାଣ୍ଡେ, ସିଇଓ-ଆଲୁମିନିୟମ ଅପଷ୍ଟ୍ରିମ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ କହିଥିଲେ, “ହିଣ୍ଡାଲ୍‌କୋ ପାଇଁ ବାଫ୍‌ଲିମାଳି ଏକ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଏବଂ ଆମର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ହୋଇଛି। ବାଫ୍‌ଲିମାଳିର ଏଏସ୍‌ଆଇ ପ୍ରମାଣନ ଦୀର୍ଘସ୍ଥାୟିତା, ସ୍ୱଚ୍ଛତା ଏବଂ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟରେ ଦାୟିତ୍ୱସମ୍ପନ୍ନ ଭାବରେ ସମ୍ବଳ ସଂଗ୍ରହକୁ ଧାରଣ କରିବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସମୁଦାୟ ଅତିରିକ୍ତ ଅପଷ୍ଟ୍ରିମ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ପ୍ରମାଣନକୁ ଆମେ ସମ୍ପ୍ରସାରିତ କରୁଥିବା ବେଳେ ଆମେ ଖଣି ଠାରୁ ନେଇ ଧାତୁ ପର୍ଯ୍ୟନ୍ତ ଏକ ଅଧିକ ସମନ୍ୱିତ ଏବଂ ବୈଶ୍ୱିକ ସ୍ତରରେ ସ୍ୱୀକୃତ ଦାୟିତ୍ୱସମ୍ପନ୍ନ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ମୂଳଦୁଆକୁ ସୁଦୃଢ଼ କରୁଛୁ।”

ଡ. ଫିଓନା ସୋଲୋମନ୍, ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର, ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ (ଏଏସ୍‌ଆଇ) କହିଥିଲେ, “ବାଫ୍‌ଲି ମାଳି ବକ୍ସାଇଟ ଖଣିଗୁଡିକର ପ୍ରମାଣନ ଉତ୍କଳ ଆଲୁମିନା ଏବଂ ବିସ୍ତାରିତ ଭାବରେ ଏଏସ୍‌ଆଇର ଦୀର୍ଘସ୍ଥାୟୀ ମାନକଗୁଡିକ ସହିତ ନିରନ୍ତର ନିୟୋଜନତାକୁ ପ୍ରତିଫଳିତ କରୁଛି। ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ବିବିଧ ପର୍ଯ୍ୟାୟରେ ଏଏସ୍‌ଆଇ ପ୍ରମାଣନରେ ଅଂଶଗ୍ରହଣ କ୍ଷେତ୍ରରେ ହିଣ୍ଡାଲ୍‌କୋ ବ୍ୟବସାୟିକ ପରିଚାଳନାର ବର୍ଦ୍ଧିତ ସଂଖ୍ୟା, ଏହି ସମୁଦାୟ କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ପାରିବେଶିକ, ସାମାଜିକ ଓ ପରିଚାଳନା କାର୍ଯ୍ୟାଭ୍ୟାସକୁ କାର୍ଯ୍ୟକାରୀ କରିବା ତଥା ଦାୟିତ୍ୱସମ୍ପନ୍ନ ଉତ୍ପାଦନକୁ ଆଗେଇନେବା ନିମନ୍ତେ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ଏଭଳି ପ୍ରୟାସଗୁଡିକ ସ୍ୱଚ୍ଛତା, ଅନୁରେଖଣୀୟତା (ପତା ଲଗାଇବା) ଏବଂ ଅଂଶୀଦାର ମାନଙ୍କର ଆସ୍ଥାକୁ ସମୁଦାୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।”

ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ (ଏଏସ୍‌ଆଇ) ହେଉଛି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳ ନିମନ୍ତେ ଅଗ୍ରଣୀ ବିଶ୍ୱସ୍ତରୀୟ ଦୀର୍ଘସ୍ଥାୟୀ ମାନକ ଓ ପ୍ରମାଣନକାରୀ ସଂଗଠନ। ଏହାର ପ୍ରଦର୍ଶନ ମାନକ ଜୈବ ବିବିଧତା, ସବୁଜଗୃହ ଗ୍ୟାସ ନିର୍ଗମନ, ଗୋଷ୍ଠୀ ନିୟୋଜନତା, ମାନବ ଅଧିକାର, ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଓ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ କାର୍ଯ୍ୟପଦ୍ଧତି ଗୁଡିକ ନିମନ୍ତେ ପରିବେଶଗତ, ସାମାଜିକ ଓ ପରିଚାଳନାଗତ ପ୍ରଦର୍ଶନର ମୂଲ୍ୟାୟନ କରିଥାଏ। ନିରପେକ୍ଷ ତୃତୀୟ-ପକ୍ଷ ପ୍ରମାଣନ ଅଡିଟ୍ କାର୍ଯ୍ୟ ଏଏସ୍‌ଆଇର ୱିଟ୍‌ନେସ୍ ଆସେସ୍‌ମେଣ୍ଟ ପ୍ରୋସେସ୍ (ସାକ୍ଷ୍ୟ ଆକଳନ ପ୍ରକ୍ରିୟା) ଅଧୀନରେ ସେଟିଜିଓନ୍ (ସିଇଟିଆଇଜେଡଆଇଓଏନ୍) ଭେରିଫିକା ଦ୍ୱାରା କରାଯାଇ ଥିଲା ଏବଂ ସଂସ୍ଥାନର କ୍ୱାଲିଟି ଆସ୍ୟୁରାନ୍ସ ବିଧିବ୍ୟବସ୍ଥାର ଅଂଶ ଭାବରେ ଏଏସ୍‌ଆଇ ସେକ୍ରେଟାରୀଏଟ୍‌ର ସଦସ୍ୟଗଣ ଏହାକୁ ପର୍ଯ୍ୟବେକ୍ଷଣ କରିଥିଲେ।

ବୈଶ୍ୱିକ ଗ୍ରାହକମାନେ ଅଧିକରୁ ଅଧିକ ଦାୟିତ୍ୱସମ୍ପନ୍ନ ଭାବରେ ସଂଗୃହୀତ ପଦାର୍ଥଗୁଡିକ ଏବଂ ବୃହତ୍ତର ଯୋଗାଣ ଶୃଙ୍ଖଳ ସ୍ୱଚ୍ଛତା ଚାହୁଁଥିବାରୁ ସମୁଦାୟ ଶିଳ୍ପଭିତ୍ତିକ ମୂଲ୍ୟ ଶୃଙ୍ଖଳ ଗୁଡିକରେ ଦୀର୍ଘସ୍ଥାୟିତା ପ୍ରମାଣନ ଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି। ଏଏସ୍‌ଆଇ ପ୍ରମାଣନ ନିରପେକ୍ଷ ପ୍ରତିଶ୍ରୁତି ପ୍ରଦାନ କରୁଛି ଯେ ସମୁଦାୟ କାର୍ଯ୍ୟଗୁଡିକ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତ ଦୀର୍ଘସ୍ଥାୟୀ ମାନକ ଓ ଦାୟିତ୍ୱସମ୍ପନ୍ନ ଉତ୍ପାଦନ କାର୍ଯ୍ୟାଭ୍ୟାସ ମୁତାବକ କରାଯାଉଛି।

ବାଫ୍‌ଲିମାଳିର ପ୍ରମାଣନ ଦାୟିତ୍ୱସମ୍ପନ୍ନ ଖଣି କାର୍ଯ୍ୟ, ଦୀର୍ଘସ୍ଥାୟୀ ଉତ୍ପାଦନ କାର୍ଯ୍ୟପଦ୍ଧତି ଏବଂ ଭାରତରୁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ଆଲୁମିନିୟମ ଯୋଗାଣ ଶୃଙ୍ଖଳଗୁଡିକର ବିକାଶ ନିମନ୍ତେ ହିଣ୍ଡାଲ୍‌କୋର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ କରୁଛି।

# ନିଖୋଜର ୨ଦିନ ପରେ ପାଟନାଳିରୁ ଶବ ଉଦ୍ଧାର

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିଖୋଜର ଦୁଇଦିନ ପରେ ପାଟନାଳିରୁ ଜଣେ ବୃଦ୍ଧଙ୍କ ସବ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ରାମକୃଷ୍ଣପୁର ଗ୍ରାମର କୃଷକ ହରେକୃଷ୍ଣ ଲେଙ୍କା ୬୫ବର୍ଷ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ପାଟନାଳି ନିକଟରେ ଥିବା ତାଙ୍କର ଜମିରେ ଧାନ ତଳି ରୋପଣ ନିମନ୍ତେ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ତେବେ ଶୁକ୍ରବାର ମାହାଙ୍ଗା ବ୍ଲକ ପନ୍ଦରବାଟିଆ ପାଟନାଳିରେ ତାଙ୍କ ଶବ ଭାସୁଥିବାର ଲୋକେ ଦେଖିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ଚିହ୍ନଟ କରିଥିଲେ। ପରେ ନିଶ୍ଚିନ୍ତକୋଇଲି ଡମକଳ ବାହିନୀ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କର ଶବକୁ ଉଦ୍ଧାର କରି ନିଶ୍ଚନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ଯୌତୁକ ନିର୍ଯାତନା ମାମଲା : ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ପ୍ରଥମ ଶ୍ରେଣୀ ବିଚାରପତି ଏକ ଯୌତୁକ ନିର୍ଯାତନା ମାମଲାର ଶୁଣାଣି ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୧ ଜଣଙ୍କ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ବିଚାରପତି ଆଦିତ୍ୟ ନାରାୟଣ ମହାରଣା ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଭିଯୁକ୍ତମାନେ ୫୦୦୦ ଦେବା ସହ ଟଙ୍କା ଜରିମାନା ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୧୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ଗଣ୍ଡ କହିଛନ୍ତି। ସୂଚନାଯୋଗ୍ୟ, ରାଇଘର ଝୁନକିପାରା ନୂଆପରା ଗ୍ରାମର ଶଶୀଶେଖର ସାହୁଙ୍କ ଝିଅ ମନ୍ଦାକିନୀ ସାହୁ ୨୦୧୬ରେ ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ବୋଇଦପାଲି ନୂଆଗାଁର ପ୍ରମୋଦ ସାହୁଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ଦାବିକରି ଶାରୀରିକ, ମାନସିକ ନିର୍ଯାତନା ଦେଉଥିବାରୁ ୨ ବର୍ଷ ପରେ ନିଜ ଘରକୁ ଫେରି ଆସିଥିଲେ। ୨୦୧୮ରେ ସେ ଶ୍ୱଶୁର ସୁବାଷ ସାହୁ, ଶାଶୁ ମଞ୍ଜୁଳା ସାହୁ, ସ୍ୱାମୀ ପ୍ରମୋଦ ଓ ନଣଦ ସୁରେନ୍ଦ୍ର ସାହୁଙ୍କ ନାମରେ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ।


**OFFICE OF THE PANCHAYAT SAMITI RAIRANGPUR,**
**At/Po- Rairangpur, Dist-Mayurbhanj.**
**Letter No. 2220 /dev/ dt. 12.08.26/**
**TENDER CALL NOTICE**
E-Mail: ori-rairangpur@nic.in
19001/189/2627

**Bid identification No.2/2026// BDO Rairangpur**
The Block Development Officer, Rairangpur on behalf of Government of Odisha invites Sealed tender on percentages (%) rate from the interested "D & C" Class contractor registered with the Govt. for execution of civil work under Panchayat samiti Rairangpur, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.odisha.gov.in. Interested bidders fulfilling the eligibility criteria may submit their proposals to the O/O BDO Rairangpur only through Regd Post/Speed post. Other mode of communication will not be entertained.

| Sl.No. | Name of the Location | Name of the work | Name of the scheme | Value of work amount put to tender (In Rs.) | EMD to be Deposited (in Rs. ) | Cost of Tender paper in Rs. | Class of contractor to be verified | Period of completion. |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Block HQ | Construction of Additional Office Building at Rairangpur Block | 5th SFC Construction of Non-Residential Buildings | 15,65,793/- | 15657/- | 6000/- | D & C | 6 Calendar months |
| 2 | Block HQ | Construction of Conference Hall with other accessories | 5th SFC Construction of Non-Residential Buildings | 13,78,500/- | 13785/- | 6000/- | D & C | 6 Calendar months |

**Terms and conditions**
1. Sale & Receipt of Tender paper: from dt.17.08.2026 to 31.08.2026 up to 5:00 PM on every office working days. The last date of receipt of the bid documents will be 31.08.2026 up to 05.00PM.
2. Date of Opening of the tender paper: 01.09.2026 at 10.00 AM at the conference Hall, Panchayat samiti,Rairangpur MAYURBHANJ in the presence of the bidders
3. Mode of receipt: Through either regd. Post or speed post only to O/O BDO Rairangpur, Mayurbhanj
4. Envelop should be super-scribed with the name of works for which tender paper is being submitted otherwise will be rejected.

**OIPR-19001/19147/1/26-27/0002** **Sd/- Block Development Officer, Rairangpur**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
E-Mail ID: cerw_blgr@yahoo.co.in
25001/924/2627
**e Procurement Notice**
**IFB IDENTIFICATION NO. EEBLGR-Online-04-2026-27**

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 17 (Seventeen) nos |
| 3. | Approximate Estimated Cost | : | Rs. 2.52 to 6.72 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | : | As per TCN No. EEBLGR-Online-04/2026-27 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division. Bolangir | EEBLGR-online-04/2026-27 | 20.08.2026 at 11.00 A.M | 10.09.2026 upto 5.00PM | 09.09.2026 upto 1.00PM | 11.09.2026 at 11.00A.M |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Bolangir.
**OIPR-25001/25068/1/26-27/0007**





## କଣ୍ଟାପଡ଼ା ଗ୍ରାମରେ ବିକାଶଧାରା ପକ୍ଷରୁ

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜୀବିକା ଓ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





'ବିକଶିତ ଭାରତ-୨୦୪୭' ଏବଂ 'ବିକଶିତ ଓଡ଼ିଶା-୨୦୩୪'ର ପରିକଳ୍ପନାକୁ ସାକାର କରିବା ଲକ୍ଷ୍ୟରେ ବିକାଶଧାରା ପକ୍ଷରୁ ଭୁବେଶ୍ୱରରେ ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ା ଗ୍ରାମ ପଞ୍ଚାୟତର କଣ୍ଟାପଡ଼ା ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଏକ ବୈଠକ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଏବଂ ଜୀବିକାର ଉନ୍ନତି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଉପଯୁକ୍ତ ବ୍ୟବସାୟ ଓ ଆୟବର୍ଦ୍ଧକ କାର୍ଯ୍ୟକଳାପ ଚିହ୍ନଟ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୨୫ ଜଣ ସଦସ୍ୟା ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମୟରେ ସ୍ଥାନୀୟ ବଜାର ସୁଯୋଗ, କ୍ଷୁଦ୍ର ଉଦ୍ୟୋଗ ଓ ମାଇକ୍ରୋ ଏଣ୍ଟରପ୍ରାଇଜ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଂଶଗ୍ରହଣକାରୀମାନେ ନିଜ ଅଞ୍ଚଳରେ ସମ୍ଭାବ୍ୟ ବ୍ୟବସାୟିକ କାର୍ଯ୍ୟକଳାପ ଚିହ୍ନଟ କରି ଆୟ ବୃଦ୍ଧି ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ସଂକଳ୍ପ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବିକାଶଧାରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲିତାରାଣୀ ବେହେରା ସଂଯୋଜନା କରିଥିବା ବେଳେ, ଶ୍ରୀମତୀ ବିଭାବରୀ ମିଶ୍ର ସହଯୋଗ କରିଥିଲେ। ବିକାଶଧାରାର ମେଣ୍ଟର ଆଡଭୋକେଟ୍ ମଧୁସ୍ମିତା ମିଶ୍ର ମହିଳା ଉଦ୍ୟୋଗିତା ବିକାଶ ଏବଂ ଆର୍ଥିକ ସଶକ୍ତିକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। କଣ୍ଟାପଡ଼ା ଗ୍ରାମର ସ୍ଥାନୀୟ ବାସିନ୍ଦା ଓ ବିକାଶଧାରାର ସ୍ୱେଚ୍ଛାସେବୀ ରଘୁନାଥ ମହାପାତ୍ରଙ୍କ ଉଦ୍ୟମରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ଆୟୋଜିତ ଓ ପରିଚାଳିତ ହୋଇଥିଲା। ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନ, ଉଦ୍ୟୋଗ ବିକାଶ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ପାଇଁ ବିକାଶଧାରା ଆଗାମୀ ଦିନରେ ଏଭଳି ସମୁଦାୟ ଭିତ୍ତିକ କ୍ଷମତା ବିକାଶ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି । ଟ୍ରେନ୍ ନମ୍ବର ୧୨୮୩୭ ହାଓ୍ୱଡ଼ା-ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ ଅସ୍ଥାୟୀ ଭାବେ ସଂଯୋଜନ କରାଯିବ। ସେହିଭଳି, ଟ୍ରେନ ନମ୍ବର ୧୮୦୩୦ ଶାଳିମାର-ଲୋକମାନ୍ୟ ତିଳକ ଟର୍ମିନସ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର ଏବଂ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍ ସଂଯୋଜନ କରାଯିବ। ସେହିପରି, ଟ୍ରେନ ନମ୍ବର ୧୮୦୩୯ ଶାଳିମାର-ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୬ ତାରିଖ ୨୦୨୬ରେ ଦୁଇଟି ସ୍ଲିପର୍ କ୍ଲାସ୍ କୋଚ୍ ସଂଯୋଜନ କରାଯିବ। ଟ୍ରେନ ନମ୍ବର ୧୮୦୪୫ ଶାଳିମାର-ଚାର୍ଲାପଲ୍ଲୀ ଏକ୍ସପ୍ରେସ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ। ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ଯାଲାହାଙ୍କା ଏକ୍ସପ୍ରେସରେ ଅଗଷ୍ଟ ୨୦ ତାରିଖରେ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ। ଏଥିସହିତ, ଟ୍ରେନ ନମ୍ବର ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସରେ ଅଗଷ୍ଟ ୧୫ ଓ ୧୬ ତାରିଖରେ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଜନ କରାଯିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ।

# କାନାରା ବ୍ୟାଙ୍କ ପକ୍ଷରୁ "କାନାରା ବିଦ୍ୟା ଜ୍ୟୋତି" ଛାତ୍ରବୃତ୍ତି ବଣ୍ଟନ

**କଟକ, ନ୍ୟୁଜ ବ୍ୟୁରୋ**



କାନାରା ବ୍ୟାଙ୍କ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କାନାରା ବିଦ୍ୟା ଜ୍ୟୋତି ଯୋଜନା-୨୦୨୬ ଅନ୍ତର୍ଗତ କଟକ ଟାଉନହଲ୍‌ଠାରେ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୩୫ଟି ବିଦ୍ୟାଳୟର ପଞ୍ଚମରୁ ଦଶମ ଶ୍ରେଣୀର ୧୦୫ ଜଣ ମେଧାବୀ ଏସ୍‌ସି/ଏସ୍‌ଟି ଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସମାଜର ଅବହେଳିତ ବର୍ଗର ପ୍ରତିଭାବାନ ଛାତ୍ରୀମାନଙ୍କୁ ସଶକ୍ତ ଓ ସୁଦୃଢ଼ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୭ଟି ଶାଖା ଅଂଶଗ୍ରହଣ କରିଥିଲେ। ଏହି ଅବସରେର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ଡିଭିଜନାଲ ମ୍ୟାନେଜର ଅମରେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଦେଇ ମହିଳା ସଶକ୍ତିକରଣ ଓ ସମାଜର ଆର୍ଥିକ ବିକାଶ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥଲେ। କ୍ଷେତ୍ରୀୟ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା ରାଷ୍ଟ୍ର ଗଠନରେ ଛାତ୍ରୀମାନଙ୍କର ଭୂମିକା ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ଥିବା ୬୧ଟି ଶାଖା ମାଧ୍ୟମରେ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଛାତ୍ରୀମାନଙ୍କୁ ମୋଟ୍ ୧୪.୬୪ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ। ମୁଖ୍ୟ ଅତିଥି ଜିଲ୍ଲା କଲ୍ୟାଣ ଅଧିକାରୀ ମଧୁସ୍ମିତା ମହାପାତ୍ର ଏହି କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମହିଳା ସଶକ୍ତିକରଣ ପଦକ୍ଷେପଗୁଡିକର ମାଗର୍ଦଶନ କରାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦର ଉଭୟ...

ହୋଇଥିଲା। କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ହାଲଦ୍ୱାନୀରେ ତାଙ୍କ କାର୍ଯ୍ୟକ୍ରମ ପରେ ହୋଇଥିବା କଥିତ 'ଶୁଦ୍ଧିକରଣ' କାର୍ଯ୍ୟକ୍ରମ ପ୍ରସଙ୍ଗ ଉଠାଇଥିଲେ। ଏହା ପରେ ରାଜ୍ୟସଭାର କାର୍ଯ୍ୟକାଳ ମଧ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହା ସହିତ ସଂସଦର ମୌସୁମୀ ଅଧିବେଶନ ଆନୁଷ୍ଠାନିକ ଭାବେ ସମାପ୍ତ ହୋଇଛି। ଏଠାରେ ଉଲ୍ଲେଖନୀୟ ଅଧିବେଶନ କାଳରେ 'ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ, ୨୦୨୬' ଉପରେ ପ୍ରାୟ ଦଶ ଘଣ୍ଟା ଆଲୋଚନା ହେବା ପରେ ଗୃହରେ ଏକ ସ୍ୱାଭାବିକ ପରିବେଶ ସୃଷ୍ଟି ହୋଇଥିଲା। ତେବେ ମୌସୁମୀ ଅଧିବେଶନର ଗୁରୁବାର ଶେଷ ଦିନରେ, ପୂର୍ବାହ୍ନ ୧୧ଟାରେ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧକ୍ଷତା ଗ୍ରହଣ କରିବା ମାତ୍ରେ, ସେ ସଦସ୍ୟମାନଙ୍କୁ ଜାତୀୟ ଗୀତ 'ବନ୍ଦେ ମାତରମ'କୁ ସମ୍ମାନ ଜଣାଇ ଠିଆ ହେବାକୁ କହିଥିଲେ। ତଥାପି, ବାଚସ୍ପତି ତାଙ୍କର ସମାପନୀ ଭାଷଣରେ ଅଧିବେଶନର କାର୍ଯ୍ୟ, ପାସ ହୋଇଥିବା ବିଲ୍ ଏବଂ 'ବନ୍ଦେ ମାତରମ' ଗାନ କରିବା ପୂର୍ବରୁ ପଚରାଯାଇଥିବା ପ୍ରଶ୍ନଗୁଡ଼ିକ ଉଲ୍ଲେଖ କରିବାର ପରମ୍ପରା ରହିଛି। 'ବନ୍ଦେ ମାତରମ'ର ସମସ୍ତ ଛଅଟି ପଦର ରେକର୍ଡିଂ ବାଜିବା ପରେ, ବାଚସ୍ପତି ଶ୍ରୀ ବିର୍ଲା ଗୃହକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ବିଭିନ୍ନ ଦଳର ପ୍ରମୁଖ ନେତା ଏବଂ ସଦସ୍ୟମାନେ ଗୃହରେ ଉପସ୍ଥିତ ଥିଲେ। ମୁଲତବୀ ପରେ ଏକ ସାମ୍ବାଦିକ ସମ୍ମିଳନୀରେ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଥିଲେ ଯେ ଏହି ଅଧିବେଶନରେ ଲୋକ ସଭାର କାର୍ଯ୍ୟ ୧୯ ପ୍ରତିଶତ ରହିଛି। ସଂସଦର ଚଳିତ ମୌସୁମୀ ଅଧିବେଶନ ଜୁଲାଇ ୨୦ରେ ଆରମ୍ଭ ହୋଇଥିଲା।

### ଗୃହରେ ପ୍ରତିଧ୍ୱନିତ...

ଶେଷ ହେବା ସହିତ ଲୋକସଭା କାର୍ଯ୍ୟକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।ଜାତୀୟ ଗୀତର ସମସ୍ତ ଛଅଟି ପଦ ବାଜିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଇନଗତ ସୁରକ୍ଷା ପ୍ରଦାନ କରୁଥିବା ଆଇନକୁ ଅନୁମୋଦନ ଦେବାର କିଛି ଦିନ ପରେ ସଂସଦରେ ଏହି ଗୀତ ପରିବେଷଣ କରାଯାଇଥିଲା। ଏହି ଆଇନର ବ୍ୟବସ୍ଥା ଅନୁଯାୟୀ, ଜାତୀୟ ଗୀତ ଗାନକୁ ଉଦ୍ଦେଶ୍ୟମୂଳକ ଭାବରେ ବାଧା ଦେବା କିମ୍ବା ରୋକିବା ଏକ ଦଣ୍ଡନୀୟ ଅପରାଧ, ଯାହା ଜାତୀୟ ସଙ୍ଗୀତ ସହିତ ସମାନ ଆଇନଗତ ସ୍ଥିତି ପ୍ରଦାନ କରେ। ଜାନୁଆରୀରେ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା ଯେ ରାଷ୍ଟ୍ରପତିଙ୍କ ଆଗମନ, ତ୍ରିରଙ୍ଗା ଉତ୍ତୋଳନ ଏବଂ ରାଜ୍ୟପାଳଙ୍କ ଅଭିଭାଷଣ ଭଳି ଅବସରରେ 'ବନ୍ଦେ ମାତରମ'ର ସମସ୍ତ ଛଅଟି ପଦ ଗାନ କରାଯିବ। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ ଏବେ ସାରା ଦେଶରେ ଜାତୀୟ ସଙ୍ଗୀତ ସହିତ ଜାତୀୟ ଗୀତ ଗାନ କରାଯିବ। ସେ କହିଛନ୍ତି, 'ପ୍ରଥମ ଥର ପାଇଁ, ଲାଲକିଲ୍ଲାରେ ଜାତୀୟ ସଙ୍ଗୀତ ସହିତ 'ବନ୍ଦେ ମାତରମ' ଗାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଦେଶରେ 'ବନ୍ଦେ ମାତରମ' ଗାନ କଲେ ଭାରତୀୟମାନେ ଗର୍ବର ରୋମାଞ୍ଚ ଅନୁଭବ କରନ୍ତି। ଏହା ଏକ ଐତିହାସିକ ପଦକ୍ଷେପ, ଏବଂ ଆମେ ଦେଶ ପକ୍ଷରୁ କୃତଜ୍ଞତା ପ୍ରକାଶ କରୁଛୁ।' ଦେଶ ୧୫ ଅଗଷ୍ଟ, ୨୦୨୬ରେ ଏହାର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ସୋମବାର ଘୋଷଣା କରିଛନ୍ତି ଯେ ୨୦୨୬ 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ। ଏହି ଐତିହାସିକ ଅବସରକୁ ସ୍ମରଣ କରିବା ପାଇଁ, ପ୍ରଥମ ଥର ପାଇଁ ଲାଲକିଲ୍ଲାର ପ୍ରାଚୀରରୁ ଜାତୀୟ ଗୀତ 'ବନ୍ଦେ ମାତରମ' ସାମୂହିକ ଭାବରେ ଗାନ କରାଯିବ। ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରେ ପହଞ୍ଚିବା ପରେ ଏହି ଗୀତ ପରିବେଷଣ କରାଯିବ।

### ୨୦୩୦ ସୁଦ୍ଧା...

ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଓପିଟିସିଏଲର ସିଏମଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ସ୍କୁଲରେ ଛାତ୍ରଛାତ୍ରୀଙ୍କ ...

ସପ୍ତାହ ପାଳନ ପାଇଁ ପଦକ୍ଷେପ ନିଆଯାଇଛି। ଘଟିଥିବା ଦୁର୍ଘଟଣାଗୁଡିକର ତଦନ୍ତ ସମାପ୍ତ ହୋଇଥିବା ବେଳେ କ୍ଷତିଗ୍ରସ୍ତ ପରିବାରକୁ ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯିବାକୁ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। କିନ୍ତୁ ପାଠ ପଢିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ କଣ ପଦକ୍ଷେପ ନିଆଯାଇଛି ସେ ନେଇ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସଚିବ, ଗଜପତି, ମୟୂରଭଞ୍ଜ, କୋରାପୁଟର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ଇରାନ ଜାଣିଥିଲା ...

କିନ୍ତୁ ପରେ ତାଙ୍କୁ ଗୋପନରେ ବିମାନରୁ ବାହାର କରାଯାଇ ଅନ୍ୟ ଏକ ସାମରିକ ବିମାନକୁ ନିଆଯାଇଥିଲା। ଏହି ସମୟରେ ଏୟାର୍ ଫୋର୍ସ ୱାନ୍‌ରେ କେତେକ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ରହିଥିଲେ। ରିପୋର୍ଟ ଅନୁସାରେ, ଟ୍ରମ୍ପଙ୍କ ସୁରକ୍ଷା ନେଇ ମିଳିଥିବା ସୂଚନାରେ କାନ୍ଧରୁ ଛଡ଼ାଯାଇପାରୁଥିବା ଏକ କ୍ଷେପଣାସ୍ତ୍ର ବିପଦ ସମ୍ପର୍କରେ ମଧ ଚିନ୍ତା ପ୍ରକାଶ ପାଇଥିଲା। ତେବେ ଏହି ଗୁଇନ୍ଦା ସୂଚନାର ମୂଳ ଉତ୍ସ ପ୍ରକାଶ କରାଯାଇନାହିଁ। ଟ୍ରମ୍ପଙ୍କୁ ଗୋପନରେ ବିମାନ ବଦଳାଇ ତୁର୍କୀରୁ ବାହାର କରାଯିବା ଘଟଣା ଏବେ ଆମେରିକାରେ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଟ୍ରମ୍ପଙ୍କ ଠିକଣା ଓ ରହଣୀ ସମ୍ପର୍କରେ ଇରାନ୍ କିପରି ତଥ୍ୟ ପାଇଲା ଏବଂ ସେହି ସୂଚନା କେତେ ବିଶ୍ୱସନୀୟ ଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି।

### ଆଲୁମିନିୟମ ଶିଳ୍ପରେ...

ଭବନରେ ଠାରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ମଧ କରନ ଆଦାନୀ ସାକ୍ଷାତ କରିଥିଲେ। ରାଜ୍ୟର ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆଦାନୀ ଗ୍ରୁପ୍ କରୁଥିବା ନିବେଶ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ଦୀର୍ଘକାଳୀନ ଶକ୍ତି ସୁରକ୍ଷା ଓ ସ୍ୱଚ୍ଛ ଶକ୍ତି ଆକାଂକ୍ଷା କିଭଳି ପୂରଣ ହୋଇପାରିବ ସେ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଲ ଦେବ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### କ୍ୟାନ୍ସରକୁ 'ସୂଚନୀୟ ରୋଗ'...

ପଚାରିଥିଲେ, ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବାଧତାମୂଳକ ନିର୍ଦ୍ଦେଶାବଳୀ କାହିଁକି ଜାରି କରାଯାଇପାରିବ ନାହିଁ? ଦେଶରେ ଏଥିପାଇଁ ଏକ ସମାନ ନୀତି ରହିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ମାମଲା ଏମ୍ସ, ନୂଆଦିଲ୍ଲୀର ସର୍ଜିକାଲ ଡିସିପ୍ଲିନ୍ସ ବିଭାଗର ପୂର୍ବତନ ମୁଖ୍ୟ ଡାକ୍ତର ଅନୁରାଗ ଶ୍ରୀବାସ୍ତବଙ୍କ ଜନସ୍ୱାର୍ଥ ଆବେଦନରୁ ଆସିଛି। ତାଙ୍କ ପକ୍ଷରୁ ଆଇନଜୀବୀ ଗୌରବ କୁମାର ବଂଶଲ ଆବେଦନ ଦାଖଲ କରିଥିଲେ। ୧୨ ଡିସେମ୍ବର ୨୦୨୫ରେ ସୁପ୍ରିମକୋର୍ଟ ଏହି ମାମଲାରେ କେନ୍ଦ୍ର, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଠାରୁ ଜବାବ ମାଗିଥିଲେ। ଆବେଦନରେ ଦେଶବ୍ୟାପୀ କ୍ୟାନ୍ସର ରୋଗୀଙ୍କ ଅନିବାର୍ଯ୍ୟ ରିପୋର୍ଟିଂ ସହ ଏକ କେନ୍ଦ୍ରୀକୃତ ଓ ତତ୍‌କ୍ଷଣାତ୍ ଅଦ୍ୟତନ ହେଉଥିବା ଡିଜିଟାଲ କ୍ୟାନ୍ସର ରେଜିଷ୍ଟ୍ରି ପ୍ରସ୍ତୁତ କରିବାକୁ ମଧ ଦାବି କରାଯାଇଛି। କ୍ୟାନ୍ସରକୁ ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବା ବ୍ୟବସ୍ଥା ନ ଥିବାରୁ ରୋଗ ଓ ମୃତ୍ୟୁ ସମ୍ପର୍କିତ ତଥ୍ୟରେ ଅଭାବ ରହୁଛି ବୋଲି ସଂସଦୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସ୍ଥାୟୀ କମିଟି ମଧ ତାହାର ୧୩୯ତମ ରିପୋର୍ଟରେ କହିଥିଲା। କେତେକ କ୍ଷେତ୍ରରେ କ୍ୟାନ୍ସର ମୃତ୍ୟୁର ପ୍ରକୃତ କାରଣ ଲେଖା ନ ହୋଇ ହୃଦ୍-ଶ୍ୱାସକ୍ରିୟା ବନ୍ଦ ହେବା ଭଳି କାରଣ ଦର୍ଶାଯାଉଥିବାରୁ ତଥ୍ୟରେ ତ୍ରୁଟି ରହୁଛି ବୋଲି କମିଟି ଉଲ୍ଲେଖ କରିଥିଲା। ଏହି ସୁପାରିସକୁ ବିଚାର କରି ଅବଶିଷ୍ଟ ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପଯୁକ୍ତ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ କହିଛନ୍ତି।

# ମଣିପାଲ ହସ୍ପିଟାଲରେ ରକ୍ତଶିକୁଳି ପୀଡ଼ିତାଙ୍କ ସଫଳ ହୃଦ୍‌ଶଲ୍ୟ ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ମଣିପାଲ ହସ୍ପିଟାଲରେ ୩୨ ବର୍ଷୀୟା ରୋଗୀଙ୍କ ଅତ୍ୟନ୍ତ ଜଟିଳ ଓପନ୍-ହାର୍ଟ ସର୍ଜରୀ ସଫଳ ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି । ରକ୍ତହୀନତା ଜନିତ ଆନୁବଂଶିକ ରୋଗ ସିକଲ୍ ସେଲ୍ ଆନେମିଆ ସତ୍ତ୍ୱେ ତାଙ୍କର ଦୁଇଟି ଗମ୍ଭୀର ହୃଦ୍‌ରୋଗର ଚିକିତ୍ସା କରାଯାଇଛି। କାର୍ଡିଓଥୋରାସିକ୍ ରାଷ୍କଲାର ସର୍ଜରୀର ବରିଷ୍ଠ ପରାମର୍ଶଦାତା ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା । ରୋଗୀଙ୍କ ହାତ, ପାଦ ଫୁଲିବା ସହ, ଶ୍ୱାସପ୍ରଶ୍ୱାସରେ କଷ୍ଟ ହେଉଥିଲା। ହୃଦ୍‌ରୋଗ ଯୋଗୁଁ ସେ ବାରମ୍ବାର ଅଚେତ ହୋଇପଡୁଥିଲେ ଓ ପରୀକ୍ଷା ପରେ ତାଙ୍କଠାରେ ତାଙ୍କ ହୃତ୍‌ପିଣ୍ଡରେ ଜନ୍ମଗତ ଭାବେ ଏକ ଛିଦ୍ର (ଆଟ୍ରିଆଲ୍ ସେପ୍ଟାଲ୍ ଡିଫେକ୍ଟ) ମିଳିଥିଲା। ଏଥିସହିତ ତାଙ୍କ ଶରୀରରେ ୬୯% ଶିକୁଳି ରକ୍ତ କୋଷ ଥିଲା। ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ଡାକ୍ତର ଦେବୀ ପ୍ରସାଦ ଆଚାର୍ଯ୍ୟ ରୋଗୀଙ୍କର ଏକ୍ସଚେଞ୍ଜ ଟ୍ରାନ୍ସଫ୍ୟୁଜନ କରିଥିଲେ। ଟ୍ରାନ୍ସଫ୍ୟୁଜନ୍ ହୃତ୍‌ପିଣ୍ଡ ଛିଦ୍ରକୁ ପ୍ୟାଚ୍ ଦ୍ୱାରା ବନ୍ଦ କରାଯାଇଥିଲା ଓ ନଷ୍ଟ ହୋଇଯାଇଥିବା ମାଇଟ୍ରାଲ୍ ରଜ୍ଜୁକୁ ବଦଳାଯାଇଥିଲା ବୋଲି ଡାକ୍ତର ପଟ୍ଟନାୟକ ପ୍ରକାଶ କରିଛନ୍ତି ।



## ୩ କୋଟିରୁ ଅଧିକ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ୨ଅଧିକାରୀ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସହ ଜଡ଼ିତ ଏକ ବଡ଼ ଆର୍ଥିକ ଅନିୟମିତତା ମାମଲାରେ ଓଡ଼ିଶା ଭିଜିଲାନ୍ସ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଦୁଇଜଣ ପୂର୍ବତନ ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ- ଭଞ୍ଜ କିଶୋର ବେହେରା, ପୂର୍ବତନ ଏସଆରଏ, ତିର୍ତ୍ତୋଲ ବ୍ଲକ, ବର୍ତ୍ତମାନ ନାଉଗାଁ ତହସିଲରେ ଏସଆରଏ ଭାବେ କାର୍ଯ୍ୟରତ। ଅନ୍ୟଜଣେ ହେଲେ ପ୍ରଦୀପ୍ତ କୁମାର ମଲ୍ଲିକ, ପୂର୍ବତନ ପିଇଓ, ତିର୍ତ୍ତୋଲ ବ୍ଲକ (ଅବସରପ୍ରାପ୍ତ)। ୨୦୧୧-୧୨ ରୁ ୨୦୨୧-୨୨ ପର୍ଯ୍ୟନ୍ତ ଆର୍ଥିକ ବର୍ଷଗୁଡ଼ିକୁ ନେଇ ହୋଇଥିବା ବ୍ୟାପକ ତଦନ୍ତ ସମୟରେ ଓଡ଼ିଶା ଭିଜିଲାନ୍ସ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟକୁ କେନ୍ଦ୍ର କରି ଦୀର୍ଘଦିନ ଧରି ଚାଲିଥିବା ଏକ ସୁଚିନ୍ତିତ ଆର୍ଥିକ ଅନିୟମିତତାର ପର୍ଦ୍ଦାଫାଶ କରିଛି। ଏଥିରେ ଭଞ୍ଜ କିଶୋର ବେହେରା, ପୂର୍ବତନ ଏସଆରଏ, ପ୍ରଦୀପ୍ତ କୁମାର ମଲ୍ଲିକ, ପୂର୍ବତନ ପିଇଓ ଏବଂ ତତ୍କାଳୀନ ତିର୍ତ୍ତୋଲ ବ୍ଲକର ପୂର୍ବତନ ଏଇଇ ସ୍ୱର୍ଗତ ରାଜଦୀପ ହାଁସଦାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ତିନିଜଣ ଅଭିଯୁକ୍ତ ଅଧିକାରୀ ସରକାରୀ ବେତନ ରେଜିଷ୍ଟର ଏବଂ ଅର୍ଥ ବିତରଣ ସମ୍ବନ୍ଧୀୟ ଦଲିଲରେ ଜାଲିଆତି ଓ ହେରଫେର କରି ସରକାରୀ ଅର୍ଥ ହଡ଼ପ କରିଥିଲେ। ସେମାନେ ଅନୁମୋଦିତ ବଜେଟ୍ ବ୍ୟବସ୍ଥାଠାରୁ ବହୁଗୁଣ ଅଧିକ ମୂଲ୍ୟର ଜାଲି ଓ ଫୁଲାଯାଇଥିବା ବେତନ ବିଲ୍ ପ୍ରସ୍ତୁତ କରି ଦାଖଲ କରିଥିଲେ।

24001/397/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-MBJ-0026-2022-24219 R&DM, Dated:10.06.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଭୋଗବାଟୀ, ଥାନା- ବେତନଟୀ ନଂ. ୧୦୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବେତନଟୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୩୦୩୫ ତା. ୧୭.୧୨.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୪୯୧୩୬ ତା. ୩୦/୧୨/୨୦୨୫ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫/୦୬/୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଭୋଗବାଟୀ, ଥାନା- ବେତନଟୀ ନଂ. ୧୦୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭୋଗବାଟୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୬୪ | ଏକର ୦.୦୩ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୧୫.୦୬.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୨୦/୨୨
ଏ. ୦.୦୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବେତନଟୀ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ
ମୌଜା- ଭୋଗବାଟୀ ଥାନା-ବେତନଟୀ, ନଂ-୧୦୧, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ ଓ ସତ୍ତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 73 | 461 | 1.64 | 0.03 | ଶାରଦ ଦୁଇ | ଦୁଲା ମାଝୀ, ବାଙ୍କୁନ ମାଝୀ, ଚଇନେ ମାଝୀ ପି- ଗାଙ୍ଗୁ ମାଝୀ ଜା- ସାନ୍ତାଳ ବା- ନିଜଗାଁ |
| ମୋଟ | ୧ ପ୍ଲଟକୁ | ଏ. ୧.୬୪ ଡେ.ମି. | ଏ. ୦.୦୩ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
OIPR-24001/24001/3/26-27/0130 ଅତିରିକ୍ତ ଶାସନ ସଚିବ

# ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଗାଦିମଡା କର୍ମଚାରୀଙ୍କ ବଦଳି କେବେ ?

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ବାବୁମାନେ କାର୍ଯ୍ୟ କରୁଥିଲେ ମଧ ପ୍ରଶାସନ ସେମାନଙ୍କଠାରେ ହାତ ମାରି ପାରିଲା ନାହିଁ। ଯେତେବେଳେ କି କିଏ ୩୦ବର୍ଷ ତ ପୁଣି କିଏ ୧୫ବର୍ଷ ଅବା ୧୧ବର୍ଷ ଧରି ଗୋଟିଏ ସ୍ଥାନରେ ରହି କାମ କରୁଥିବା ଦେଖିବାକୁ ମିଳିଛି । ବରିଷ୍ଠ ଷ୍ଟେନୋ ଭବେଶ ଦାସ୧୯୯୫ମସିହାରୁ ଏଠାରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି କାମ କରିବା ପରେ ଅବସର ନେଇଥିଲେ। କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟଦର୍ଶନ ସ୍ୱାଇଁ ୨୦୧୯ମସିହାରୁ ୮ବର୍ଷ ହେଲା ଏଠାରେ କାର୍ଯ୍ୟରତ ଅଛନ୍ତି। ପ୍ରୋଗ୍ରାମ ମ୍ୟାନେଜର ଅବଦୁଲ ରହେମାନ ଖାନ୍ ୨୦୧୧ମସିହାରୁ ୧୫ ବର୍ଷରୁ ଅଧିକ ସମୟ ବିତିଲାଣି । ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତିପ୍ରକାଶ ଦାଶ ୨୦୧୦ମସିହାଠାରୁ କାମ କରୁଥିବା ବେଳେ ଏଠାରେ ତାଙ୍କର ୧୬ବର୍ଷରୁ ଅଧିକ ସମୟ ବିତିଲାଣି। ସେହିପରି ପ୍ରୋଗ୍ରାମ ମ୍ୟାନେଜର ପୁଷ୍ପଲତା ରାଉଳ ମଧ ୨୦୧୩ ମସିହାରୁ କାମ କରୁଥିବା ବେଳେ ତାଙ୍କର ୧୩ ବର୍ଷ ଅତିକ୍ରାନ୍ତ କରିସାରିଲାଣି। ପ୍ରୋଗ୍ରାମ ମ୍ୟାନେଜର ମନମୋହିନୀ ମହାନ୍ତି ୨୦୧୪ ମସିହାରୁ ଅଦ୍ୟାବଧି ସାଢେ ୧୨ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି । ପ୍ରୋଗ୍ରାମ ମ୍ୟାନେଜର ମନିଷା ଗୁପ୍ତା ମଧ ୨୦୧୬ ମସିହାରୁ ୧୦ବର୍ଷ ହେଲା ସମାନ ସ୍ଥାନରେ କାମ କରୁଛନ୍ତି । ଜୁନିୟର ଷ୍ଟେନୋ ମନୋଜ କୁମାର ପରିଡା ୨୦୧୬ ମସିହାରୁ ଦୀର୍ଘ ୧୦ ବର୍ଷ ହେଲା ଗୋଟିଏ ଯାଗାରେ ରହିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ଏ ସମ୍ପର୍କରେ ମତାମତ ନେବାରୁ କହିଛନ୍ତି ଯେ ପ୍ରୋଗ୍ରାମ ମ୍ୟାନେଜରମାନଙ୍କୁ ଠିକା ଭିତ୍ତିରେ ସରକାର ନିଯୁକ୍ତି ଦେଇଛନ୍ତି । ସେମାନଙ୍କ ବଦଳି ବାବଦରେ ସରକାର ନିଷ୍ପତି ନେବେ। ଅନ୍ୟ କିଛି କର୍ମଚାରୀ ସିଧାସଳଖ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଯୁକ୍ତି ପାଇଛନ୍ତି ଓ ଜିଲ୍ଲା ପରିଷଦ କାର୍ଯ୍ୟଳୟର ଅନ୍ୟ କୌଣସି ଶାଖା କାର୍ଯ୍ୟାଳୟ ନଥିବାରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରିବାର ବ୍ୟବସ୍ଥା ନାହିଁ। ରାଜ୍ୟ ସରକାର ପକ୍ଷରୁ ବ୍ୟବସ୍ଥାର ସୁପରିଚାଳନା ତଥା ୩ବର୍ଷରୁ ଉର୍ଦ୍ଧ୍ୱ ରହିଥିବା କର୍ମଚାରୀଙ୍କୁ ବଦଳି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଗାଦି ମାଡି ବସିଥିବା କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ନିୟମ କେବେ କାର୍ଯକାରୀ କରାଯିବ , ତାହା ଜିଲ୍ଲା ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୪ ଅଗଷ୍ଟ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ନନ୍ଦନକାନନରେ ବାଘର ହରିଣ ଶିକାର !

# ପର୍ଯ୍ୟଟକଙ୍କ ଆଖି ସାମ୍ନାରେ ହରିଣକୁ ମାରିଲା ବାଘ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବାଘର ଶିକାରକୁ ନେଇ ଚର୍ଚ୍ଚା ଜୋର ଧରିଛି। ପର୍ଯ୍ୟଟକଙ୍କ ଆଖି ସାମ୍ନାରେ ବାଘ ଏକ ହରିଣକୁ ଶିକାର କରିଥିବା ନେଇ ଦାବି କରାଯାଇଛି । ବାଘ ସଫାରୀ ଭିତରେ ଘଟିଥିବା ଏହି ଘଟଣାର ଦୃଶ୍ୟ କିଛି ପର୍ଯ୍ୟଟକ ମୋବାଇଲ୍ କ୍ୟାମେରାରେ କଏଦ କରିଥିବା ଜଣାପଡ଼ିଛି । ତେବେ ଭାଇରାଲ୍ ହେଉଥିବା ଭିଡିଓର ସତ୍ୟତା ଏବେ ଯାଞ୍ଚ କରାଯାଉଛି । ସୂଚନା ଅନୁସାରେ, ପ୍ରାୟ ୪ ଦିନ ତଳେ ନନ୍ଦନକାନନର ବାଘ ସଫାରୀ ଅଞ୍ଚଳରେ ଏହି ଘଟଣା ଘଟିଥିବା ଦାବି କରାଯାଉଛି । ହଠାତ୍ ଏକ ହରିଣ ବାଘର ନଜରକୁ ଆସିବା ପରେ ବାଘ ତାହାକୁ ଶିକାର କରିଥିବା ଭିଡିଓରୁ ଜଣାପଡୁଛି । ଉପସ୍ଥିତ ପର୍ଯ୍ୟଟକମାନେ ଏହି ଦୃଶ୍ୟର ଫଟୋ ଓ ଭିଡିଓ ଉତ୍ତୋଳନ କରିଥିବା ଜଣାପଡ଼ିଛି। ଏନେଇ ନନ୍ଦନକାନନ ଉପ-ନିର୍ଦ୍ଦେଶକ ପ୍ରଦୀପ ମୀରାସେ କହିଛନ୍ତି, ଚିଡ଼ିଆଖାନାରେ ବାଘ ଭଳି ମାଂସାହାରୀ ପ୍ରାଣୀଙ୍କ ପାଇଁ ନିର୍ଦ୍ଧାରିତ ଖାଦ୍ୟ ବ୍ୟବସ୍ଥା ରହିଥାଏ । ସେହିପରି ହରିଣ ଭଳି ତୃଣଭୋଜୀ ପ୍ରାଣୀଙ୍କୁ ମଧ୍ୟ ରଖାଯାଏ । ଏପରିକି ବାଘ ସଫାରୀ ମଧ୍ୟରେ ମଧ୍ୟ ହରିଣ ରହିଥାଏ । ବାଘକୁ ସଫାରୀ ଭିତରକୁ ଛଡ଼ାଯିବା ପୂର୍ବରୁ ତାକୁ ପର୍ଯ୍ୟାପ୍ତ ଖାଦ୍ୟ ଦିଆଯାଇଥାଏ । ତଥାପି ହରିଣଟିକୁ ବାଘ କେଉଁ ପରିସ୍ଥିତିରେ ଶିକାର କଲା, ତାହାର ତଦନ୍ତ ଚାଲିଛି । ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ନନ୍ଦନକାନନର କିଛି କର୍ମଚାରୀ ବାଘ ସଫାରୀ ଭିତରେ ହରିଣକୁ ଖୋଜାଖୋଜି କରିଥିବା ଉପ-ନିର୍ଦ୍ଦେଶକ କହିଛନ୍ତି। ତେବେ ଏପର୍ଯ୍ୟନ୍ତ ହରିଣର କୌଣସି ଅଂଶ ମିଳିନଥିବା ସେ ସୂଚନା ଦେଇଛନ୍ତି।

## ନିଜ ଘରେ ତ୍ରିରଙ୍ଗା ଉଡାଇଲେ ମୁଖ୍ୟମନ୍ତ୍ରୀ

# ସମସ୍ତଙ୍କୁ ଘରେ ତ୍ରିରଙ୍ଗା ଉଡାଇବାକୁ କଲେ ନିବେଦନ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**

ତ୍ରିରଙ୍ଗା ଆମ ଜାତୀୟ ସ୍ୱାଭିମାନ, ଏକତା ଓ ମହାନ ସଭ୍ୟତାର ଶାଶ୍ୱତ ପ୍ରତୀକ। ଏହା ଆମ ମୁକ୍ତି ସଂଗ୍ରାମର ଅମର ଗାଥା, ବୀର ଶହୀଦଙ୍କ ଅତୁଳନୀୟ ଶୌର୍ଯ୍ୟ ଏବଂ ଆଗାମୀ ପିଢ଼ିର ଅସୁମାରୀ ଆକାଂକ୍ଷାର ଜୀବନ୍ତ ପ୍ରତିଫଳନ। ଗୁରୁବାର ମୋ ବାସଭବନରେ ତ୍ରିରଙ୍ଗା ଉଡ଼ାଇ ମାତୃଭୂମିର ସେବାରେ ନିଜକୁ ସମର୍ପିତ କରିଥିବା ବୀରମାନଙ୍କ ସ୍ମୃତିଚାରଣ କରିବାର ଅନନ୍ୟ ସୌଭାଗ୍ୟ ଲାଭକଲି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେମାନଙ୍କ ତ୍ୟାଗ ଆମର ଐତିହ୍ୟ, ସେମାନଙ୍କ ଦେଶଭକ୍ତି ଆମର ପ୍ରେରଣା; ଏବଂ ସେମାନଙ୍କ ଅମର ବଳିଦାନ ଆମକୁ ପ୍ରତିମୁହୂର୍ତ୍ତରେ ସ୍ମରଣ କରାଇଦିଏ



'ବ୍ୟକ୍ତି ସ୍ୱାର୍ଥଠାରୁ ରାଷ୍ଟ୍ର ସଦା ସର୍ବୋପରି'। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଏକ ନୂତନ ଜାଗରଣ ସୃଷ୍ଟି କରିଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସଂକଳ୍ପ ନେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୋଟି କୋଟି ନାଗରିକଙ୍କୁ ଏକାଠି ବାନ୍ଧିବାରେ ଏହା ସାଜିଛି ଏକ ଶକ୍ତିଶାଳୀ ମାଧ୍ୟମ। ସମସ୍ତେ ଅପୂର୍ବ ଗର୍ବ ଓ ଉତ୍ସାହର ସହ ନିଜ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ପ୍ରତିଟି ଗାଁରୁ ସହର, ନୀଳ ଆକାଶ ତଳେ ଆମର ଏହି ପ୍ରତୀକ ଗୌରବର ସହ ଉଡୁ। ଯାହା ଆମକୁ ମାତୃଭୂମିର ସେବାରେ ସମର୍ପିତ ହେବାପାଇଁ ନିରନ୍ତର ସଙ୍କଳ୍ପବଦ୍ଧ କରିବବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

**ପୁରୀ, ୧୩/୦୮ ନ୍ୟୁଜ ବ୍ୟୁରୋ**

ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଦତ୍ତମହାପାତ୍ର ସେବକମାନେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ସିଂହାର କରିଥିଲେ । ଏହି ବିଶେଷ ନୀତି ପାଇଁ ସନ୍ଧ୍ୟା୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ନ ପାଇ ନିରାଶରେ ଫେରିଥିଲେ। ଅପରାହ୍ନରେ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ମହାପ୍ରଭୁଙ୍କ ବନକଲାଗି ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଦତ୍ତମହାପାତ୍ର ସେବକମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ । ଏହା ଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥିଲା। ତେବେ ଉକ୍ତ ଦିନର ଠାକୁରଙ୍କ ସେବାପୂଜାର ନୀତି ନିର୍ଘଣ୍ଟକୁ ନେଇ ବନକଲାଗିର ଅସଲ ସମୟ ଧାର୍ଯ୍ୟ ହୋଇଥିଲା ।

## କୃଷି ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ୍

# ବାହାର ରାଜ୍ୟ ଗସ୍ତର ୭ ଦିନ ମଧ୍ୟରେ ଦେବାକୁ ପଡ଼ିବ ରିପୋର୍ଟ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**

କୃଷି ଅଧିକାରୀଙ୍କ ବାହାର ରାଜ୍ୟ ଓ ବିଦେଶ ଗସ୍ତକୁ ନେଇ ତାଗିଦ୍ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଭୁବନେଶ୍ୱର କୃଷି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ଅଧିକାରୀ ସମ୍ମିଳନୀରେ ସେ ଅଧିକାରୀମାନଙ୍କୁ କାମର ହିସାବ ମାଗିଛନ୍ତି । ସରକାରୀ ଖର୍ଚ୍ଚରେ ବିଦେଶ କିମ୍ବା ଅନ୍ୟ ରାଜ୍ୟକୁ ଗସ୍ତ କରିଥିବା ଅଧିକାରୀମାନେ କ'ଣ ଶିଖିଲେ, କ'ଣ ଦେଖିଲେ ଏବଂ ତାହା ଓଡ଼ିଶାରେ କିପରି ପ୍ରୟୋଗ କରିବେ, ସେନେଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବେ। ଗସ୍ତ ପରେ ରିପୋର୍ଟ ନଦେଇ ଚୁପ୍ ବସିଲେ ଆଉ ଚଳିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି



ଉପମୁଖ୍ୟମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଶ୍ନ କରିଛନ୍ତି, "ଆମୋଦ ପ୍ରମୋଦ ପାଇଁ କ'ଣ ବାହାର ରାଜ୍ୟକୁ ଯାଉଛନ୍ତି ? ଯଦି ଯାଉଛନ୍ତି, ତେବେ ରାଜ୍ୟରେ ଏହାର ପ୍ରତିଫଳନ କାହିଁକି ଦେଖାଯାଉନାହିଁ ?" ସରକାରୀ ଅର୍ଥରେ ହେଉଥିବା ପ୍ରତ୍ୟେକ ଗସ୍ତର ଖର୍ଚ୍ଚ ଓ ଫଳାଫଳର ହିସାବ ଦେବାକୁ ସେ କହିଛନ୍ତି। କେବଳ ବାହାର ଗସ୍ତ ନୁହେଁ, ପ୍ରତି ମାସରେ କରାଯାଉଥିବା ଫିଲ୍ଡ ଗସ୍ତର ରିପୋର୍ଟ ମଧ୍ୟ ଦାଖଲ କରିବେ କୃଷି ଅଧିକାରୀ। ଏଥିରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି। ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ ସମୟରେ ଫୁଲତୋଡ଼ା, ଉତ୍ତରୀୟ କିମ୍ବା ଗାମୁଛା ଦେବା ପରିବର୍ତ୍ତେ ଅଞ୍ଚଳର କୃଷି ସମସ୍ୟା, ଫିଲ୍ଡ ରିପୋର୍ଟ ଓ ତଥ୍ୟ ପ୍ରଦାନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଶିଥିଳ ପଡ଼ିଥିବା ଶୀତଳ ଭଣ୍ଡାର ପ୍ରକଳ୍ପକୁ ନେଇ ମଧ୍ୟ ଉଦ୍ୟାନ କୃଷି ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ପ୍ରକଳ୍ପଗୁଡ଼ିକୁ ଗତି ଦେଇ କୃଷକଙ୍କ ପାଖରେ ଏହାର ଲାଭ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

## ଆଇନଗତ ବୈଧତା ପରଖିବେ ସୁପ୍ରିମ୍‌କୋର୍ଟ

# ପ୍ରତିବାଦକାରୀଙ୍କ ମୁହଁ ଚିହ୍ନଟ ପାଇଁ ପୁଲିସର ପ୍ରଯୁକ୍ତି ବ୍ୟବହାର

**ନୂଆଦିଲ୍ଲୀ, ୧୩/୦୮**

ଦିଲ୍ଲୀର ଯନ୍ତରମନ୍ତରରେ ନିଟ୍ ପ୍ରସଙ୍ଗକୁ ନେଇ ପ୍ରତିବାଦ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଦିଲ୍ଲୀ ପୁଲିସ ମୁହଁ ଚିହ୍ନଟ ପ୍ରଯୁକ୍ତି ଓ ଅନ୍ୟ ବାୟୋମେଟ୍ରିକ୍ ନଜରଦାରି ବ୍ୟବହାର କରିଥିବା ଅଭିଯୋଗର ଆଇନଗତ ବୈଧତା ପରଖିବେ ସୁପ୍ରିମ୍‌କୋର୍ଟ । ଗୁରୁବାର ଏହି ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି କେରଳର ରାଜ୍ୟସଭା ସାଂସଦ ତଥା ସିପିଆଇ(ଏମ୍) ନେତା ଏ.ଏ. ରହିମ୍ । ତାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମେନକା ଗୁରୁସ୍ୱାମୀ ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଥିଲେ । ଆଇନଜୀବୀ ସୁଭାଷ ଚନ୍ଦ୍ରନ କେଆରଙ୍କ ମାଧ୍ୟମରେ ଆବେଦନ ଦାଖଲ ହୋଇଛି । ଗୁରୁସ୍ୱାମୀ କହିଥିଲେ, ପ୍ରତିବାଦକାରୀଙ୍କ ମୁହଁର ତଥ୍ୟ ବିନା ଅନୁମତିରେ ସଂଗ୍ରହ କରାଯାଇ ଘରୋଇ କମ୍ପାନିଗୁଡ଼ିକ ପାଖରେ ରଖାଯାଉଥିବା ଅଭିଯୋଗ ରହିଛି । ଆବେଦନରେ କୁହାଯାଇଛି, ଜୁନ୍ ୨୦ରୁ ଯନ୍ତରମନ୍ତରରେ ଚାଲିଥିବା ଧାରଣା ସମୟରେ ହଜାର ହଜାର ପ୍ରତିବାଦକାରୀ, ସାମ୍ବାଦିକ ଓ ସାଧାରଣ ଲୋକଙ୍କ ଉପରେ ଲଗାତାର ବାୟୋମେଟ୍ରିକ୍ ନଜରଦାରି କରାଯାଇଥିଲା । ସିସିଟିଭି କ୍ୟାମେରା,



ଡ୍ରୋନ୍, ମୋବାଇଲ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ଗାଡ଼ି ଓ ହାତରେ ଧରାଯାଉଥିବା ଉପକରଣରେ ଫଟୋ ଓ ଭିଡିଓ ସଂଗ୍ରହ କରାଯାଇଥିବା ଅଭିଯୋଗ ହୋଇଛି । ଏହା ସହ 'ଇକ୍ଷଣ' ନାମକ ନଜରଦାରି ଗାଡ଼ି ଓ 'ଅଜ୍‌ନାଲେନ୍ସ' ସ୍ମାର୍ଟ ଚଷମାରେ ତୁରନ୍ତ ମୁହଁ ଚିହ୍ନଟ କରାଯାଉଥିବା ଏବଂ ଏନ୍‌ସିଆରବିର 'ଅଭିଜ୍ଞାନ' ଆପ୍ ମାଧ୍ୟମରେ ଆଙ୍ଗୁଠି ଛାପ ସଂଗ୍ରହ କରାଯାଇ ଏନ୍‌ଏଏଫ୍‌ଆଇଏସ୍ ସହ ମେଳ କରାଯାଉଥିବା ଆବେଦନରେ ଦର୍ଶାଯାଇଛି । ରହିମ୍‌ଙ୍କ ଆବେଦନର ମୁଖ୍ୟ ପ୍ରଶ୍ନ ହେଉଛି, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଅଂଶ ନେଉଥିବା ଲୋକଙ୍କ ବାୟୋମେଟ୍ରିକ୍ ତଥ୍ୟ ନଜରଦାରି କରିବା ପାଇଁ କୌଣସି ଆଇନରେ ପୁଲିସକୁ ଅଧିକାର ଦିଆଯାଇଛି କି ? ଆବେଦନରେ ଦାବି କରାଯାଇଛି ଯେ ଦିଲ୍ଲୀ ପୁଲିସର ପ୍ରତିବାଦ ସମ୍ପର୍କିତ ନିର୍ଦ୍ଦେଶ କିମ୍ବା ୨୦୨୨ର କ୍ରିମିନାଲ୍ ପ୍ରୋସିଜର (ଆଇଡେଣ୍ଟିଫିକେସନ୍) ଆଇନ ମଧ୍ୟ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ଏପରି ନଜରଦାରିକୁ ଅନୁମତି ଦେଉନାହିଁ । ଏହି ନଜରଦାରି ଗୋପନୀୟତା, ମତପ୍ରକାଶର ସ୍ୱାଧୀନତା ଓ ଶାନ୍ତିପୂର୍ଣ୍ଣ ସମାବେଶର ଅଧିକାରକୁ ପ୍ରଭାବିତ କରୁଛି ବୋଲି ଆବେଦନରେ କୁହାଯାଇଛି । ୨୦୧୭ର କେ.ଏସ୍. ପୁଟ୍ଟସ୍ୱାମୀ ରାୟକୁ ଆଧାର କରି ଏହି ପ୍ରଯୁକ୍ତି ବ୍ୟବହାରର ଆଇନଗତ ଆଧାର, ଆବଶ୍ୟକତା ଓ ଆନୁପାତିକତା ଉପରେ ପ୍ରଶ୍ନ ଉଠାଯାଇଛି । ପ୍ରତିବାଦକାରୀଙ୍କ ବାୟୋମେଟ୍ରିକ୍ ତଥ୍ୟ ଏନ୍‌ଏଏଫ୍‌ଆଇଏସ୍, ସିସିଟିଏନ୍‌ଏସ୍ ଓ ଅନ୍ୟ ଡାଟାବେସ୍‌ରୁ ହଟାଇବା ସହ ଘରୋଇ କମ୍ପାନିଗୁଡ଼ିକୁ ଏହି ତଥ୍ୟ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ମଧ୍ୟ ଆବେଦନରେ ଦାବି ହୋଇଛି ।

## ଲାଞ୍ଚ ମାମଲାରେ କୃଷି ଅଧିକାରୀ ଗିରଫ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହେଲେ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର । ୫୦ ପ୍ରତିଶତ ସବସିଡି ଟଙ୍କା ଛାଡ଼ିବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନେଉଥିଲେ ୧୫,୦୦୦ ଟଙ୍କା । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମିଶ୍ରିତ କୃଷି ପ୍ରଣାଳୀ ଅଧୀନରେ ଥିବା ଫାଇଲ୍ ପ୍ରୋସେସ୍ କରିବା ଏବଂ ୫୦ ପ୍ରତିଶତ ସବସିଡି ଟଙ୍କା ଛାଡ଼ିବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୩/୦୮/୨୦୨୬
୩,୮୩,୭୦୫/- ଟଙ୍କା
ସୁନା:- ୦୨ ଗ୍ରାମ୍ ୨୦୦ମିଲିଗ୍ରାମ
ରୂପା:- ୧୨ ଗ୍ରାମ୍ ୨୦୦ମିଲିଗ୍ରାମ୍

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପୂର୍ଣ୍ଣ ଅଭ୍ୟାସ ପରେଡ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**

ମହାତ୍ମା ଗାନ୍ଧୀ ମାର୍ଗରେ ଆସନ୍ତା ଶନିବାର ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ସକାଳ ୮ଟା ୩୦ରୁ ୧୧ଟା ୩୦ ଯାଏ ସେଠାରେ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ତଦାରଖ କରିଥିଲେ। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ପରେଡ କମାଣ୍ଡର ଭାବେ ବାଲିଗୁଡା ଏସଡିପିଓ ଭାବେ କାର୍ଯ୍ୟ କରୁଥିବା ୨୦୨୨ ବ୍ୟାଚର ଆଇପିଏସ୍ ଅଫିସର ଭୋସଲେ ଶୁଭମ ସଞ୍ଜୟଙ୍କ ନେତୃତ୍ୱରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡରେ ପ୍ରାୟ ୫୧ଟି କଣ୍ଟିଜେଣ୍ଟ୍ ଅଂଶଗ୍ରହଣ କରିବେ। ଚଳିତବର୍ଷ ପରେଡରେ ଛତିଶଗଡ଼ର ସଶସ୍ତ୍ର ପୋଲିସ ବଳ ଭାଗ ନେଉଛି। ସେହିପରି କଣ୍ଟିଜେଣ୍ଟ ମଧ୍ୟରେ ୧୨୦ ଇନ୍‌ଫ୍ୟାନଟ୍ରି ବାଟାଲିୟନ,



ଆଇଟିବିପି, ସିଆରପିଏଫ୍, ବିଏସ୍‌ଏଫ୍, ରେଳ ସୁରକ୍ଷା ବଳ ସହ ଓଡ଼ିଶା ପୋଲିସ ଅଧୀନ ବିଭିନ୍ନ ବିଭାଗ, ଅଗ୍ନିଶମ, ଏନ୍‌ସିସି ଏବଂ ସ୍କାଉଟଗାଇଡ୍ ଆଦି ରହିଛନ୍ତି। ଏଥିସହ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରି କଳାକୌଶଳ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ପୂର୍ଣ୍ଣ ଅଭ୍ୟାସ ପରେଡରେ ଉତ୍ସାହର ସହ ବିଭିନ୍ନ କଣ୍ଟିଜେଣ୍ଟ ପ୍ରଦର୍ଶନ କରିବା ସହ କମାଣ୍ଡର ଭୋସଲେ ଶୁଭମ ସଞ୍ଜୟ ମଧ୍ୟ ଦୃଢ ନେତୃତ୍ୱ ନେଇଥିଲେ। ଅପରପକ୍ଷରେ ସ୍ୱାଧୀନତା ଦିବସ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଗାନ୍ଧୀମାର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବଢ଼ାଇ ଦିଆଯାଇଛି। ଏଥିପାଇଁ ୩୦ରୁ ଉର୍ଦ୍ଧ୍ୱ ପ୍ଲାଟୁନ୍ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ଗାନ୍ଧୀମାର୍ଗର ଚତୁଃପାର୍ଶ୍ୱରେ ଥିବା ଛକଗୁଡ଼ିକରେ ମଧ୍ୟ ପୋଲିସ ଫୋର୍ସ ମୁତୟନ ହେବେ। ସାଦା ପୋଷାକରେ ମଧ୍ୟ ପୋଲିସ କର୍ମଚାରୀ ସ୍ଥିତି ଉପରେ ନଜର ରଖିବେ।

# ଶିକ୍ଷାବିତ୍ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଶିକ୍ଷାବିତ୍, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି। ମୁମ୍ବାଇ ସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି। ସେ ଗୁରୁତର ଅସୁସ୍ଥ ଥିବା ଯୋଗୁ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତଃ ମିଶ୍ର ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଫେସର ଡ ମିଶ୍ର ପୁରୀର ଏସ୍‌ସିଏସ୍ କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ।



ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କର ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗଦେଇ ପ୍ରଶାସନିକ ସେବାରେ ନିୟୋଜିତ ରହିଛନ୍ତି। ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ମୁମ୍ବଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ। ଆନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି। ପୁତ୍ର ଡକ୍ଟର ସସ୍ମିତ ମିଶ୍ର ବର୍ତ୍ତମାନ ରାଜ୍ୟସଭା ସାଂସଦ ଥିବାବେଳେ କନ୍ୟା ଡକ୍ଟର ଲିପ୍ସା ମିଶ୍ର ଅବସରପ୍ରାପ୍ତ ପ୍ରଫେସର ଅଟନ୍ତି। ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି।

### "ସମ୍ବାଦ କଳିକା" ସମ୍ପାଦକଙ୍କ ଶୋକ

ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ବିୟୋଗରେ "ସମ୍ବାଦ କଳିକା" ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ବିଶ୍ୱମୋହନ ସାର୍ ଚାଲିଯିବାର ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ। ଉତ୍କଳ ୟୁନିଭରସିଟିରେ ଡକ୍ଟରେଟ କଲାବେଳେ ସେ ମୋର ଗାଇଡ ଥିଲେ। ଆମ ଭିତରେ କେବେ ବି ଗୁରୁ ଶିଷ୍ୟର ସମ୍ପର୍କ ନଥିଲା ବରଂ ସେ ମୋତେ ପୁତ୍ର ତୁଲ୍ୟ ସ୍ନେହ ଆଦର କରୁଥିଲେ। ମୁଁ ପ୍ରାୟ ସମୟ ତାଙ୍କ ଘରକୁ ଯାଏ। ନିୟମିତ ଯିବାଆସିବାରେ ଆମର ସମ୍ପର୍କ ଆହୁରି ଦୃଢ ହୋଇଥିଲା। ସାରଙ୍କ ମିସେସ ମଧ୍ୟ ମୁଁ ଗଲାମାତ୍ରେ ପାଖରେ ବସି ଭଲମନ୍ଦ ପଚାରି ଖୁବ୍ ସ୍ନେହ କରୁଥିଲେ। ବିଶ୍ୱମୋହନ ସାର୍‌ଙ୍କ ଶାନ୍ତ, ନମ୍ର, ଭଦ୍ର, ଅମାୟିକ ଏବଂ ପରୋପକାରୀ ଗୁଣ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ ଥିଲେ। ତାଙ୍କ ନିକଟରେ ଡକ୍ଟରେଟ କରୁଥିବା ଛାତ୍ରମାନଙ୍କୁ ସେ ଯଥା ସମ୍ଭବ ସାହାଯ୍ୟ ସହଯୋଗ କରୁଥିଲେ। ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମ ଗ୍ରହଣ କରିଥିବାରୁ ତାହା ତାଙ୍କ ଆଚାର ବ୍ୟବହାରରେ ସ୍ୱତଃ ବାରି ହୋଇପଡୁଥିଲା। ଆନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ସେ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ଯାହା ଆଇନ ଶିକ୍ଷା ପାଇଁ ଅମୂଲ୍ୟ ସଂପଦ ରୂପେ ପରିଗଣିତ ହୋଇଛି। ତାଙ୍କର ଅକାଳ ବିୟୋଗରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ତାଙ୍କ ଶୋକସନ୍ତପ୍ତ ପରିବାରକୁ ଆନ୍ତରିକ ସମବେଦନା ଜଣାଇବା ସହ ସାର୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି।




### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଆରମ୍ଭ ହେବ ପାଇଲଟ୍ ଭିତ୍ତିରେ ବସ୍ ପ୍ରାଥମିକତା ଲେନ୍ : ଭୁବନେଶ୍ୱରର ୨ ରୁଟ୍ ଚିହ୍ନଟ

**ଭୁବନେଶ୍ୱର, ୧୩/୮ ନ୍ୟୁଜ ବ୍ୟୁରୋ**

ସହରର ଜନପରିବହନ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ନିର୍ଭରଯୋଗ୍ୟ କରିବା ପାଇଁ ଦୁଇଟି ପ୍ରମୁଖ କରିଡରରେ ପାଇଲଟ୍ ଭିତ୍ତିରେ ବସ୍ ପ୍ରାଥମିକତା ଲେନ୍ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ କ୍ରୁଟ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର-ନନ୍ଦନକାନନ (୧୮ କିମି) ଏବଂ ବାଣୀବିହାର-ଶିଶୁ ଭବନ (୫ କିମି) ରୁଟ୍‌କୁ ଚିହ୍ନଟ କରାଯାଇଛି। ଏହି ଲେନ୍‌ରେ ସ୍କୁଲ୍ ବସ୍ ଓ ଜରୁରୀକାଳୀନ ଯାନକୁ ପ୍ରାଥମିକତା ମିଳିବ। ଏହି ବ୍ୟବସ୍ଥା ଦ୍ୱାରା ବସ୍ ଯାତ୍ରା ସମୟ ୧୦ରୁ ୨୦ ପ୍ରତିଶତ କମିବା ଏବଂ ବସ୍‌ର ହାରାହାରି ଗତି ୧୫ରୁ ୨୫ ପ୍ରତିଶତ ବଢ଼ିବା ଆଶା କରାଯାଉଛି। ପାଇଲଟ୍ ଫଳାଫଳ ଆଧାରରେ ଭବିଷ୍ୟତରେ ଭୁବନେଶ୍ୱରର ଅନ୍ୟ ପ୍ରମୁଖ କରିଡରକୁ ମଧ୍ୟ ଏହି ବ୍ୟବସ୍ଥା ସମ୍ପ୍ରସାରଣ କରାଯିବ। ଏ ନେଇ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଚଞ୍ଚଳ ରାଣାଙ୍କ ସମେତ ଅତିରିକ୍ତ ଡିସିପି (ଟ୍ରାଫିକ୍), ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆର୍ ଆଣ୍ଡ ବି, ପୂର୍ତ୍ତ ବିଭାଗ, ବିଡିଏ ଓ ବିଏମସିର ଅଧିକାରୀମାନେ



ଯୋଗଦେଇଥିଲେ। କ୍ରୁଟର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମଙ୍କ ପକ୍ଷରୁ ଏ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଅତିରିକ୍ତ ମୁଖ୍ୟ ସଚିବ ପ୍ରଥମ ପର୍ଯ୍ୟାୟରେ ଅଧିକ ଯାତାୟାତ ଥିବା ଦୁଇଟି କରିଡରରେ ଏହାକୁ ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଇଲଟ୍ କାର୍ଯ୍ୟକାରିତା ତଦାରଖ, ନିରନ୍ତର ମନିଟରିଂ ଏବଂ ଆବଶ୍ୟକ ସୁଧାର ଆଣିବା ପାଇଁ ବହୁ ବିଭାଗୀୟ ଏକ କମିଟି ଗଠନ କରାଯାଇଛି। ପାଇଲଟ୍ ତଥ୍ୟ ଆଧାରରେ ଭବିଷ୍ୟତରେ ଏହି ମଡେଲକୁ ଅନ୍ୟ କରିଡରରେ ବିସ୍ତାର କରାଯିବ। ବିମାନବନ୍ଦର-ନନ୍ଦନକାନନ ଲେନ୍ ସହରର ପ୍ରମୁଖ ପ୍ରଶାସନିକ, ଶିକ୍ଷା, ବାଣିଜ୍ୟିକ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ କରୁଛି। ଏହି କରିଡରରେ ୩୪ଟି ବସ୍ ଷ୍ଟପ୍ ରହିଥିବା ବେଳେ ପ୍ରମୁଖ ରୁଟ୍‌ଗୁଡ଼ିକରେ ପ୍ରତିଦିନ ହାରାହାରି ପ୍ରାୟ ୯ରୁ ୧୦ ହଜାର ଯାତ୍ରୀ ଯାତାୟାତ କରୁଛନ୍ତି। ସେହିପରି ବାଣୀବିହାର-ଶିଶୁ ଭବନ ମାଷ୍ଟର କ୍ୟାଣ୍ଟିନ୍, ରାଜମହଲ, ରାମ ମନ୍ଦିର ଓ ଭୁବନେଶ୍ୱର ରେଳ ଷ୍ଟେସନ୍ ଅଞ୍ଚଳ ସମେତ ପ୍ରମୁଖ ବାଣିଜ୍ୟିକ ଓ ଶିକ୍ଷାନୁଷ୍ଠାନମାନ ରହିଛି । ଏହି ଲେନରେ ୧୫ଟି ବସ୍ ଷ୍ଟପ୍ ରହିଥିବା ବେଳେ ପ୍ରତିଦିନ ପ୍ରାୟ ୫,୦୦୦ରୁ ୬,୫୦୦ ଯାତ୍ରୀ ଯାତାୟାତ କରୁଛନ୍ତି। ପାଇଲଟ୍ ପର୍ଯ୍ୟାୟରେ କର୍ବ-ସାଇଡ୍ ବସ୍ ପ୍ରାଥମିକତା ଲେନ୍ ବ୍ୟବସ୍ଥା ଆପଣାଯିବ। ଏହା ଦ୍ୱାରା ସାଧାରଣ ଯାତାୟାତରେ ସର୍ବନିମ୍ନ ବାଧା ସୃଷ୍ଟି କରି ବସ୍ ଚଳାଚଳରେ ଉନ୍ନତି ଆଣିବା ଲକ୍ଷ୍ୟ ରହିଛି। ପାଇଲଟ୍ ପୂର୍ବରୁ ୧୦ରୁ ୧୨ ସପ୍ତାହ ଧରି ଟ୍ରାଫିକ୍ ସର୍ଭେ, ଲେନ୍ ମାର୍କିଂ, ସାଇନେଜ୍, ବସ୍ ଷ୍ଟପ୍ ଉନ୍ନତି ଓ ଟ୍ରାଫିକ୍ ସିଗ୍ନାଲ୍ ସମନ୍ୱୟ କରାଯିବ। ଏହାପରେ ୩ରୁ ୬ ମାସ ପାଇଲଟ୍ ଚାଲିବ। ଏହି ସମୟରେ ଇଣ୍ଟେଲିଜେଣ୍ଟ ଟ୍ରାନ୍ସପୋର୍ଟେସନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ସହ କାର୍ଯ୍ୟଦକ୍ଷତାର ନିରନ୍ତର ନିରୀକ୍ଷଣ କରାଯିବ। ବସ୍ ପ୍ରାଥମିକତା ଲେନ୍‌ର କାର୍ଯ୍ୟକାରିତା ପାଇଁ କମିଟି ପକ୍ଷରୁ ବିସ୍ତୃତ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରାଯିବ। ଏଥିରେ ଲେନ୍ ବ୍ୟବହାର, ବସ୍ ଚଳାଚଳ ପ୍ରୋଟୋକଲ୍, ନିର୍ଦ୍ଦିଷ୍ଟ ସ୍ଥାନରେ ବସ୍ ରହଣି ଓ ଯାତ୍ରୀ ଉଠାଇବା-ଓହ୍ଲାଇବା ବ୍ୟବସ୍ଥା, ଅନ୍ୟ ରାସ୍ତା ବ୍ୟବହାରକାରୀଙ୍କ ସହ ସମନ୍ୱୟ, ଏନଫୋର୍ସମେଣ୍ଟ ବ୍ୟବସ୍ଥା, ଜରୁରୀକାଳୀନ ଯାନବାହନ ପ୍ରବେଶ, ଘଟଣା ପରିଚାଳନା ଏବଂ ସମ୍ପୃକ୍ତ ବିଭାଗର ଦାୟିତ୍ୱ ନିର୍ଦ୍ଧାରଣ କରାଯିବ। କ୍ରୁଟର ବସ୍ ଚାଳକ ଓ ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ପାଇଲଟ୍ ଆରମ୍ଭ ପୂର୍ବରୁ ଚାଳକ ଓ ଅନ୍ୟାନ୍ୟ ଅପରେସନାଲ୍ କର୍ମଚାରୀଙ୍କୁ ବସ୍ ପ୍ରାଥମିକତା ଲେନରେ ଲେନ୍ ଶୃଙ୍ଖଳା, ପ୍ରବେଶ ଓ ପ୍ରସ୍ଥାନ ପ୍ରୋଟୋକଲ୍, ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷିତ ବସ୍ ରହଣି, ସାଧାରଣ ଯାତାୟାତ ସହ ସମନ୍ୱୟ, ପଥଚାରୀ ସୁରକ୍ଷା, ଜରୁରୀ ପରିସ୍ଥିତି ଏବଂ ଅନୁମୋଦିତ ଏସ୍‌ଓପି ପାଳନ ଆଦି ବିଷୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଏହି ପଦକ୍ଷେପକୁ ୨୪ ଘଣ୍ଟିଆ ମନିଟରିଂ ଏବଂ ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକଗ୍ନିସନ୍ (ସିସିଟିଭି) କ୍ୟାମେରା ଲଗାଯିବ। ଏହା ସହ ଟ୍ରାଫିକ୍ ପୁଲିସ୍ ପକ୍ଷରୁ ଅନ୍-ଗ୍ରାଉଣ୍ଡ ଏନଫୋର୍ସମେଣ୍ଟ କରାଯିବ। ପ୍ରାଥମିକତା ଲେନରେ ଅନଧିକୃତ ଭାବେ ପ୍ରବେଶ କରୁଥିବା ବ୍ୟକ୍ତିଗତ ଯାନ ଏବଂ ବେଆଇନ କର୍ବସାଇଡ୍ ପାର୍କିଂ ବିରୋଧରେ ସ୍ୱୟଂଚାଳିତ ଭାବେ ଇ-ଚାଲାଣ ଜାରି କରାଯିବ। ଆମ୍ବୁଲାନ୍ସ ଓ ଫାୟାର୍ ଟେଣ୍ଡର୍ ଭଳି ଜରୁରୀକାଳୀନ ସେବା ଯାନବାହନକୁ ନିର୍ଦ୍ଦିଷ୍ଟ ପ୍ରାଥମିକତା ଲେନ୍‌ରେ ଅବାଧ ପ୍ରବେଶ ସୁବିଧା ମିଳିବ।




### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com